# ସୃଜନ SRUJAN

## The Creativity Journal

2022, Volume 2, Issue 3



2022, Volume 2, Issue 3

***Editor-in-Chief***
Prof Nilamadhab Kar

***Editorial board***
Dr Suresh Rath
Mrs Nirupama Kar
Mona Dash
Prof Sarat Chandra Rath
Prof Nandini Sahu
Prof Tanmay Panda
Mr Bijay Biswaal
Dr Chinmayi Nath
Dr Suryasnata Tripathy
Mona Lisa Jena
Dr Dinabandhu Sahoo
Shri Harish Chandra Kar
Shri Satya Pattanaik
Dr Aloke Patnaik

**Regional Representatives**
Tapan Panda – America
Satyadeep Acharya – Australia
Pritisikta Panda – Europe
Antaryami Upadhyaya – UK

**Creative Support**
Shreyan Kar, Birmingham
GenX studios, Bhubaneswar

**Publisher**
The Institute of Insight, UK

**Sponsor**
Quality of Life Research and Development Foundation (QoLReF)

**Contact and submit articles at**
srujan.journal@gmail.com OR srujan@instituteofinsight.org

Copyright of all published material in this journal is held by the authors. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

2022, Volume 2, Issue 3

# Contents


| | | |
|---|---|---|
| ବାଞ୍ଛାନିଧି ମହାନ୍ତି | ଗୋପବନ୍ଧୁ ବିୟୋଗେ | 1 |
| **Bijay Biswaal** | **Poetry in motion** | **2** |
| ସରୋଜ ରଞ୍ଜନ ନାୟକ | ଭୋକର ଭୂଗୋଳ | 5 |
| ଜ୍ୟୋତ୍ସ୍ନା ମିଶ୍ର | ତାରକା ଆଖିରେ ଲୁହ | 10 |
| ଅଜୟ କୁମାର ମିଶ୍ର | ଘଣ୍ଟୁ ସାଆନ୍ତଙ୍କ ଷ୍ଟାଚ୍ୟୁ | 12 |
| **Sumitra Mishra** | **Soldiers** | **17** |
| | **Inside the woods** | **17** |
| | **Self or ego** | **19** |
| ମହାଦେବୀ ବର୍ମା<br>ଅନୁବାଦ: ନୀହାରିକା ମଲ୍ଲିକ | ଆମେ ଦୁହେଁ ଅଭିନ୍ନ | 20 |
| | ସ୍ୱପ୍ନାବଦ୍ଧ | 21 |
| | ଆଗନ୍ତୁକ | 22 |
| | ଶୂନ୍ୟପଣ | 23 |
| **Prasanta Kumar Panda** | **War beyond magic realism** | **25** |
| | **Life like this** | **26** |
| | **Human on our own** | **27** |
| ସରୋଜିନୀ ପାଣି | ଅପେକ୍ଷା | 28 |
| | କେଉଁଠି ଖୋଜିବି ତୁମକୁ | 29 |
| | ସମ୍ପର୍କ | 30 |
| **Rishima Mishra** | **Diverse minds** | **31** |
| ଶମ୍ଭୁନାଥ ରାଉଳ | ଲକ୍ଷ୍ମୀପାଦ | 32 |
| | ନନ୍ଦିଘୋଷ | 33 |
| | ଅନ୍ୱେଷଣ | 34 |
| ସ୍ୱାତୀ ବାଳା ମହାପାତ୍ର | ଉର୍ଦ୍ଧାୟନ | 36 |
| ସ୍ମିତା ପଣ୍ଡା | ଅପେକ୍ଷା | 37 |
| **Saptadweepa Sanghamitra** | **The pinky little finger is crying inside the womb** | **38** |
| ମନୋଜ କୁମାର ମହାପାତ୍ର | ବିଷକନ୍ୟା | 41 |
| କିଶୋର ଆକାଶ୍ | ବିଶ୍ୱସ୍ତ ବିଶ୍ୱର ବାଦଶା | 47 |

| | | |
|---|---|---|
| ଯଶୋବନ୍ତ ସେଠୀ | ଧର୍ମପଦ | **55** |
| ମାନସ ରଞ୍ଜନ ମହାପାତ୍ର | କୁହୁଡ଼ି | **57** |
| | ଆଳାପ | **58** |
| ଭରତ ଚନ୍ଦ୍ର ଦାଶ | ପୀୟୂଷ ପସରା | **59** |
| **Mumukshya Tapabrata Baitharu** | **Luminescence of the Mind** | **60** |
| | **Stories: from books to people** | **61** |
| **Jyotsna Mohanty** | **Two sapphire blue eyes** | **62** |
| ପାରମିତା ଷଡ଼ଙ୍ଗୀ | ସମାନତା | **63** |
| | କବିତା ଲେଖିବାର ଅଛି | **64** |
| | ପୁଣି ଆରମ୍ଭ | **65** |
| ଅଲେଖ ନନ୍ଦୀ | ଏକପଦୀ | **67** |
| ପୁଷ୍ପାଞ୍ଜଳି ପଣ୍ଡା | ତମେ ନଥିଲେ | **70** |
| ଶ୍ରୀପ୍ରସାଦ ମହାନ୍ତି | ଅବସୋସ | **71** |
| | ଚଢ଼େଇର ମନ | **71** |
| | ସନ୍ଦେହ | **72** |
| | ମୁଣ୍ଡନ | **73** |
| | ମଦ୍ୟପ | **74** |
| ଦେବଯାନୀ ସ୍ୱାଇଁ | ଗପଟିଏ... | **76** |
| ବିଜୟଲକ୍ଷ୍ମୀ ପଟ୍ଟନାୟକ | ବଂଶୀ | **79** |
| | ସାଆନ୍ତେ ତୁମେ ଅଛ ବୋଲି | **80** |
| | ମୃତ୍ୟୁ ଟିକେ ରହିଯା | **81** |
| **Nilamadhab Kar** | **Bruises** | **83** |
| | **You are not here** | **84** |
| | **There are no ways to yesterdays** | **85** |
| **Sarat Chandra Rath,<br>Manoj Kumar Jena,<br>Bhagirathi Mahasuar,<br>Binodini Patra,<br>Dharanidhar Naik** | **Book Reviews** | **87** |
| | **Information about the journal** | **92** |


**Cover Page Art**
**© Bijay Biswaal, Nagpur, India**



# ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

# Srujan: The Creativity Journal

## Articles for Srujan

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for *an international readership*; with an aim of propagating, promoting Odia literature and creativity worldwide.

Articles ('poem, short story, art, and other creative forms') are invited for the **Srujan: The Creativity Journal**. Please send your selected articles only. Submit one article at a time; for poems you can send up to 3 small poems. Do not send essays and critiques.

This is **a multi-lingual** journal accepting creative articles of translations from and to Odia from different languages; along with article from Odia people writing in other languages.

The journal considers pre-published articles as well (you may have to acquire permission from the original publishers if they have such condition).

Selection of all the submitted articles is done by a peer group, ***except the invited ones***.

## ସୃଜନ ପାଇଁ ଲେଖା

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା, କ୍ଷୁଦ୍ରଗଳ୍ପ, ଚିତ୍ରକଳା, ଆଲୋକଚିତ୍ର ଓ ଅନ୍ୟ ସୃଜନଶୀଳ ଲେଖା ପଠାଇ ପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡ଼ିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ପର୍ଯ୍ୟନ୍ତ ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ପୂର୍ବ ପ୍ରକାଶିତ ଲେଖା ବି ପଠାଇ ପାରିବେ, ଯଦି ସେସବୁର ପୁନଃ ପ୍ରକାଶନ ପାଇଁ ଆପଣଙ୍କ ପାଖରେ ଅନୁମତି ଥାଏ ।

ଆମନ୍ତ୍ରିତ ଲେଖାକୁ ଛାଡିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ ।

Please refer to the 'Instruction to authors' for more information about submission. All the articles should be submitted in Word file, (Unicode font, preferably Kalinga), author's name, address (place and state/country), bio in 100 words, email are essential. Submit to the email below.

The article should be the authors' own creation. Authors will remain responsible for any conflicts about their submission. Editorial board or the publishers will not have any liability.

Looking forward to your submissions.

Editorial Team,
Srujan: the creativity Journal
srujan.journal@gmail.com
srujan@instituteofinsight.org

ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ, ପଠାଇବା ନିହାତି ଦରକାର I ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲକୁ ପଠାନ୍ତୁ I

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ I ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲଂଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ I

**ଆପଣଙ୍କ ଲେଖା ପଠାଇବା ପାଇଁ ଅଶେଷ ଧନ୍ୟବାଦ I**

**ସମ୍ପାଦନା ମଣ୍ଡଳୀ**
**ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ**
srujan.journal@gmail.com
srujan@instituteofinsight.org

**Information about the journal is given at the end of this issue.**

***For further information please contact***
Srujan Editorial Board: srujan.journal@gmail.com
Quality of Life Research and Development Foundation (QoLReF), India: qolref@gmail.com
The Institute of Insight, UK: theinstituteofinsight@gmail.com

# ଗୋପବନ୍ଧୁ ବିୟୋଗେ

## ବାଞ୍ଛାନିଧି ମହାନ୍ତି

କି ଦୁଃଖ ଦେଲା ସତେ ଦଇବ ଆଣି ହେ
ଏହା କେ ଥିଲା ଜାଣି
ଶୁଣିବାକୁ କି ଥିଲା ଏ ଶୋକବାଣୀ ହେ ।୧।
ଉତ୍କଳ ଗଳାହାର କଳା-ମାଣିକ
କୋଟି ସନ୍ତାନ ମେଳେ ଗୋଟି ଗୁଣିକ ହେ
ସେ ଯେ ଉତ୍କଳମଣି
ମଣି ହରା କି ଏବେ ହେଲା ଜନନୀ ହେ ।୨।
ଜନନୀ ଗଣ୍ଡିଧନ ହେ ଗୋପବଂଧୁ
ତୁମ୍ଭ ପରି କେ ହେବ ଦରିଦ୍ର ବଂଧୁ ହେ
ଥିଲ ରଙ୍କ-ରତନ
ରଙ୍କ ପାଇଁ ମୁରୁଛି ଦେଇ ଜୀବନ ହେ ।୩।
ଝୁରୁଛନ୍ତି ଉତ୍କଳ ତରୁଲତାଏ
କାନନ-ଗିରି-ହ୍ରଦ ସରିତ ଯାଏ ହେ
ପଶୁ ପକ୍ଷୀ ନିକର
ଜନ ସମାଜେ ଶୁଣ କି ହାହାକାର ହେ ।୪।
ଝୁରୁଛି ବାରାନିଧି ନୀଳ ଅଚଳେ
ଲହରୀ ଗାତ୍ର କମ୍ପ ଅତି ଚଞ୍ଚଳେ ହେ
କାନ୍ଦେ ବକୁଳ-ବନ
ସତ୍ୟବାଦୀ ନିକୁଞ୍ଜେ ପଲ୍ଲବ-ଘନ ହେ ।୫।
ସରଳ କମନୀୟ ଶାନ୍ତ ମୂରତି
ଅହିଂସା ଅବତାର ଧରମେ ମତି ହେ
ଆହେ ପଣ୍ଡିତ ବର
କାବ୍ୟ କବିତା ରସେ ଲେଖା ସୁନ୍ଦର ହେ ।୬।
୦୦

ବାସୁଦେବପୁରର ଜାତୀୟ କବି ବାଞ୍ଛାନିଧି ମହାନ୍ତି ତାଙ୍କର ଦେଶ ପ୍ରେମର ଉତ୍ତାଳ ତରଙ୍ଗରେ ଓଡ଼ିଶାରେ ଅପୂର୍ବ ଉତ୍ସାହ ଉଦ୍ଦୀପନା ଖେଳାଇ ଦେଇଥିଲେ । ମାତ୍ର ସେ ଥିଲେ ସ୍ୱଳ୍ପାୟୁ । ମାତ୍ର ୪୧ ବର୍ଷ ବଞ୍ଚିଥିଲେ । ୧୯ ଅପ୍ରିଲ ୧୯୩୮ ତାରିଖରେ ତାଙ୍କର ମହାପ୍ରୟାଣ ହୋଇଥିଲା । ତାଙ୍କ ପୂର୍ବରୁ ୧୯୨୮ ଜୁନ ୧୭ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମହାପ୍ରୟାଣ ଘଟିଥିଲା । ଏଥିରେ ବାଞ୍ଛାନିଧିଙ୍କ ବ୍ୟଥିତ ପ୍ରାଣରୁ ଯେଉଁ ମର୍ମସ୍ପର୍ଶୀ କବିତା ଝରି ପଡିଥିଲା, ତାହା ଯେ କେହି ପାଠକର ହୃଦୟକୁ ଗଭୀର ଭାବେ ଦ୍ରବିଭୂତ କରେ । **[Pearls from the Stars – ଓଡ଼ିଶା ମାଟିର ଉଜ୍ଜ୍ୱଳ ନକ୍ଷତ୍ରଙ୍କ କୃତିର ପୁନଃ ଉପସ୍ଥାପନା]**
ସଂଗ୍ରାହକ: ହରିଶ ଚନ୍ଦ୍ର କର

# Poetry in motion

Bijay Biswaal




biswal







∞∞

**Bijay Biswaal**, Indian brand ambassador of iconic WINSORANDNEWTON, London. He plays with watercolor, acrylic, ballpen, etc. He lives in Nagpur, India.

∞∞

# ଭୋକର ଭୂଗୋଳ

## ସରୋଜ ରଞ୍ଜନ ନାୟକ

ସମ୍ମୁଖ ଉତ୍ତର ଆକାଶକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରି ମାଡିଆସୁଥିବା କଳା ମେଘମାଳା ମୋତେ ଆତଙ୍କିତ କରିବାକୁ ଯଥେଷ୍ଟ ଥିଲା। ବର୍ଷାର ଆଶ୍ଳେଷରେ ଭିଜିଯିବା ପୂର୍ବରୁ ଘରେ ପହଞ୍ଚିଯିବାର ଆତୁରତା ମୋର ଗତିକୁ ବଢ଼େଇ ଦେବାକୁ ମୋତେ ଏକରକମ ବାଧ୍ୟ କରୁଥିଲା। ଅଗତ୍ୟା ମୁଁ ମୋଟର ସାଇକେଲ ର ଗତିକୁ ଆଉଟିକେ ବଢ଼େଇଦେଲି।

ସାରା ରାଜ୍ୟକୁ ମୌସୁମୀ ଛୁଇଁ ସାରିଥିଲା। ନିଦାଘ ବୈଶାଖ ଅନ୍ତେ ଆଦ୍ୟ ଆଷାଢ଼ ରେ ମୌସୁମୀ ସ୍ପର୍ଶ ରେ ସାରା ଆକାଶରେ ଯାଦୁର ଝଲକ ଖେଳି ଯାଉଥିଲା। ଝାପସା ଝାପସା ଆକାଶରେ ହଠାତ କଳା ମେଘ ମାଡ଼ିଆସି କେବେ କେବେ ଚମକାଇ ଦେଉଥିଲା ତ କେବେ ଅସରାଏ ନିର୍ଦ୍ଧୁମ ବର୍ଷା ଦେହମନ କୁ ଭିଜାଇ ଦେଉଥିଲା। ଏବେ କିନ୍ତୁ ରୋମାଞ୍ଚ ନୁହେଁ ବରଂ କେମିତି ଏକ ଅଶ୍ୱସ୍ତି ବୋଧ ମୋତେ କରାଗ୍ରତ କରିଥିଲା।

ବିରାଟ ସହରର ଏକ ପାଖରେ ମୋ କର୍ମସ୍ଥଳୀ ଥିବା ବେଳେ ବସାଘରଟି ଥିଲା ପୁରା ବିପରୀତ ଶେଷରେ। କ୍ରମବର୍ଦ୍ଧିଷ୍ଣୁ ସହରର କାୟା ଚତୁର୍ଦ୍ଦିଗକୁ ପରିବ୍ୟାପ୍ତ ହେଉଥିଲା। ସହରରେ ଗୋଟିଏ ନିଜସ୍ୱ ଭୂମି ବା ଗୃହଟିଏ ପାଇଁ ଚାଲିଥିବା ପ୍ରତିଯୋଗିତାରେ ମୁଁ ବି ନିଜକୁ ସାମିଲ କରିଥିଲି। ନିଜ ସମ୍ବଳ ପରିମାପକରେ ସହରର ଶେଷ କୁହାଯାଉଥିବା ସୀମାଠାରୁ ଆହୁରି ଅନେକ ଦୂରରେ ପାହାଡ ତଳି ଆଡ଼କୁ ଗୋଟିଏ ଜାଗା ବହୁ କଷ୍ଟରେ ପାଇଥିଲି ଓ ତତୁର୍ଦ୍ଧ୍ୱ କଷ୍ଟରେ ଘରଟିଏ କରିଥିଲି ଯାହାକି ମୋ ସ୍ତ୍ରୀର ଆଶାନୁରୂପ ହୋଇପାରିନଥିଲା। ସମସ୍ତ ସଞ୍ଚିତ ସମ୍ବଳ ଶେଷ ହେଇଯିବା ପରେ ଓ ଲକ୍ଷ ଲକ୍ଷ ଟଙ୍କାର ଋଣ ପରେ ମୁଁ ମୋର ଆଶାଟିକୁ ପଞ୍ଜୁରୀରେ ବାନ୍ଧି ପକାଇ ଥିଲି। ଯଦିଓ ସ୍ତ୍ରୀ ର ଆଶାନୁରୂପ ଘରଟିର କାମନା ସହିତ ମୁଁ ଏକମତ ଥିଲି କିନ୍ତୁ ପରିସ୍ଥିତିର ତାଡନାରେ ମୁଁ ଥିଲି ନାଚାର। ସେଇ ବାସପୋଯୋଗୀ ବସାଟିରେ ବସା ବାନ୍ଧିଥିଲୁ ଆମେ ତିନିଜଣ। ମୁଁ, ମୋ ସ୍ତ୍ରୀ ଆଉ ଆମ ଛଅ ବର୍ଷର ଟିକି ଝିଅଟି।

ଆମପରି ଆହୁରି କିଛି ଲୋକ ବି ସେପଟେ ନୂଆ ନୂଆ ଘରଦ୍ୱାର କରି ରହୁଥିଲେ। କିନ୍ତୁ କିଛି ଛୋଟିଆ ମୋଟିଆ ଦୋକାନକୁ ଛାଡ଼ି ଅନ୍ୟ କିଛି ନଥିବାରୁ ନିତ୍ୟ ବ୍ୟବହାର୍ଯ୍ୟ ଚଳଣି ପାଇଁ ଆମକୁ ନାତିଦୂରରେ ଥିବା ବଜାର ଉପରେ ନିର୍ଭର କରିବାକୁ ପଡୁଥିଲା। ଝିଅର ସ୍କୁଲ ବି ଦୂରରେ ଥିଲା। ସୌଭାଗ୍ୟକୁ ତାର ସ୍କୁଲ ବସ ଆମ ଛକ ପର୍ଯ୍ୟନ୍ତ ଆସୁଥିଲା ଓ ମୋ ସ୍ତ୍ରୀ ତାକୁ ଘରୁ ବସ ପର୍ଯ୍ୟନ୍ତ ନେବା ଆଣିବା କରୁଥିଲା। ମୁଁ ମୋର କାର୍ଯ୍ୟରେ ସକାଳୁ ବାହାରି ଆସୁଥିଲି ଓ ସନ୍ଧ୍ୟାରେ ଫେରୁଥିଲି। ମୁଁ ହିଁ ପ୍ରାୟ

ଘରର ଯାବତୀୟ ବ୍ୟବହାର୍ଯ୍ୟ ଜିନିଷ ଫେରିଲା ବେଳକୁ ଧରି ଫେରୁଥିଲି । ଆଉ ସେଇଥିପାଇଁ ମୋ ସ୍ତ୍ରୀର ହାତଲେଖା ଚିରୁକୁଟିଟିଏ ସବୁଦିନ ସକାଳୁ ମୋ ପର୍ସ ପାଖରେ ଥୁଆ ହେଇଯାଉଥିଲା। ତାର କାରଣ ବି ଥିଲା । ମୁଁ ବେଳେ ବେଳେ ଅନେକ ଜିନିଷ ଭୁଲି ଯାଉଥିଲି । ଏମିତି ତ ସେହିସବୁ ଜିନିଷ ପାଖରେ ମିଳିବା ସହଜ ନଥିଲା । ତେଣୁ ଏ ଚିରୁକୁଟିର ଇତିହାସ ମୋ ଚତୁରୀ ପତ୍ନୀ ଆରମ୍ଭ କରିଥିଲା । ତା ସତ୍ତ୍ୱେ ଅନେକ ସମୟରେ ମୁଁ ଫେରିବା ରାସ୍ତାରେ ଆଉଥରେ ମନେ ପକେଇ ଦେବା ପାଇଁ ଘରୁ ଫୋନ ଆସୁଥିଲା । ସେଥିପାଇଁ ବେଳେ ବେଳେ ସ୍ତ୍ରୀ'ର ଫୋନ ଦେଖିଲେ ମୁଁ ଉଠାଉ ନଥିଲି । କାରଣ ଫୋନର ବାଜିବା ହିଁ ମୋତେ ମୋର କର୍ତ୍ତବ୍ୟକୁ ସ୍ମରଣ କରେଇ ଦେଉଥିଲା । ଏଣୁ ବାରମ୍ବାର ଗାଡି ଅଟକେଇ ଫୋନ ଶୁଣିବାକୁ ମୁଁ ପସନ୍ଦ କରୁନଥିଲି ।

ଆଜି କିନ୍ତୁ ଫେରିବା ରାସ୍ତାରେ ବାରମ୍ବାର ଫୋନ ବାଜନ୍ତେ ମୁଁ ବାଧ୍ୟ ହେଇ ଗାଡ଼ି ଅଟକେଇ ଶୁଣିଲି ।

ଅଭିଯୋଗରେ ମୋ କାନ ପୂରିଗଲା । ଝିଅ ସ୍କୁଲରୁ ଫେରି ଘରେ ଖାଉନଥିଲା । ସମ୍ଭାବ୍ୟ ବର୍ଷାକୁ ଆଶଙ୍କା କରି ବା ଆଉ କିଛି କାରଣ ଲାଗି ଆମ ପୁରା ଅଞ୍ଚଳରୁ ଲାଇନ କଟି ଯାଇଥିଲା । ତେଣୁ ଟିଭି ବି ବନ୍ଦ । ଝିଅର ଏକା ଜିଦି ଟିଭିରେ ମୋଟୁ ପତଲୁ କାର୍ଟୁନ ଦେଖିଲେ ଯାଇ ସେ ଖାଇବ । ଏହା ଭିତରେ ଦୁଇ ତିନିଟା ବିଧା ବୋଧେ ତା ପିଠିରେ ବସି ସାରିଥିଲା। କାରଣ ଫୋନରେ ତା କାନ୍ଦ ବି ମୋତେ ଶୁଣାଯାଉଥିଲା। ତା ମାଆ ତାକୁ ବହୁ ପ୍ରକାରେ ଯେତେ ଗେଲ୍ହା କରି ବୁଝେଇଲେବି ସେ କାର୍ଟୁନ ନଦେଖିଲେ ଖାଇବନି ବୋଲି ଜିଦି ଧରିଥିଲା । ଶେଷରେ ବାଧ୍ୟ ହେଇ ଓ ବିରକ୍ତିରେ ସ୍ତ୍ରୀ ଫୋନ କରିଥିଲା । ଯେହେତୁ ଅନେକ ସମୟରେ ମାଆ ଅପେକ୍ଷା ସେ ମୋ କଥା ଶୁଣୁଥିଲା ଆଉ ମୋର ପୁରା ଗେଲ୍ହୀ ଝିଅ ଥିଲା, ତେଣୁ ମୁଁ ହିଁ ଥିଲି ଭରସା ।

ଝିଅ ନାଁରେ ତା ମାଆର ଗୋଟିଏ ଅଭିଯୋଗ ଚିରନ୍ତନ ଥିଲା । ସେ ଠିକରେ ଖାଉନି । ସ୍କୁଲ ବସରୁ ଓଲ୍ହେଇବା ମାତ୍ରେ ତା ମାଆର ପ୍ରଥମ କାମଥିଲା ଟିଫିନ ଡବା ତଦାରଖ କରିବା । ଆଉ ଏଇଟା ବି ନିଶ୍ଚିତ ଥିଲା ଯେ ଅଧିକାଂଶ ଦିନ ସେଥିରେ ବଳକା ଖାଦ୍ୟ ଥିବ ଓ ସେଇଠୁ ଘର ଯାଏ ଆରମ୍ଭ ହେଇଯିବ ତା ମାର ବିରକ୍ତି । ପାଠ ଭଲ ପଢୁଛି ବୋଲି ଆଦର ପାଉଥିବା ଝିଅଟି ମୋର ଟିଫିନ ପୁରା ନଖାଇବା ଦୋଷରେ ସର୍ବଦା ଦୋଷୀ ସାବ୍ୟସ୍ତ ହେଉଥିଲା ଓ ଅନେକ ସମୟରେ ବିଚାରପତି ଭାବେ ମୁଁ ଝିଅର ତଥାକଥିତ ଦୋଷକୁ ସମ୍ପୂର୍ଣ୍ଣ କ୍ଷମା କରିଦେଉଥିଲି । ତା ମାଆ କିନ୍ତୁ ଅଭିଯୋଗକାରିଣୀ ଥିଲା ସବୁବେଳେ । ଅନେକ ସମୟରେ ମୁଁ ବି ବୁଝାଉଥିଲି, ଭୋକ କଲେ ସେ ଆପେ ଆପେ ଖାଇବ ନି, ଯିବ କୁଆଡେ। ତାକୁ ସବୁବେଳେ ବାଧ୍ୟ କରନା । ହେଲେ ଠିକରେ ନଖାଇଲେ ସେ ବଢ଼ିବ କେମିତି ? ସବୁ ମାଆଙ୍କ ପରି ସ୍ତ୍ରୀର ବି ଥିଲା ଏଇ ପ୍ରଶ୍ନ । ମୁଁ କହୁଥିଲି ଆଜିଯାଏ କଣ ସେ ପବନ ଖାଇ ବଞ୍ଚିଛି । ବାସ ଏତିକିରେ ଆରମ୍ଭ ହେଇ ଯାଉଥିଲା କଳହର ସୂତପାତ୍ର । କେତେ ସମୟରେ ଝଗଡା ରୂପାନ୍ତରିତ ହେଉଥିଲା ଝିଅ ପିଠିରେ ବିଧାରେ । ମୁଁ ମର୍ମାହତ ହେଉଥିଲି, ଚୁପ ହେଇ ଯାଉଥିଲି ଓ କୋହ ଉଠୁଥିବା ମୋ ଝିଅକୁ କୋଳେଇ ନେଉଥିଲି। ସେଥିପାଇଁ ମୁଁ ଥିଲି ଝିଅର ସବୁଠୁ

ଭଲ ବାପା ଓ ତା ମାଆ ଭାଷାରେ ସପୋର୍ଟର। ଝିଅ ବି ମଝିରେ ମଝିରେ ଅଯଥା ଜିଦି କରୁଥିଲା। ଘରେ ଥିବାବେଳେ ବିନା ଟିଭିରେ, ବିନା କାର୍ଟୁନ ଦେଖାରେ ଖାଉନଥିଲା । ଟିଭି ଚାଲିବ, ତା ମାଆ ତାକୁ ଖୁଆଇବ । ଟିଭି ପରଦାରୁ ଆଖି ହଟୁ ନଥିବ ଝିଅର । ସମୟ ଦେଖି ମାଆ ପାଟିରେ ଖାଦ୍ୟ ଗେଞ୍ଜି ଦେଉଥିବ । ବଳେଇ ବଳେଇ ଖୁଆଉଥିବ ଆଉ ଭଲରେ ଖାଉନି ବୋଲି ଅଭିଯୋଗ କରୁଥିବ। ଯେତେ ଖାଇଲେ ବି ତା ମାଆର ମନ ବୁଝୁନଥିବ । ସେଇ ଚିରାଚରିତ ପ୍ରସଙ୍ଗ ଦେଖି ମୁଁ ବି ବିରକ୍ତ ହୁଏ ବେଳେ ବେଳେ । ଅତ୍ୟଧିକ ଖୁଆଇବା ଅପେକ୍ଷା ଭୋକ ଅନୁସାରେ ଖୁଆଇବାକୁ କହେ। ଏମିତି ବି ମୋ ଦେଖିବାରେ ବୟସ ଅନୁସାରେ ମୋ ଝିଅ ସାମାନ୍ୟ ପୃଥୁଳା ହେଇଯାଉଥିବାର ମୁଁ ଅନୁଭବ କରେ । ହେଲେ ମାଆ ପାଇଁ ସିଏ ଭଲରେ ଖାଉନଥିବା ଓ ଠିକରେ ବଢୁନଥିବା ଓ ଆଜି ପର୍ଯ୍ୟନ୍ତ ନିଜ ହାତରେ ଖାଇ ପାରୁନଥିବା ଝିଅ । ଅବଶ୍ୟ ଏଥିପାଇଁ ଆମେ ବି ଦାୟୀ, କାରଣ ହାତରେ ନିଜେ ଖାଇବାର ସୁଯୋଗ ଆମେ କେବେ ବି ତାକୁ ଦେଇନୁ । ବେଳେବେଳେ ବିରକ୍ତ ହେଇ ମୁଁ ବି କେତେ ଥର ଟିଭି ବନ୍ଦ କରି ଦେଇଛି। କାରଣ ଖାଇବା ବେଳେ ଟିଭି ଦେଖିବା ମୋଟା ପଣର ଏକ କାରଣ ବୋଲି ମୁଁ ଜାଣେ । କିନ୍ତୁ ଝିଅର କାନ୍ଦ ଓ ତା ମାଆର ବିରୋଧ ମୋତେ ସେଥିରୁ କ୍ଷାନ୍ତ କରେ । ଟିଭି ଦେଖିଲେ ତ ସିଏ କିଛି ହେଲେ ଖାଉଛି, ତା ମାଆ ବୁଝେଇ ବାକୁ ଚେଷ୍ଟା କରେ।

ଆଉ ଆଜି ଲାଇନ ନାହିଁ କି ଟିଭି ଦେଖାନାହିଁ କି ଖାଇବା ବି ନାହିଁ । ଝିଅର ଅଯଥା କାନ୍ଦରେ ବିରକ୍ତ ତା ମାଆର କ୍ରୋଧ ଶେଷକୁ ମୋ ଦିଗକୁ ପ୍ରସାରିତ ହେଇ ଚାଲିଲା ।

ବାରମ୍ବାର ଲାଇନ କଟିଯିବା ଜନିତ ଗରମ ଓ ଅନ୍ଧାରରୁ ବର୍ତ୍ତିବା ପାଇଁ କିଛି ଦିନ ତଳେ ଇନ୍ଭର୍ଟରଟିଏ ଘରେ ଲାଗିଲା । ସବୁ ଘରର ଫ୍ୟାନ ଓ ଗୋଟିଏ ବଲ ପାଇଁ ସଂଯୋଗ ଦିଆଗଲା। ସେତେବେଳେ ଟିଭି ପାଇଁ ମଧ ତା' ମାଆ କହୁଥିଲା । ମୁଁ ରାଜି ହେଲିନାହିଁ । ଲଗେଇବାକୁ ଆସିଥିବା ପିଲାଟି ମଧ ମନା କଲା । ମାଡମ ଟିଭି ବହୁତ ଭୋଲ୍ଟେଜ ଟାଣିନେବ । ତାଛଡା ଭବିଷ୍ୟତରେ ଆହୁରି ଯଦି ବଡ଼ ଟିଭି ଲଗାନ୍ତି ତ ଆହୁରି ଲୋଡ ପଡିବ । ଏତେ ଲୋଡ଼ ଇନ୍ଭର୍ଟର ନେଲେ ଶୀଘ୍ର ଖରାପ ହେଇଯିବ। ସ୍ତ୍ରୀ କିଛି କହିଲାନି । ଆଉ ଏବେ ସେଇ ରାଗ ମୋ ଆଡ଼କୁ ସଞ୍ଚରିଗଲା । ଶୀଘ୍ର ଘରକୁ ଆସ। ସେତେବେଳେ କହୁଥିଲି ଇନ୍ଭର୍ଟର କନେକ୍ସନ ପାଇଁ । ଏବେ ସମ୍ଭାଳ ଏ ବଦମାସ ଟୋକିକୁ । ମୋ ମୁଣ୍ଡ ଖାଇସାରିଲାଣି । ମୁଁ ବ୍ୟସ୍ତ ହେଇ ପଡିଲି । ପୁଣି ଝିଅର ଚିତ୍କାର ଶୁଣାଗଲା । ବୋଧେ ଆଉ ଗୋଟେ ମାଡ଼ ବସିଲା । ଏ ପରିସ୍ଥିତିରେ ମୁଁ ନିଶ୍ଚିତ ଥିଲି ଯେ ଏବେ ମୋର କୌଣସି କଥା ଗ୍ରହଣୀୟ ହେବ ନାହିଁ । ଅତଏବ ଶୀଘ୍ର ଘରେ ପହଞ୍ଚିଗଲେ କିଛି ସମାଧାନ ବାହାରିପାରେ ।

ମୁଁ ଗାଡିର ବେଗ ବଢ଼େଇ ଦେଲି । ଚାରିଆଡ଼ ଅନ୍ଧାରିଆ ହେଇ ଆସୁଥାଏ କଳାମେଘର ପ୍ରଭାବରେ । ଲାଗୁଥାଏ ଯେମିତି ଏବେ ବର୍ଷିଯିବ । ଟିକେ ଟିକେ ଶୀତଳ ପବନ ବହିବା ମଧ ଆରମ୍ଭ କରିଦେଇଥିଲା । ବୋଧେ ପାଖରେ କୋଉଠି ବର୍ଷା ହେଇଗଲା । କ୍ରମେ କ୍ରମେ ଟୁପୁ ଟୁପୁ ବର୍ଷା ବି ଆରମ୍ଭ ହେଇଗଲା । ଯଦିଓ ସ୍ୱଳ୍ପ ଥିଲା ତେବେ ମେଘର କାୟା ଯେ ଅବିଳମ୍ବେ ଭୀଷଣ ଆକାର

ଧାରଣ କରିବ ତାର ଆଶଙ୍କାରେ ମୁଁ ଶିହରୀ ଉଠିଲି । ଘର କ୍ରମେ କ୍ରମେ ପାଖ ହେଇ ଆସୁଥିଲା । ବର୍ଷା ଆଗମନରେ ରାସ୍ତା ଘାଟ ବି ଜାମ ହେଇ ଯାଉଥିଲା । ସମସ୍ତେ ନିଜ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପ୍ରତିଯୋଗିତା ଆରମ୍ଭ କରିଦେଲେ ।

କିଛିଦିନ ହେଲା ଦେଖୁଥିଲି, ରାସ୍ତା କଡରେ ମାଟି ଖୋଳା ଚାଲିଛି । ବୋଧେ କୋଉ କେବୁଲ ଆଦି ପଡିବ । ଅନେକ ଜାଗାରେ ମଣିଷ ଜାଗାରେ ମେସିନ କାମ କରୁଥିଲାବେଳେ ଆମ ପଟ ରାସ୍ତାରେ କିନ୍ତୁ କାମ କରୁଥିଲେ କିଛି ଶ୍ରମଜୀବୀ ମହିଳା ଓ ପୁରୁଷ । ବର୍ଷାର ପରିମାଣ ଟିକିଏ ବଢ଼ିଲା । ବାଧ୍ୟ ହେଇ ରାସ୍ତା କଡରେ ଗାଡି ରଖି ଗୋଟେ ବଡ଼ ବରଗଛ ମୂଳେ ଆଶ୍ରୟ ନେଲି । ଏପଟ ରାସ୍ତା ପ୍ରାୟ ନିଛାଟିଆ ଥିଲା । କାରଣ ସହର ସରି ସରି ଆସୁଥିଲା ଓ ମୋ ପରି କିଛି ମାତ୍ର ଲୋକହିଁ ଏପଟେ ଯିବାଆସିବା କରୁଥିଲେ । ବର୍ଷା ପବନ ଆରମ୍ଭ ହୁଅନ୍ତେ ଆସ୍ତେ ଆସ୍ତେ ରାସ୍ତା ଖାଲି ହେଇଗଲା । ଗଛ ତଳେ ମୁଁ ହିଁ ଏକମାତ୍ର ବ୍ୟକ୍ତି । ହଠାତ ନଜର ପଡିଲା ତିନୋଟି ଶିଶୁଙ୍କ ଉପରେ, ବୋଧେ ଭାଇ ଭଉଣୀ । ପାଖରେ ଗଛମୂଳେ ବସି ଖାଉଛନ୍ତି । ଦୁଇଟି ଝିଅ ଓ ଗୋଟିଏ ପୁଅ । ବଡ଼ ଝିଅଟି ପ୍ରାୟ ମୋ ଝିଅ ବୟସର । ତା ତଳ ଝିଅଟି ଚାରି ପାଞ୍ଚ ବର୍ଷ ହେବ । ଆଉ ସାନଟି ଅଢ଼େଇ ତିନି ବର୍ଷର ପୁଅଟିଏ । ଦୁଇ ଝିଅଙ୍କ ଦୁର୍ବଳ ଚେହେରା । ପଞ୍ଜରା ହାଡ଼ ଗଣି ହେଇଯାଉଛି । ପୁଙ୍ଗୁଳା ଦେହ । ଚଡ଼ି ଖଣ୍ଡେ ଖଣ୍ଡେ ପିନ୍ଧିଛନ୍ତି । ସାନ ପୁଅଟି ପୁରା ଲଙ୍ଗଳା ହେଇ ବସି ଖାଉଛି । ଏଇ ପୁଅଟି କିନ୍ତୁ ଗୋଲଗାଲିଆ ହେଇଚି । ଲମ୍ବା ଟିଫିନ ଭିତରେ କିଛି ପଖାଳ ଭାତ । ବେଢ଼ି ବସିଛନ୍ତି ତିନିଜଣ ଯାକ। ଟିଫିନ ଘୋଡଣିରେ କିଛି ପାଣି ପାଣି ଭଳି ଜିନିଷ । କଣ ହେଇପାରେ। ଆମ୍ବୁଲ ପାଣି ନା ଆଉ କିଛି। ଭଲକି ଲକ୍ଷ କଲେବି କିଛି ଠଉରେଇ ପାରିଲିନି । ବଡ଼ଭଉଣୀଟି ହାତ ପୁରେଇ କିଛି ଭାତ ଆଣି ସାନ ଭାଇଟିକୁ ଖୁଆଇ ଦେଉଛି । ସେ ପାଣିରୁ ବି କିଛି ପାଟିରେ ଦେଇ ଦଉଚି । ନିଜେ ବି ଖାଉଛି । ମଝି ଭଉଣୀଟି ନିଜ ହାତରେ ଖାଉଛି । ସାନ ଭାଇଟି ବି ମଝିରେ ମଝିରେ ନିଜେ ଭାତ ଆଣି ଖାଇ ଦେଉଛି ଆଉ କିଛି ତା ହାତରୁ ତଳେ ପଡ଼ି ଯାଉଛି । ବାସ ଏତିକିରେ ବଡ଼ ଭଉଣୀଟି ତା ପିଠିରେ ଗୋଟେ ଲେଖାଏଁ ବିଧା ଦଉଚି ଆଉ ବିଞ୍ଚି ଦେଇଥିବା ଭାତକୁ ମାଟିରୁ ଗୋଟେଇ ଆଣି ପୁଣି ପୁଅ ପାଟିରେ ଦେଇ ଦଉଚି । ମାଡ଼ ଖାଇକି ବି ଛୁଆଟାର କାନ୍ଦ ବୋବା କିଛି ନାହିଁ ବରଂ ଭଉଣୀ ଦେଇଥିବା ଭାତକୁ ଟୁକୁ ଟୁକୁ କରି ଖାଇ ଦେଉଛି । ଅନତି ଦୂରରେ ମାଟି ଖୋଳୁଥିବା ଲୋକଙ୍କର ଛୁଆ ବୋଧେ ଏମାନେ। ବର୍ଷାରେ ବି କାମ ବନ୍ଦ ହେଇନି ତାଙ୍କର । ପିଲାମାନଙ୍କର ଖାଇବା ବୋଧେ ଶେଷ ହେଲା ନା ଭାତ ସରିଗଲା । ଛୋଟ ମୁହଁ ବାଲା ଟିଫିନ ଭିତରେ ତିନୋଟି ହାତ ପଶି ଛାଣି ଆଣୁଛି । ହେଲେ ଭାତ ଆଉ ଆସୁନି । ବୋଧେ ସବୁ ସରିଗଲା । ଭୋକ ବୋଧେ ମେଣ୍ଟିନି। ଆହୁରି ଆହୁରି ଅଣ୍ଡାଳୁଛନ୍ତି ତୋରାଣି ଭିତରେ ଭାତକୁ । ଶେଷକୁ ଟିଫିନକୁ ଟେକିଆଣିଲା ବଡ଼ ନିଜ ମୁଁହ ପାଖକୁ। ପିଇଗଲା କିଛି ତୋରାଣି । ମଝିଆଟି ଅନେଇଛି ବିକଳ ହେଇ । ସାନଟା ଭିଡି ପକାଉଛି ଟିଫିନକୁ ବଡ଼ ମୁଁହରୁ । କିଛି ପିଇ ସାରି ଟିଫିନଟିକୁ ଟିକିଭାଇ ମୁଁହରେ ଲଗାଇଲା ଭଉଣୀ । ସେ ବି କିଛି ପିଇଗଲା । ସାନ ଭଉଣୀ ପାଇଁ ବି କିଛି ରଖିଲା ବଡ଼ । ସେ  ବାକିତକ ଶେଷ କରିଦେଲା । ଏ

ଭିତରେ ପୁଅଟି ତଳେ ପଡିଥିବା ଗୋଟେ ଗୋଟେ ଭାତକୁ ଗୋଟେଇ ଖାଇବାରେ ଲାଗିଲାଣି । ଆହା ଛୁଆମାନଙ୍କର ପେଟ ବୋଧେ ପୂରିଲାନି । ଆହୁରି ଭୋକ । ହେଲେ ଖାଇବାକୁ ଆଉ କିଛି ନାହିଁ । ମୋ ଆଖି ଛଳ ଛଳ ହେଇଗଲା । ପିଲାଦିନେ ସ୍କୁଲରେ ଭୂଗୋଳ ବହିରେ ପଢ଼ିଥିଲି କେମିତି ପୃଥିବୀର ବିଭିନ୍ନତା । କେଉଁଠି ଉତ୍ତୁଙ୍ଗ ଗିରିମାଳା ତ କୋଉଠି ବିରାଟ ସମତଳ ପ୍ରାନ୍ତର । କେଉଁଠି ଘନ ଅନ୍ଧାର ବନଭୂମି ତ କେଉଁଠି କିଲୋମିଟର କିଲୋମିଟର ବ୍ୟାପି ଗୁଳ୍ମହୀନ ବିସ୍ତୀର୍ଣ୍ଣ ବାଲୁକା ମରୁଭୂମି । କେଉଁଠି ଅତଳ ସାଗର ବକ୍ଷ ତ କେଉଁଠି ପ୍ରସ୍ତର ମାଳଭୂମି । ଆଉ ଏବେ ମୋ ଆଖି ଆଗରେ ଭୋକର ଭୂଗୋଳ । ଘରେ ମୋ ଝିଅ ଆଗରେ ଖାଦ୍ୟର ପ୍ରାବଲ୍ୟ, ହେଲେ ଭୋକ ନାହିଁ । ଆଉ ଏଠି ଭୋକର ପ୍ରାବଲ୍ୟ, ଖାଦ୍ୟ ନାହିଁ । ଭୋକର ଭୂଗୋଳ ଭିତରେ ହଜିଯାଉଥିବା ବେଳେ ହଠାତ ପ୍ରକୃସ୍ଥିତ ହେଲି । ପକେଟରେ ଥିବା ଫୋନଟି ବହୁ ସମୟ ଧରି ବାଜି ଚାଲିଥିଲା । କୋଉଠି ପହଞ୍ଚିଲଣି । ଶୀଘ୍ର ଆସୁନ । ବର୍ଷା ପବନ ଆସିଲାଣି । ମୋ କାନରେ କିଛି ଶବ୍ଦ ଯାହା ପଡୁଥିଲା । ମାତ୍ର କିଛି ପ୍ରତିକ୍ରିୟା ମୋ ଭିତରେ ଅନୁଭବ କରିପାରିଲିନି । ଆଖି ଆଗରେ ଦେଖିଥିବା ଦୃଶ୍ୟ ମୋତେ ଜଡ କରିଦେଇଥିଲା । ମସ୍ତିଷ୍କର ତନ୍ତ୍ରୀସବୁ ନିଷ୍କ୍ରିୟ ହେଇ ପଡୁଥିଲେ । ଆଖି ଆଗର ପୃଥିବୀର ଦୃଶ୍ୟ ଲୁହରେ ଝାପସା ହେଇଆସୁଥିଲା । ଭୋକର ଭୂଗୋଳ ମୋତେ ପାଗଳ ପ୍ରାୟ କରିଦେଇଥିଲା । ଛାତି ଭିତରଟା ଯନ୍ତ୍ରଣାରେ କୋରି ହେଇ ଯାଉଥିଲା । ପାଖରେ ଦେଖିବାକୁ କେହି ନଥିଲେ ବି ନେଞ୍ଜେରା ପୋଛିବାର ଅଭିନୟ କରି ଉଦବୃତ୍ତ ଲୁହକୁ ପୋଛି ଯନ୍ତ୍ରବତ ଗାଡ଼ିରେ ବସିଲି । ଅବଶିଷ୍ଟ ରାସ୍ତାଯାକ ମୋ ଆଖି ଆଗରେ ଖାଲି ଭାସମାନ ହେଉଥିଲା ତିନୋଟି କୁନି କୁନି ହାତ ଯିଏ ସଂଗ୍ରାମ କରି ହାରି ଯାଉଥିଲେ ଭୋକର ଯୁଦ୍ଧରେ ।

ଊଊ

**ଡାକ୍ତର ସରୋଜ ରଞ୍ଜନ ନାୟକ**, କର୍ଣ୍ଣ ନାସା ଗଳା ବିଶେଷଜ୍ଞ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଖୋର୍ଦ୍ଧା, ଓଡିଶା । ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟରୁ ସ୍ନାତକ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତି । ଓଡ଼ିଶାର ବିଭିନ୍ନ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟ କରି ଏବେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ। ଓଡ଼ିଆ ଗଳ୍ପ କବିତାରେ ରୁଚି।

ଊଊ

# ତାରକା ଆଖିରେ ଲୁହ

ଜ୍ୟୋସ୍ନା ମିଶ୍ର

'ଅଭିସାରିକା' ଯେ ତାରକା ହେ ତୁମେ
ଆକାଶର ମଲ୍ଲୀମାଳା,
କାହା ପଦଧ୍ୱନୀ ଶୁଣିବାକୁ ବାରେ
ମନେ ମନେ ଲୀଳା ଖେଳା ।।

ନୀଳ ନଭେ ଯେବେ ଜହ୍ନର ଆଲୋକେ
ଫୁଟେ କୋଟି କୋଟି ତାରା,
ଅମୃତ ଏ ସୃଷ୍ଟି ରଜନୀ ରାଣୀର
ଗୋଧୂଳି ଲଗନେ ପରା ।।

ଏ ବିଶ୍ୱ ବ୍ରହ୍ମାଣ୍ଡେ କେଉଁଠୁ ଆସିଛ
ଦେଖାହୁଏ ପ୍ରତିଦିନ,
କିଏ ସେ ଜାଣିଛି ଯାଯାବର ପ୍ରାୟେ
ରାତି ପରେ ଯେ ବିଲୀନ ।।

ସଭ୍ୟତାର ପାଶେ ହୁଅ ଆତଯାତ
ମରୁଭୂମି କାହିଁ ବନ,
ହରଣ କର ଯେ ବିଶାଳ ହୃଦୟ
ତୁମେ ଆଲୋକେ ଚେତନ ।।

ଅଥଳ ସାଗରେ ଉଛୁଳା ଢେଉ ଯେ
ଦେଖେ ତୁମ ବିଶାଳତା,
ଜହ୍ନ କିରଣରୁ ଝରିପଡେ ହସ
କେହି ବି ନଥାଉ ଶ୍ରୋତା ।।

ଚତୁର୍ଦ୍ଦିଗେ ଜୋଛନାର ନିରବତା
ତୁମ ରଙ୍ଗ ଫିକା ପଡେ,

ତଥାପି ଆଖିରେ ରୋମାଞ୍ଚିତ ଲାଗେ
ନଦେଖିଲେ ମନେ ପଡ଼େ ।।

ନଝରୁ ବରଷା ଆକାଶ ଛାତିରୁ
ନଭିଜୁ ଏ ଧରା ପଛେ,
ତୁମ ପାଇଁ କବି ସବୁ ଋତୁ ଲେଖେ
ଲୁହ ଢାଳ ନାହିଁ ମିଛେ ।।

ତୁମର ସମ୍ପର୍କ ମିଠା ସତ କେତେ
ନକ୍ସା ଲମ୍ବା ଜୀବନରେ,
ଜହ୍ନର ଛାଇରେ ଭସା ମେଘ ସାଥେ
ହସୁଥାଅ ଖିଆଲୀରେ ।।

ଭସା ମେଘ ସହ ଚୁକ୍ତି କର ତୁମେ
ଜହ୍ନ ସାଥେ କର ନାଚ,
ବନ୍ଧା ପଡିଯାଏ ସ୍ମୃତିର ଝଲକ
ନଭେ ଆସି ପୁଣି ଲୁଚ ।।

ଅୟୁତ ବ୍ୟଥାର ଛାତିରେ ଦହନ
ଅଳସ ଆଖିର ଆଶା,
ରାତିଟା କାହିଁକି ବିବଶ କରେ ଯେ
ହୃଦରେ ଥାଏ ଭରଷା ।।

ସମୟ ସାଥିରେ ନହୁଅ ନିଷ୍ଠୁର
ନିଜ ଓଠେ ନିଜ ଲୁହ,
ତୁମେ ଚିରଦିନ ଉଜ୍ୱଳ ଝଲକ
ଆୟତ୍ତରେ ରଖ କୋହ ।।

ꝏꝏ

**ଡଃ ଜ୍ୟୋତ୍ସ୍ନା ମିଶ୍ର**, ବାଙ୍କୀ, କଟକ, ଓଡିଶା । ବୃତ୍ତିରେ ହୋମିଓପ୍ୟାଥିକ ଡାକ୍ତର । କବିତାରେ ନିଜର ଭାବକୁ ଉପସ୍ଥାପନା କରନ୍ତି। ସାହିତ୍ୟ ସାଧନା ପାଇଁ ବହୁ ସାରସ୍ୱତ ଅନୁଷ୍ଠାନମାନଙ୍କଠାରୁ ସମ୍ମାନିତ ହୋଇଛନ୍ତି ।

ꝏꝏ

# ଘଣ୍ଟୁ ସାଆର୍‌ଙ୍କ ଷ୍ଟାଚ୍ୟୁ


## ଅଜୟ କୁମାର ମିଶ୍ର


ଜଗନ୍ନାଥ ମାହାପ୍ରୁଙ୍କ ନିତିଦିନିଆଁ ଘଣ୍ଟ ତୁଳସୀ ହୁଏତ ଦିନେ ଓଳିଏ ବନ୍ଦ ହେଇ ଯାଇପାରେ, ଅଷ୍ଟମପହରିଆ ସଂକୀର୍ତ୍ତନିଆଁଙ୍କ ନାଗାଡ଼ି ହରିନାମ କ୍ଷଣେ ମାତ୍ର ଥପ୍ ହେଇପରେ, ମାତ୍ର ଘଣ୍ଟୁ ସାଆରଙ୍କ ନାନାଦି କାରନାମାର ଫଟୋ ବିଭିନ୍ନ ଖବର କାଗଜରେ ଛାପା ହେବା ଆଜିଯାଏ କେବେ ବି ବନ୍ଦ ହେଇନାଇଁ । କାରଣ ଅକାରଣ ଯାହା ହଉ ନା କାହିଁକି, ଘଣ୍ଟୁ ସାଆରେ ଜଣେ ଅତି ବିଚକ୍ଷଣିଆ ଶିକ୍ଷକ । ବୃତ୍ତି-ଶିକ୍ଷକତା, ମାତ୍ର ଦେଉଳଠୁଁ ମୁଖୁଶିଆଳି ବଳିବା ନ୍ୟାୟରେ ପ୍ରବୃତ୍ତି ହେଉଚି ଆପଣା ଢ଼ୋଲପିଟା, ଚଳନ୍ତି ଭାଷାରେ ଆତ୍ମ ବିଜ୍ଞାପନ । ଶିକ୍ଷକତା କରିବା ବେଳେ ଜୀବନସାରା କେବେ ବି କୌଣସି ଛୁଆଙ୍କୁ ଦଣ୍ଡ ଦେବା ତ ଦୂରର କଥା, ସେ ବେତ ଉଁଚାଇ ନାହାନ୍ତି । ଓଡ଼ିଶାରେ ପାଠଶାଳାକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ହେବାର ଦେଢ଼କୋଡ଼ି ବର୍ଷର ଢ଼େର ପୂର୍ବରୁ ଘଣ୍ଟୁ ସାଆରଙ୍କର ଏଇଟା ନିଜସ୍ୱ ଶୈଳୀ । ବୋଧହୁଏ ସରକାରେ ଘଣ୍ଟୁସାଆରଙ୍କ ଠାରୁ ଏଇ କାଇଦା ଗ୍ରହଣ କରିନେଇଚନ୍ତି ।

ଲୋକନାଥ ମାଷ୍ଟ୍ରେ ହେଉଚନ୍ତି ଘଣ୍ଟୁସାଆରଙ୍କ ଅତି ଅଠାଯୋଡ଼ଦିଆ ବନ୍ଧୁ । ତାଙ୍କ ସହ ବହୁ ବର୍ଷ ଧରି ଲଗାତର ଚଳପ୍ରଚଳ ହୋଇ ଆସିଥିଲେ ବି ଲୋକନାଥେ ଘଣ୍ଟୁଙ୍କ ଫିକରିଆ ଚଳଣିରୁ ଫୁଣ୍ଟାଏ ବି ନିଜର କରି ପାରି ନାହାନ୍ତି । ଘଣ୍ଟୁ ନିଜ ଛଇରେ ନିଜ ପାଇଁ ଛାଇଟିଏ ତିଆରି କରିପାରିଚନ୍ତ, କେବେ ବି କୌଣସି ପରିସ୍ଥିତିରେ କାହାର ନିନ୍ଦା କରି ନାହାନ୍ତି । ଶ୍ରେଣୀର ଯେମନ୍ତ ପ୍ରକାରର ତଳିଆ ଛୁଆ ହୁଅନ୍ତୁ ବା ନାମୀ ବାନା ବା ବାଆସ୍ତରିଆ ହୁଅନ୍ତୁ, ସେ ସବୁରି ପ୍ରଶଂସା କରି ଆସିଚନ୍ତି । ପୁଅମାନଙ୍କ ପାଇଁ ତାଙ୍କ ପାଟିରୁ ଛାଏଁ ବାହାରି ଆସେ 'ବାବା ବାଇନରେ', ଆଉ ଝିଅମାନଙ୍କ ପାଇଁ 'ମା ଗେହ୍ଲି ଲୋ' । ଏତିକିରେ କାହା ମନ ଦୁଃଖ ହେବା ଦୂର କଥା, ବରଂ ହନୁମାନ ଛାତିରେ ରାମଫଟୋ ଛାପା ହେବା ଭଳିଆ, ସମସ୍ତଙ୍କ ଲେଖିହେଇ ରହିଯାଏ ଘଣ୍ଟୁଙ୍କ ମହୁଝରା ସଂବୋଧନ ।

ଚଳନ୍ତି ଚଳଣିକୁ ଘଣ୍ଟେ ହାଡ଼େ ହାଡ଼େ ପରଖିଚନ୍ତି । ସେ ତେଣୁ ଭଲ ଭାବେ ଜାଣିଚନ୍ତି ଯେ, ପିଲାଙ୍କୁ ଆକଟ କଲେ, ସେମାନେ ଅତି ଉତପାତିଆ ହେବା ଥୟ । ତେଣୁ ତାଙ୍କ ଢ଼ଙ୍ଗ ପୂରା ଅଲଗା । ଘଣ୍ଟୁସାଆରେ ଜଣେ ଏକନି ଧେଡୁଆ । ମାନ ଅପମାନ ତାଙ୍କର ବିଚାର ନଥାଏ । ସବୁ କଥାରେ ଦାନ୍ତ ନେଫେଡ଼ିବା ତାଙ୍କର ମଜ୍ଜାଗତ ଅଭ୍ୟାସ । ତାଙ୍କର ନିଜର ଦାନ୍ତ ଅଛି ଓ ସେ ବେଦାନ୍ତିଆ ନୁହନ୍ତି, ଏକଥା ଏକ ପ୍ରକାରେ ସେ ସାବ୍ୟସ୍ତ କରନ୍ତି । ଅପମାନକୁ ତାଙ୍କ ଦେହର ମଳି, ଅସମ୍ମାନକୁ ଅଳିଆ ଭାବି ନିଅନ୍ତି ସେ । ଗାଳିରେ ଉତ୍‌କ୍ଷିପ୍ତ ହୁଅନ୍ତିନି, କିନ୍ତୁ ତାଳିରେ ଉଲ୍ଲସିତ ହୁଅନ୍ତି ସେ । ପରୀକ୍ଷା ବୈତରଣୀ ପାର କରାଇବାରେ ଘଣ୍ଟୁ ସାଆରେ ଜଣେ ପୋଖତ ନାଉରିଆ । ତାଙ୍କ ସହଯୋଗର ନାଆରେ ଅନେକ ଅଣପାଠୁଆ ବି ଡିଭିଜନ୍ ହାତେଇ ତରି ଯାଇଛନ୍ତି ।

ପ୍ରତିଟି ପରୀକ୍ଷା ଆଗରୁ ତାଙ୍କ ଦୁଆରେ ଅନେକ ବାର କବାଟକୀଳା ବୈଠକ ବସେ । ରୋଗୀ ଦେଖି ଡାକ୍ତର ଓଷଦ ବତାଇବା ଭଳିଆ, ଘଣ୍ଟୁସାଆରେ କେଉଁ ପିଲାଙ୍କୁ କିଭଳି ଓ କେତେବେଳେ କ'ଣ ଦରକାର, ତାହା କେମିତି କରାଯିବ, ତାହା ବତାଇ ଦିଅନ୍ତି । ଯାହା ଯିଏ ଦେଲା, ସବୁ ତାଙ୍କ ଘରଣୀ ନାହିଁ ନାହିଁ କହୁ କହୁ ଅଣ୍ଟିରେ ରଖନ୍ତି । ବେଙ୍ଗେଳା ପରେ ମେରିପୂଜା ଭଳିଆ, ପରୀକ୍ଷା ଫଳ ବାହାରିବା ପରେ ପରେ ମଧ କେତେ ପାସ ପିଲାଙ୍କର ଘଣ୍ଟୁ ସାଆରଙ୍କ ଘରେ ପ୍ରବେଶ, ପୁଣି ଏକ ପ୍ରକାରର ଗୁରୁପୂଜା ଚାଲେ, ସେ ସବୁ ବି ତାଙ୍କ ଧର୍ମପତ୍ନୀଙ୍କ ଅଣ୍ଟିରେ ଛାଆଁକୁ ପଶେ । ପ୍ରକୃତରେ ସେ ସ୍ତ୍ରୀ ନୁହନ୍ତି, ଅର୍ଦ୍ଧାଙ୍ଗିନୀ ବି ନୁହନ୍ତି, ପତିଙ୍କ ଧର୍ମ କରିଥିବାରୁ ଷୋଳଣା ଧର୍ମପତ୍ନୀ । ସାପୁଆକେଳାର ପଦ୍ମତୋଳା ବେଳର ଆଖି ଦେଖା ଅନ୍ଦାଜ କରି ସାପ ଖେଳିବା ଭଳିଆ, ତାଙ୍କ ଧର୍ମପତ୍ନୀ ସାଆରଙ୍କ ଆଖିଚାଳନାରୁ ସବୁକିଛି କେବଳ ଠଉରେଇ ନିଅନ୍ତିନି, ବରଂ ଗାଢ଼ା ଭାବେ ବୁଝିନିଅନ୍ତି ।

ଲୋକନାଥ ମାଷ୍ଟ୍ରେ ଘଣ୍ଟୁଙ୍କ ଏମନ୍ତ ଅତିରିକ୍ତ ଯୋଗ୍ୟତା କଥା ଜାଣନ୍ତି । କଡ଼ମା କଖାରୁ ନଟାରେ ଶେଷ ବେଳକୁ ଅଧିକ ଫୁଲ ଫୁଟିବା ଭଳିଆ, ଅବସର ପରେ ଘଣ୍ଟୁ ଯେ ଏମନ୍ତ ପ୍ରକାରେ ଘାଣ୍ଟିବେ, ତାହା ତାଙ୍କୁ ଜଣା ନଥିଲା । ମାଙ୍କଡ଼ ବୁଢ଼ା ହେଲେ ଗଛଚଢ଼ା ଛାଡ଼େ, ନା ତିନ୍ତୁଳି ପାକଳ ହେଲେ ଖଟା ଅଂଶ କମିଯାଏ ? ଘଣ୍ଟୁଙ୍କ କାରନାମା ଦେଖୁ ଦେଖୁ ଲୋକନାଥେ ଚକିତ ହେଉଥିଲେ । ଶୁକଦେବଙ୍କୁ ପରୀକ୍ଷିତ ପଚାରିବା ଭଳିଆ, ଲୋକନାଥେ ନିଜ ସଂଶୟକୁ ଚପାଚପି ନକରି, ଦିନେ ବେଳକାଳ ଉଣ୍ଡି ଘଣ୍ଟୁଙ୍କ କାରୁଆପଣର ରହସ୍ୟ ଘର ଖୋଲିବାକୁ ଘନଘନ ଅନୁରୋଧ କଲେ ।

ଲୋକନାଥ ଉବାଚ- ଭାଇ ଦିହେଁ ତ ଏକା ଜାଗାରେ ଚାକିରି କଲେ, ଏକା ନାଆର ଯାତ୍ରୀ ଭଳି ଗୋଟାଏ ଘାଟରେ ଉତୁରିଲେ, ଏକା ସ୍କୁଲରୁ ଅବସର ବି ନେଲେ । ମତେ ତ କାଇଁ କେହି ପିଲା ପଚାରୁ ନାହାନ୍ତି ? ତମ ଘର ଆଗରେ ଏବେବି ପୁରୁଣା ପିଲା ହାଉଯାଉ, ସବୁ ସଭା ସମିତିରେ ତମକୁ ଡ଼କରା । ପ୍ରତି ବ୍ୟାଚ୍ ପିଲାଙ୍କ ବ୍ୟାଚ୍‌ଫିଷ୍ଟରେ କେବଳ ତମେ, ଖବରକାଗଜରେ ତମ ଫଟୋ । ଏ ସଂଶୟ ଫେଡ଼ ବନ୍ଧୁବର !

ଘଣ୍ଟୁ ଉବାଚ- ବନ୍ଧୁବର ! ମନ ମୁନ ଚଇତନ ସବୁ ଥିର କର, ଏକ ଚିତ୍ତରେ ଶ୍ରବଣ କର । ଅନ୍ୟ ମାଷ୍ଟ୍ରଙ୍କ ଭଳି ପିଲାଙ୍କୁ ଗାଳି କରିବା, ତାଗିଦ କରିବା, ଉପଦେଶ ବୋଝ ତାଙ୍କ ମୁଣ୍ଡରେ ଲଦିଦେବା ଆମ୍ଭର ପସନ୍ଦ ନୋହେ, ନଥିଲା, ନୋହିବ । ଯେ ଯେମନ୍ତ ପଥେ ଗମନ୍ତୁ, ଆମ୍ଭ ଦରମା ଠିକ ତ ଆମ୍ଭେ ଠିକ । ପାଠଶାଳା, ମନ୍ଦିରରେ ପିଲାଏ ଠାକୁର, ଆମେ ଏଠାରେ ମାର ତାଳି ଉଠା ଆଳି କରିବା କଥା । ତେଣୁ ମୋ ଚାକିରି ଶ୍ରୀଗଣେଶ ହେବା କାଳରୁ ଆମ୍ଭେ ଏମନ୍ତ ନୀତି ଧରି ଆସିଅଛୁ । ଅଭିଭାବକେ ବି ଏଥିରେ ଷୋଳଅଣା ସନ୍ତୋଷ । ତେଣୁ ପିଲାଏ ମତେ ଝୁରିବା ସାର । ମାତୃକୁଳନାଶନ (ମାଟ୍ରିକ୍ୟୁଲେସନ୍) ପରୀକ୍ଷା ବେଳେ ମୋ ଫିସାଦି ଢଙ୍ଗରେ ମୁଁ ଅନେକଙ୍କୁ ପାରଉତ୍ତାର କରିଚି । ସେଦିନର ପଛଧାଡ଼ିର ଅଗାଡ଼ିମାର୍କା ପିଲାଏ, ଆଜିକା ଦିନରେ ସମାଜର ଆଗଧାଡ଼ିରେ । ସେମାନେ ସ୍କୁଲ୍ ଛାଡ଼ନ୍ତି, ମୁଁ କିନ୍ତୁ ସେମାନଙ୍କ ପିଛା ଛାଡ଼ି ନଥାଏ । ଗୋଟାଏ ବଡ଼ ପାଞ୍ଜିରେ ସେମାନଙ୍କ ନାମ,

ଗ୍ରାମ, ଧାମ, ଠା-ଠିକଣାଦି ଟିପା କରେଇ ରଖିଥାଏ । ବଜାରଘାଟରେ ଦେଖା ହେଲେ ମୋ ଜଳଖିଆ ସେମାନଙ୍କ ତରଫରୁ ହେଇଯାଏ ।

ଲୋକନାଥ ଉବାଚ-ଫେଡ଼ି କୁହ, ଆଜିକା ଦିନରେ ସେମାନଙ୍କ ସହ ତମର ଜଡ଼ାତେଲିଆ ମେଣ୍ଢାବାଳିଆ ସମ୍ପର୍କ କେମିତି ଅତୁଟ ଅଛି ?

ଘଣ୍ଟୁ ଉବାଚ- ଆମ ଏ ଫେବ୍ରିକଲିଆ ଯୋଡ଼, ସବୁକାଳର ଗଣ୍ଠି । ପ୍ରତି ବ୍ୟାଚର ଉତପାତିଆ, ବର୍ଗଉତପାତିଆ, ଘନଉତପାତିଆମାନଙ୍କ ଗତିବିଧି ମୋ ପାଖରେ । ସେମାନେ ଏବେ ରାଜନୀତିରେ । ସେମାନଙ୍କର ମଞ୍ଚ, ସଭା ଓ ମେଣ୍ଟ ଲୋଡ଼ା । ସେମାନଙ୍କ କାନରେ ସୁଲୁପେଇ ଗୁରୁମନ୍ତ୍ର ଦେଇ ବ୍ୟାଚ୍ ଫିଷ୍ଟ କଥା ପୂରେଇଲି । ସାମ୍ଭୋ ଫେଣଠାରୁ ଆଉ ଯୋରରେ ଉଛୁଳି ଉଠିଲେ ସମସ୍ତେ । ତାପରେ ବ୍ୟାଚ୍ ଫିଷ୍ଟ ପାଇଁ ଆଦାୟ ହେଉଥିବା ଚାନ୍ଦାକୁ ମୋ ଜିମା ଦେଲେ । ପରକୁ ପର ଲାଗିଗଲା ବନ୍ଧୁ ମେଳଣ, ଫଅଟ ଉଠାଣ । ଖବରକାଗଜିଆଙ୍କୁ ଡକେଇ ଭୋଜି ଖୋଇ ଫଅଟ୍‌ମାନ କାଗଜରେ ବାହାର କଲୁ । ଗୋଟେ ବ୍ୟାଚ୍ କାମ ଦେଖି ଅନ୍ୟମାନେ ବି ମାତିଲେ । ଥାନର ମୁଣ୍ଡିଆଳ ବୋଲାଉଥିବା ଥାନପତିମାନଙ୍କୁ ଡକେଇ ଏଇ ଫିଷ୍ଟ ବେଙ୍ଗେଳାରେ ଯୋଚିଦେଲୁ ।

ଲୋକନାଥ ଉବାଚ- ତମ ମଗଜକୁ ସଲାମ । ବହୁତ ମୁଣ୍ଡ ଖଟେଇଚ ତମେ ।

ଘଣ୍ଟୁ ଉବାଚ- ଆଉ କ'ଣ ତମ ଭଳିଆ ତାଗିଦ୍ କରି ମୁଁ ଖଟ ମୁଣ୍ଡେଇଥାନ୍ତି ।

ଲୋକନାଥ ଉବାଚ- ବର୍ଷସାରା ଏତେ ଫିଷ୍ଟ କରୁଚ କେମିତି?

ଘଣ୍ଟୁ ଉବାଚ- କିଓ, ଜୀବନସାରା ଇତିହାସ ପଢ଼େଇଚି । ଇଂରେଜମାନେ ଭେଦୁଆ କରି ଭାରତଟାକୁ ମାଡ଼ି ବସିଲେ । ତେଣୁ ଏଇ ନୀତିଟା ମୋର ମୂଳ ମନ୍ତ୍ର । ଗୋଟାଏ ବ୍ୟାଚରେ ଭେଦ ପୂରେଇ ଦେଲେ ସେମାନେ ଚାରି ପାଞ୍ଚ ଭାଗ ହେଇଗଲେ । ଦଳେ ରଜ ପାଳିଲେ, ତ ଆଉ ଦଳେ ଦଶହରା କଲେ । ଦଳେ ଦୋଳ କଲେ ତ ଆଉ ଦଳେ ନୂଆବର୍ଷ ପାଳିଲେ । ତେଣୁ ଦେଡ଼କାଡ଼ି ପିଲାଏ ଦଳ ହେଇ ତିନିକୋଡ଼ିକୁ ଟପିଲେଣି । ପାଞ୍ଜିଟାଏ ଆଣି ଉତପାତିଆମାନଙ୍କୁ ଡକେଇ ମତେ ବର୍ଷକର କ୍ୟାଲେଣ୍ଡର ଥୟ କରିବାକୁ ହେଲା । ଏଇ ଭୋଜି ମଉଛବରୁ ବି ମୋ ଦି'ଛୁଆ ଆଜି ଇଠଜିନିୟରିଂ ପାଠ ସାରିବା ଉପରେ ।

ଲୋକନାଥ ଉବାଚ- ମାନିଗଲି ବନ୍ଧୁ । ତମ ମଗଜକ୍ଷେତରେ କି ସାର ଦେଇଚ କେଜାଣି ଖାଲି ଉର୍ବରତା ।

ଘଣ୍ଟୁ ଉବାଚ- ତମେ ନ୍ୟାୟ ନୀତି ଆଦର୍ଶକୁ ଜପି ଜପି ପାଇଲ କ'ଣ? ମୋ ବୋଝ ମୁଁ ମୁଣ୍ଡେଇ ଚାଲିଚି ତ । ସରକାରୀ ଦଳ ଓ କଳର ଅନେକ ଲୋକ ଆମ ସହ ଅଛନ୍ତି । ଅଗକୁ ପଞ୍ଚାୟତ ଭୋଟ୍ । ମତେ

ଠିଆ ହେବାକୁ ବି କେତେଜଣ ପ୍ରସ୍ତାବ ଦେଇଥିଲେ । ସେମାନଙ୍କ ଫାଶରୁ ମୁକୁଳି ଗଲଇ ଆପେ । ସମସ୍ତେ କହିଲେ ଘଣ୍ଟୁ ସାଆାରେ ନିର୍ଲୋଭ ମଣିଷ । ସେଇ ଭାବମୂର୍ତ୍ତିର ମୁଖାଟା ଏବେ ବି ଠିକ ଅଛି ।

ଲୋକନାଥ ଉବାଚ- ହେଲନି ଠିଆ, ସରପଞ୍ଚ ହେଇଥାନ୍ତ ।

ଘଣ୍ଟୁ ଉବାଚ-ବୁ ଝି ପୁଣି ଅବୁଝା ହେଲ । କିଓ ରାଜନୀତି ଜହ୍ନରାତି, ଆଜି ଥିବ କାଲି ନାହିଁ । ସବୁ ରାଜନୀତିଆ ତ ମୋ ଲୋକ । ମୋର ସୁପରଭୁଜବଳ ଡିଲକ୍ସ ମଗଜବଳ ତମେ ଏ ଯାଏ କଳିପାରିନ ବନ୍ଧୁ! ଟେସନ୍ ପାଖ ଲୋକ ଗାଡ଼ି ଫେଲ୍ ହେବା ଭଳି, ଗଙ୍ଗାକୂଳିଆ ଗଙ୍ଗା ମାହାତ୍ମ୍ୟ ବୁଝି ନପାରିବା ଭଳି ତମେ ମତେ, କଳିବ କେମନ୍ତ?

ଲୋକନାଥ ଉବାଚ- ତମର ଏସବୁ କାରନାମା ଦେଖି ମୁଁ ତ ତୀର୍ଥକାବା । ତମ ଜୀବନରେ କେବେ ବି ୪୦ ମିନିଟିଆ କ୍ଲାସ୍ ଶେଷ କରିନ, ମାତ୍ର ଅବସର ପରେ ତମେ ଏମିତି ବାନ୍ଧି ହେଇ ଯାଇଚ ଯେ ମୋ ୧୪ ପୁରୁଷ ବି ୟାକୁ କଳି ପାରିବ ନାହିଁ । ପ୍ରକୃତରେ ତମର ଗୋଟାଏ ପ୍ରତିମୂର୍ତ୍ତି ଗଢ଼ା ହେବା ଦରକାର ।

ଘଣ୍ଟୁ ଉବାଚ- ହେଲାଣି ସାଙ୍ଗ ହେଲାଣି । ଆଉ ଅଳ୍ପ ଦିନରେ ସେଇଟା ଥାପନା ହବ । କିନ୍ତୁ ଟିକେ କେଁ ପଶିଚି ।

ଲୋକନାଥ ଉବାଚ- କେଁ ପୁଣି କ'ଣ?

ଘଣ୍ଟୁ ଉବାଚ- ମୁଁ ଯେଉଁମାନଙ୍କୁ ଠେଲିପେଲି ମେଟ୍ରିକ ବୈତରଣୀ ପାର କରେଇଥିଲି, ସେମାନଙ୍କ ମଧ୍ୟରୁ ତିନିଟା ଏବେ ମନ୍ତ୍ରୀ, ଛଅଟା ଏମ୍.ଏଲଏ । ସରପଞ୍ଚଙ୍କୁ ହିସାବ ରଖୁଚି କିଏ ? ମୋ ଷ୍ଟାଚ୍ୟୁ ହେଲେ ଫିତା କାଟିବ କିଏ ? ତାକୁ ନେଇ ଏବେ ମହାଭାରତ ଆରମ୍ଭ ହେଲାଣି । ତଥାପି ଗାଏମୋଟ ପାଞ୍ଚଟା ଷ୍ଟାଚ୍ୟୁ ଗଢ଼ା ହେଲାଣି । ତାକୁ ଥାପନା କରିବାକୁ ଥାନ ଖୋଜା ଚାଲିଚି ।

ଲୋକନାଥ ଉବାଚ- ହଇୟେ ତମକୁ କ'ଣ ଥାନ ଅଭାବ ? ତମ ଘର ଆଗରେ ଗୋଟେ, ହାଣ୍ଡିପକା ଛକମୁଣ୍ଡରେ ଗୋଟେ, ପଞ୍ଚାୟତ ଅଫିସ୍ ଆଗରେ ଗୋଟେ, ନଈଘାଟରେ ଗୋଟେ, ଆଉ ଶେଷଟା--

ଘଣ୍ଟୁ ଉବାଚ- ତେବେ ଶେଷଟା କେଉଁଠି କହୁନା ?

ଲୋକନାଥ ଉବାଚ- ସେଇଟା କହିଲେ ତମେ ଖରାପ ଭାବିବ । ନା ଥାଉ ।

ଘଣ୍ଟୁ ଉବାଚ- ଛକିପାଞ୍ଚି ନହେଇ କହ ବନ୍ଧୁ ।

ଲୋକନାଥ ଉବାଚ- ସେଇଟା ଆମ ଗାଁମୁଣ୍ଡ ସରକାରୀ ମଶାଣିରେ ।

ଘଣ୍ଟୁ ଉବାଚ- ହଇୟେ! ତମେ ବନ୍ଧୁ ନା ବନ୍ଧୁକ ? ନକହି ନକହି ଭଲ କଥା କହିଲ, ମୋ ମଗଜର ବାରୁଦଗଦାରେ ନିଆଁ ଲଗେଇଦେଲ ।

ଦଳେ ଗଣ୍ଡି ଉତପାତିଆଙ୍କ ଉଚ୍ଛାଳ କୁହାଟ କ୍ରମେ ନିକଟତର ହେଉଥିଲା । "ଘଣ୍ଟୁ ମାଷ୍ଟ୍ର ମୁର୍ଦ୍ଦାବାଦ, ମୁର୍ଦ୍ଦାବାଦ ମୁର୍ଦ୍ଦାବାଦ" । ୟାକୁ ଶୁଣୁ ଶୁଣୁ ଆଚମ୍ଭିତ ହେଇ ଘଣ୍ଟୁ ସେ ଆଡ଼କୁ ଅନେଇଲେ । କିଓ ସୂର୍ଯ୍ୟ ଆଜି କୁଆଡ଼େ ଉଦୟ ହେଇଚନ୍ତି ? କହିଲା ଭଳିଆ ଦି'କୋଡ଼ି ବରଷର ପ୍ରଶଂସା ଫଳ କ୍ଷଣକରେ କ'ଣ ଅଗି ପାଉଁଶ ହେଲା ଭଳିଆ ପୋଡ଼ିଗଲା ? ଏମନ୍ତ କାଣ୍ଡ କିଏ କରିପାରେ, ତା' କପାଳ ବାମ ହେଲା ଜାଣ ।

ମୁଚୁକୁନ୍ଦିଆ ହସ ହସୁଥିଲେ ବନ୍ଧୁ ଲୋକନାଥେ । ଘଣ୍ଟୁଙ୍କ ସହିତ ଅତି ଅନ୍ତରଙ୍ଗ ଆଳାପକୁ ଆଗରୁ ବହୁବାର ରେକର୍ଡ଼ କରି ତାଙ୍କ ଗ୍ରୁପରେ ବାଣ୍ଟି ଦେଇଥିଲେ । ସେଇ ଦଳ ଆଜି ନିଆଁହୁଳା ଧରି ହାଜର ।

ଗୋଟାଏ ପଟୁ ମୁର୍ଦ୍ଦାବାଦ, ବିରୋଧିଙ୍କର ଜିନ୍ଦାବାଦ । ଉଠିଲା ମୂଳିଆ ଠେଙ୍ଗା, କଣ୍ଡା ଭୁଜାଲି ବି ଆଗୁସାର ହେଲେ । ଏମନ୍ତ ବେଳେ ବାଡ଼ିପଟ କବାଟ ଖୋଲି ଘଣ୍ଟୁ ଫେରାର ହେବାକୁ ଉଦ୍ୟମ କଲାବେଳକୁ କାବୁଲା ଓ କାଳିଆ ଖାପୁଲା ମାରି ତାଙ୍କ ଦୁଇ ଡେଣାକୁ ଜିଡ଼ିଧରି ଗତ ଏଗାର ବର୍ଷର ବନ୍ଧୁ ମିଳନ ଚାନ୍ଦାର ହିସାବ ମାଗୁଥିଲେ । ବଗୁଲା ନଣ୍ଡା ହେରିକା କହୁଥିଲେ- 'କେଣେ ଖସୁଚ ହୋ ଗୁରୁଦେବ' ?

ଘଣ୍ଟୁ ଗୋଟାପଣେ ବରଡ଼ା ପତର ଭଳି ଥରୁଥିଲେ, ତ୍ରାହି ତ୍ରାହି ଡାକୁଥିଲେ । ଖଣ୍ଡପ୍ରଳୟ ଭିତରୁ ତାଙ୍କର ଶେଷ ଷ୍ଟାଚ୍ୟୁଟାକୁ ଲୋକେ ମଶାଣି ଆଡ଼େ ଉଠାଇ ନେଉଥିଲେ । ଦର୍ପଭରା ମଣିଷର ଶେଷ ସ୍ୱର ସେ ହୋ ହଲ୍ଲା ଭିତରେ କେଉଁଆଡ଼େ ମିଳେଇ ଯାଉଥିଲା ।

ଆଖି ପୋଛୁଥିଲେ ଲୋକନାଥେ ।

ଚ୍ଚ

**ଡକ୍ଟର ଅଜୟ କୁମାର ମିଶ୍ର**, ପିଏଚ୍.ଡି, ଡିଲିଟ୍, ଉତ୍କଳ ବିଶ୍ୱବିଦ୍ୟାଳୟ । ୩୭ବର୍ଷ ଓଡ଼ିଆଭାଷା ସାହିତ୍ୟ ଅଧ୍ୟାପନା । ତାଙ୍କ ତତ୍ତ୍ୱାବଧାନରେ ୫ଜଣ ପିଏଚ୍.ଡି ଡିଗ୍ରୀ ପ୍ରାପ୍ତ । ଅଦ୍ୟାବଧି ୬୯ଗୋଟି ପୁସ୍ତକ ଓ ଚାରିଗୋଟି ଅଭିଧାନ ପ୍ରକାଶିତ । କେତେକ ପୁସ୍ତକ ୨୦ରୁ ଉର୍ଦ୍ଧ୍ୱ ଥର ସଂସ୍କରଣ । ଏବେ ଓଡିଶାର ଅବଲୁପ୍ତପ୍ରାୟ ପାରମ୍ପରିକ ଗହଣକୁ ନିଜ ହାତରେ ଗଢି ନିଜ ଉଦ୍ୟମରେ ଏକ କ୍ଷୁଦ୍ର ସଂଗ୍ରହାଳୟ କରି ଏସବୁର ସଂରକ୍ଷଣ କରୁଛନ୍ତି । ଏସବୁକୁ ନେଇ କର୍ମଶାଳା ଆୟୋଜନ ଓ ଅତୀତ ଲୋକସଂସ୍କୃତି ପାଇଁ ସଚେତନତା ସୃଷ୍ଟି କରନ୍ତି । ଏହା ଛଡ଼ା ଓଡ଼ିଆ ଲୋକସଂସ୍କୃତି ଉପରେ ଗବେଷଣା ଓ ଏସବୁକୁ ବିଭିନ୍ନ ମଞ୍ଚରେ ଉପସ୍ଥାପନା କରି ଆସୁଛନ୍ତି । ମଧୁପାଟଣା, କଟକରେ ରହନ୍ତି ।

ଚ୍ଚ

# Soldiers

Sumitra Mishra

Soldiers dropped down
Like lost skydivers
Impatient and weary
Of the lofty contracts
And the ambitious propellers.
From behind their diving board
Someone threw secret bullets
At their brightly coloured chutes
Of patriotic passions.

The dipping hurt my eyes
Waves rose deep inside my chest
A frightful shudder crippled my dreams
As the betrayal seized
Both the glider and its power.

∞∞

# Inside the woods

Sumitra Mishra

Once I ran into the woods
Chasing a rabbit,
I knew the path but
I faced a bewildering wilderness,
Never witnessed before.

I followed a serpentine path
Beaten by human feet with
Corridors of thorny bushes,
The dense undergrowth began to catch my clothes,

Like the longing fingers of a beloved
Unwilling to be easily separated.

I heard the whistling thrush
Piercing through the forest trees
Following its own path
A surge of melody
Punctuated by a few seconds of rustling quiet.
For me it was like entering
An enchanted land in a fairy tale
Broad-leaved trees,
Stacked close and deep,
Aquarium-green in light
But black in the shade
Blocked out the sun,
I hated
The dark earth and mulch underfoot,
And the drumstick tree
With a flurry blanket of caterpillars over its trunk,
It scared me more than
The thought of crouching tigers or bears.

A half dry stream
Silently flew between the stony heaps
The air was sweet with the dense scent
Of tiny white flowers and curry leaf plants.

While I tried to pluck a white flower
A fox cried in a shrill note
The forest seemed to shudder
Then I noticed the rabbit
Sitting under the canopy
Of branches hiding the sky
And a ray of sunshine
Flashing upon its hairy coat
Giving it a golden halo.

Inside the woods, which I hated
A magical flash on the Creator's bounty
Struck me speechless!!!

∞∞

# Self or ego

Sumitra Mishra

Do I have a self to love
Or an ego to despise?
When I look at the mirror
Or the camera in selfie mode
To study my reflection
Externally
I wonder
How different it is from my real self
Perceived as by my mind and felt as in my heart!!!!

The act of self-regarding is so subtle
Often fraught with frailty
For ego and the self are not one, nor separate
Like the bond between the two souls of twins!!!

I believed my ego is me,
But then what about
My looks, my name, my thoughts,
My feelings, my actions, my principles?

Philosophers say
Life is an indifferent womb,
Taking nourishment from all we consume.

Maybe I feel, while my body lives in the present
My awareness is rarely there!!

It's roaming on the images and chatter
Inside my brain,
It’s the centre of identity attachment.

My ego masters me
I can’t escape or detach myself from
Either my self or my ego,
A neutral, subtle bond binds them to me!!!

∞∞

**Major Dr Sumitra Mishra** is a Retired Principal and Professor of English from Bhubaneswar, Odisha. She is a bilingual writer who has published books both in English and Odia. She has to her credit 7 anthologies of English poetry and one book of English short stories published by Authors press, Delhi! The names of her books being Penelope’s Web, Flames of Silence, The Soul of Fire, Still the Stones Sing, The Red Moon, Roses and Bruises, Whispering Shadows & Reminiscence. Dr Mishra has to her credit seven anthologies of poems, six collections of short stories, three full pledged plays and three books of translation published in Odia.

∞∞

# ଆମେ ଦୁହେଁ ଅଭିନ୍ନ

**ମହାଦେବୀ ବର୍ମା**

**ଅନୁବାଦ : ନୀହାରିକା ମଲ୍ଲିକ**

ପ୍ରିୟତମ ! ତୁମେ ତ ମୋ' ଠାରେ ଅଛ
ପୁଣି ପରିଚୟ କ'ଣ !
ତାରାରେ ତୁମ ଛବି, ପ୍ରାଣରେ ତୁମ ସ୍ମୃତି
ଆଖିରେ ନୀରବ ଭାଷା କବିତାର
ପୁଲକର ଅନୁଭବ କୋମଳ ହୃଦୟରେ
ଭରିଆଣିଛି ସରାଗେ ତୁମପାଇଁ ମନମୋର ।।
ସାଇତିରଖିବାକୁ କୁହ ଅବା ବାକି କ'ଣ ଦୁନିଆଁ ରେ !!

ତୁମ ରୂପ ହସନ୍ତ ସୂର୍ଯୋଦୟ
ଛାୟା ତୁମ ରାତ୍ରୀ ବିଷାଦମୟ
ଜଣେ ଚେତନା , ଆରେକ ନିଦ୍ରା ସ୍ୱପ୍ନମୟ
ଖେଳିଖେଳି ଗଲେ ଥକି , ଶୋଇଯାଅ ଯେବେ
ଭାବିନିଏ ଆସିଗଲା, ସୃଷ୍ଟିର ପ୍ରଳୟ ।।

ତୁମ ଅଧର ଚୁମ୍ବିତ ପିଆଲା
ସ୍ମିତହସ ତୁମ ମିଶ୍ରିତ ସୁରା
ମନ ତୁମ ମଧୁଶାଳା
ଦେଇଛ କି ସାକୀ ?- କାହିଁ ପଚାରିବି
ମଧୁର - ବିଷର ଜ୍ୱାଳା !

ପ୍ରତି ଲୋମକୂପେ ପୁଲକ ଫୁଲବନର
ପ୍ରତି ନିଃଶ୍ୱାସ ପ୍ରତିଶ୍ରୁତି ଜୀବନର
ପ୍ରତିଟି ସ୍ୱପ୍ନ ନୂଆ ଏକ ଦୁନିଆଁର
ମୋ ଠାରେ ସୃଷ୍ଟି ପୁଣି ବିଲୀନ ମୋ ଠାରେ
ସ୍ୱର୍ଗ ମୋ ପାଇଁ କ'ଣ, ଅର୍ଥ ହୀନ ଅନୁରାଗ ବ୍ୟତୀତ ।।
ହୋଇ ପରାଜିତ ହରାଏ ଆନ୍ତରିକତା

ହୋଇଯାଏ ପ୍ରିୟ, ମୁଁ ନିର୍ବାସିତା
ବିଜୟୀ ହୋଇ ସାଜେ, ତୁମର ବନ୍ଧନ
ଭରିଦେବି ଶାମୁକାରେ ସାଗରକୁ
ପ୍ରିୟ, ଏବେ ମୋର ହାରିବା ଓ ଜିତିବା କଣ !

ତୁମେ ଚିତ୍ରିତ, ମୁଁ ରେଖାଙ୍କିତ
ମଧୁର ରାଗ ତୁମେ , ମୁଁ ସୁର ସଙ୍ଗମ
ତୁମେ ଅସୀମ , ମୁଁ ସୀମାର ଭ୍ରମ
କାୟା ଓ ଛାୟା ସମ ଦୁହେଁ ଅଭିନ୍ନ
କାହିଁ ତେବେ ଏଇ ପ୍ରେୟସୀ ଓ ପ୍ରିୟର ଅଭିନୟ !!

ꝏꝏ

## ସ୍ୱପ୍ନାବଦ୍ଧ

**ମହାଦେବୀ ବର୍ମା**

**ଅନୁବାଦ : ନୀହାରିକା ମଲ୍ଲିକ**

ତୁମକୁ ଯଦି ବାନ୍ଧି ରଖି ପାରନ୍ତି ମୋ ସ୍ୱପ୍ନରେ
ତେବେ ସାରା ଜୀବନର ଶୋଷ ମେଣ୍ଟେଇପାରନ୍ତି
ସେଇ କିଛି ଆପଣାର ମୁହୂର୍ତ୍ତରେ ।

ବର୍ଷାର ଘନଘୋର ବାଦଲ ପରି ଫୁଲି ଉଠନ୍ତି
ଶରତର ନିର୍ମଳ ଆକାଶ ପରି ଘେରି ରୁହନ୍ତି
ଧୋଇନିଅନ୍ତି ସାରା ସଂସାରର ବିଷାଦ
ଜକେଇ ଆସୁଥିବା ଆଖିର ଲୁହରେ ।

ଶୁଆଇ ଦିଅନ୍ତି ସାରା ଦୁନିଆକୁ
ମଧୁର ରାଗଟିଏ ହୋଇ
ପ୍ରତିଟି ଅଣୁରେ ଭରିଯାଆନ୍ତି
ମିଠା ସୁଗନ୍ଧଟେ ହୋଇ
ବିଦ୍ରୁପ କରୁଥିବା ମୋର ଏଇ ଛିନ୍ନ ଜୀବନରେ
ସାରା ବିଶ୍ୱର ଅସହାୟତାରେ।

ସମୁଦ୍ର ପରି ସମସ୍ତଙ୍କ ସୀମା ହୋଇଯାଆନ୍ତି
ଆଲୋକର ତରଙ୍ଗ ପରି ଅସୀମ ହୋଇଯାଆନ୍ତି
ତାରାଭରା ଆକାଶଟିଏ ସାଜି
ଲୁଚାଇରଖନ୍ତି ତାରାମାନଙ୍କୁ ନିଜ ଭିତରେ ।

ଶାପ ମଧ୍ୟ ବଦଳିଯାଆନ୍ତା ଆଶୀର୍ବାଦରେ
ପତ୍ରଝଡ଼ା ଋତୁ ପାଲଟନ୍ତା ଚିର ବସନ୍ତରେ
ସୃଷ୍ଟି କରନ୍ତି ଅନେକ ସ୍ୱର୍ଗ
କ୍ଷୁଦ୍ର ମୋର ଏଇ ପ୍ରାଣ ସ୍ପନ୍ଦନରେ ।

ନିଃଶ୍ୱାସ କୁହନ୍ତା କାହାଣୀ ଆମର
ପ୍ରତିଟି ମୂହୁର୍ତ୍ତ ହୁଅନ୍ତା ଅଲିଭା ସ୍ୱାକ୍ଷର

ପ୍ରିୟ,
ମୋ ଭିତରର ଅନେକ କ୍ଷୁଦ୍ର ବନ୍ଧନରୁ
ମୁଁ ହୋଇ ଯାଆନ୍ତି ମୁକ୍ତ
ତୁମକୁ ଯଦି ବାନ୍ଧି ରଖିପାରନ୍ତି
ମୋ ସ୍ୱପ୍ନରେ ।

ഠഠ

## ଆଗନ୍ତୁକ

**ମହାଦେବୀ ବର୍ମା**
ଅନୁବାଦ : ନୀହାରିକା ମଲ୍ଲିକ

କିଏ ସେ ଅଜାଣତେ ଏକ ଚମକ ଖେଳାଇ ଯାଏ,
କିଏ ମୋ ତୃଷାର୍ତ୍ତ ନୟନେ କଳା ମେଘ ସାଜି ନାଚି ଯାଏ,
ସୁନେଲୀ ସ୍ୱପ୍ନର ମୁରୁଜ ବୁଣେ
ନିଦର ଏକାନ୍ତ ଆଳୟେ
କିଏ ସେ ଆଗନ୍ତୁକ ମୋ ହୃଦୟ ମନ୍ଦିରେ ।।

ପ୍ରତିଟି ନିଃଶ୍ୱାସରେ ମୋର
କାହା ପାଇଁ ପ୍ରତୀକ୍ଷାଟେ ଥାଏ
କାହା ପଦ ଚିହ୍ନକୁ ଚୁମିବା ଆଶାରେ
ବାରମ୍ବାର ଜୀଇଁବାକୁ ଇଚ୍ଛା ହୁଏ
କିଏ ସେ ଯାହା ପାଖରେ ବନ୍ଦୀ ହୋଇ ମଧ୍ୟ
ମୁଁ ଆଜି ବିଜୟିନୀ
କୁହ, କିଏ ତୁମେ ଆଗନ୍ତୁକ
ମୋ ହୃଦୟ ମନ୍ଦିରେ ।।

ଦୂରରୁ ଭାସି ଆସୁଥିବା ଏକ ମଧୁର ସଂଗୀତ ପରି
କିଏ ତୁମେ !
ନିଜକୁ ହଜେଇ
ପୁଣି କିଛି ହଜି ଯାଇଥିବାକୁ ମିଳିବାର ଅନୁଭବ
କିଏ ତୁମେ !
ନା ବିରହିଣୀ ରାତ୍ରି ସ୍ନାନ ସାରି ଫେରିଲା
ଉଦିତ ସୂର୍ଯ୍ୟଙ୍କ ମିଳନ ମଧୁର ଛିଟାରେ
କିଏ ତୁମେ ମୋ ହୃଦୟ ମନ୍ଦିରେ ।।

ନିଃସଙ୍ଗ ରାତ୍ରି ପରି ନିତି ଗୁମୁରୁ ଥାଅ
ମୋ ଛାତି ଭିତରେ
କିଏ ତୁମେ ମୋ ହୃଦୟ ମନ୍ଦିରେ !

ꣲꣲ

# ଶୂନ୍ୟପଣ

## ମହାଦେବୀ ବର୍ମା

**ଅନୁବାଦ : ନୀହାରିକା ମଲ୍ଲିକ**

ମିଳି ଯାଆନ୍ତା କଜ୍ଜଳରେ ସଞ୍ଜୁଆ ଆଖିର ଯେତେକ ରାଗ
ଯେତେବେଳେ ତାରାମାନଙ୍କୁ ବିଞ୍ଛି ବିଞ୍ଛି
ଶୂନ୍ୟତାରେ ଆକାଶ ଗଣୁଥାଏ
ତା'ର ହଜିଯାଇଥିବା ଇଚ୍ଛାମାନଙ୍କୁ

ମନ ଭିତରେ ବନ୍ଦୀ ହୋଇ ରହିଥିବା ଦୀର୍ଘଶ୍ୱାସରେ ।
ଝୁମି ଝୁମି ମତୁଆଲା ହୋଇ
କୋହର ପିଆଲା ପିଇଯାଏ
ପ୍ରାଣରେ ରୁନ୍ଧି ହୋଇଥିବା ନିଃଶ୍ୱାସରେ ।

ଗୁମୁରି ଗୁମୁରି କାନ୍ଦୁଥିବା ମେଘରେ
ହାତପାଆନ୍ତାକୁ ଆସି ପୁଣି ଖସି ଯାଉଥିବା ବିଜୁଳିରେ
ଧୀରେ ଧୀରେ ଶୂନ୍ୟ ଅଗଣାରେ ଯେତେବେଳେ
ରାତି ସଞ୍ଚରିଯାଏ, ଉଦାସୀ ମନଟେ ହୋଇ
ମୋତି ସାଜି ଲୁହ ବୁନ୍ଦା ବେପଥୁ ଜଗାଏ
ତୃଷାର୍ତ୍ତ କିରଣର ଚୁମ୍ବନରେ ।।

କେଜାଣି କେଉଁ ଅତୀତର
ବାର୍ତ୍ତା ନେଇ ଆସେ ମୃଦୁ ପବନ
ନିଜର ଡେଣାରେ ଛୁଇଁ ଦେଇ ଯାଏ
ଝାଉଁଳି ପଡିଥିବା ଫୁଲର ଆଖିକୁ ।

ସେମାନଙ୍କର ଫିକା ହସରେ
ଅଳସୀକନ୍ୟା ପରି ଉଠି ପୁଣି ପଡିଯିବାରେ
ଆଖିର ନୀରବ ଭାଷାରେ
ଲୁହର ଶୁଖିଲା ଦାଗରେ
ହସ ଦେଇ ଝରିପଡୁଥିବା ଯନ୍ତ୍ରଣାରେ
ଦୀର୍ଘଶ୍ୱାସରେ ମହନୀୟ ତ୍ୟାଗରେ
କୋଣ ଅନୁକୋଣରେ ବ୍ୟାପିଯାଇଥିବା
ମୋ ମନର ନିଷ୍ଠୁର ଶୂନ୍ୟପଣ ।।

ㅇㅇ

**ନୀହାରିକା ମଲ୍ଲିକ,** ହିନ୍ଦୀ ଅଧ୍ୟାପିକା, ନବରଙ୍ଗପୁର । ଓଡ଼ିଆ ସାହିତ୍ୟରେ ବିଶେଷ ରୁଚି ରଖନ୍ତି । କବିତା ଓ ଅନୁବାଦ ସାହିତ୍ୟରେ ନିଜର ସାଧନା ଜାରି ରଖିଛନ୍ତି । ପ୍ରକାଶିତ ପୁସ୍ତକଗୁଡିକ ମଧ୍ୟରେ ୧) ଆଧୁନିକ ହିନ୍ଦୀ ଗଳ୍ପମାଳା (ବ୍ଲାକ ଇଗଲ୍ ଫାର୍ଷ୍ଟ ବୁକ୍ ଆୱାର୍ଡରେ ସମ୍ମାନିତ), ୨) ମୋ ପ୍ରିୟ କାହାଣୀ (କ୍ଷୁଦ୍ରଗଳ୍ପ ସଂକଳନ- ଚିତ୍ରା ମୁଦଗଲ), ୩) ମୁଁ ଓ ମୁଁ (ଉପନ୍ୟାସ - ମୃଦୁଳା ଗର୍ଗ), ୪) ମହାଦେବୀ ବର୍ମାଙ୍କ ନିର୍ବାଚିତ କବିତା (ସଂକଳନ), ୫) ପ୍ରତିନିଧି ହିନ୍ଦୀ କହାନୀୟାଁ (ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ ଲେଖକମାନଙ୍କର କ୍ଷୁଦ୍ରଗଳ୍ପ ସଂକଳନ); ଏକ କ୍ଷୁଦ୍ରଗଳ୍ପ ସଂକଳନ ଏବଂ ଏକ ଉପନ୍ୟାସ ପ୍ରକାଶ ପାଇବା ଅପେକ୍ଷାରେ । ତାଙ୍କ ଦ୍ୱାରା ଅନୁବାଦ ହୋଇଥିବା ଗଳ୍ପ ଓ କବିତା ଓଡ଼ିଶାର ଅନେକ ପତ୍ରପତ୍ରିକା ଏବଂ ଖବରକାଗଜରେ ପ୍ରକାଶିତ। 'କାକର ପ୍ରତିଭା ସମ୍ମାନ', ଚନ୍ଦ୍ରଭାଗା ଅନୁବାଦ ସମ୍ମାନରେ ସମ୍ମାନିତ ।

ㅇㅇ

# War beyond magic realism

Prasanta Kumar Panda

Under cover
Across boarders
Blistering carpet of war
Covering nations.
High ways and rail roads
Truck loads and train loads
Cargo planes overload
Weapons of all sorts
One better than others
Others better than themselves
If such a thing is possible
Beyond magic realism.

In sideline
Under cover of flashing lights
Conventions toil to strike accord
For sale of old ammunitions.
More equal nations
Show unalienable others less equal
As a possible option in exploration.

War stays staged forever.

Away from the blistering carpet
Evacuating our own
We separate ourselves from them
Sometime from more and
In others from less equal nations
In an expression of our worth.
All along counting explosions
One better than others
Others still better than themselves
As if in a sound and light show,
If such a thing is possible beyond magic realism.

A question becomes an exclamation:
Do we need War to write history of nations
Or fiction!
As if it is nothing but magic realism.

∞∞

# Life like this

Prasanta Kumar Panda

Before you die
And leave everything so reluctantly
If you have a chance to express it,
How would you like to relate
In words like a poet or without them
As a saint does in penance;
You did never want anyone to love you
Either when you were alive or when you are dead.

You believed so strongly all along the like of you so mindfully
You have paid your kin all along
By means always challenging your share of ends,
Just to ensure
They loved you selfishly though
And will continue to do so when you have lost your sense
To qualify them by finding emotions in reasons you are capable of.

Is it a story you were a character,
        who had no life,
Or a life without love to qualify it?
What is that you lived dear soul
        counting everything you lost
        as a setting for life to unfold
All alone, altogether, evermore!

∞∞

# Human on our own

ସୃଜନ
SRUJAN
The Creativity Journal

Prasanta Kumar Panda

How many devils have to die
to prove a god is good enough?
How many gods have to scarify themselves
to establish a religion?

We have to ask the gods now or never
How many devils' bodies must glorify
Them for their will to be known.
We have to ask devils whether they have a choice
To prove their existence on their own
Or just fulfil gods' will to be killed as their only role.

Can we see the questions
Hanging on the walls of the shrines all along:
Who are the winners?
The bodies of the devils, the minds of the gods
or human beings celebrating on the dead bodies
of the devils on behalf of the gods?

Can we see for ourselves
It is not blasphemy to consider
We don't need devils and gods
To celebrate our being human!

∞∞

**Prof. Prasanta Kumar Panda** is a faculty of Indian Institute of Technology (BHU), Varanasi. He has the distinction of publishing specialised papers in diverse areas of Professional Communication, Emotional intelligence, Technical Writing, Literary Theory and Creative Writing. He is an honorary Editor in Chief of *Nuances: A journal of Humanistic Enquiry* (ISSN-2395-0943). His name figures in the advisory board of *Platform*: A Bi-Lingual Magazine Based on Literature and Culture (ISSN-2347-5242) *Journal of Research and Innovation in Social Sciences* (ISSN -2394-0123) and in the editorial board of *IOSR Journals of Humanities and Social Sciences* (International Organization of Scientific Research). He has delivered lectures for Quality Improvement Programmes (QIP) meant for General faculty of Universities and Specific ones for the Management Faculty at several institutions of repute. He writes poems in English and has two volumes to his credit, titled: *Confused Confessions* and *A Blueprint of Retrospections*. So far forty of his poems have appeared in different journals and a few are translated into other languages.

∞∞

# ଅପେକ୍ଷା

## ସରୋଜିନୀ ପାଣି

ତୁମକୁ ମୁଁ କରିବି ଅପେକ୍ଷା
            ଅଗଣିତ ମାସ ବର୍ଷ ଧରି
ସ୍ୱପ୍ନର ବାଲିଘରେ ଆଙ୍କୁଥିବି
ତୁମ ସ୍ମୃତି ଚିତ୍ରପଟ୍ଟ କରି ।୦।
କାଗଜରେ ଲେଖିଥିଲି
ପବନରେ ଉଡ଼ିଗଲା
ଲେଖିଥିଲି ସାଗର ବାଲିରେ
ଧୋଇଗଲା ଉଚ୍ଚ ଲହଡ଼ିରେ
ତଥାପି ମୁଁ କରିବି ଅପେକ୍ଷା
            ଅଗଣିତ ମାସ ବର୍ଷ ଧରି ।୧।
ଶାମୁକାରେ ଆଙ୍କିଥିଲି
ହଜିଗଲା ସାଗର ବାଲିରେ
ଗୋଲାପରେ ଲେଖିଥିଲି
ଭିଜିଗଲା ବୁଢ଼ା କାକରରେ
ତଥାପି ମୁଁ କରିବି ଅପେକ୍ଷା
            ଅଗଣିତ ମାସ ବର୍ଷ ଧରି ।୨।
ବଞ୍ଚିବାକୁ ଆଶାକରେ
ଭସା ବାଦଲରେ କରି ଘର
ଭାସିଭାସି ରଖିବି ଭରସା
ନିରାଶାରୁ ପାଇବି ନିସ୍ତାର
ତଥାପି ମୁଁ କରିଛି ଅପେକ୍ଷା
            ଅଗଣିତ ମାସ ବର୍ଷ ଧରି ।୩।
ଛଛ

# କେଉଁଠି ଖୋଜିବି ତୁମକୁ

ସରୋଜିନୀ ପାଣି

କେଉଁଠି ଖୋଜିବି ତୁମକୁ ?
ଆକାଶର ପ୍ରଶାନ୍ତ ବୁକୁରେ
ସାଗରର ଉଦ୍‌କ୍ଷିପ୍ତ ଢେଉରେ
ନିଝୁମ ଖରାବେଳର ନିର୍ଜନ କୋଳରେ
ନା ଭଙ୍ଗା ବଇଁଶୀର ବେସୁରା ରାଗିଣୀରେ

କେଉଁଠି ଖୋଜିବି ତୁମକୁ ...?
ଜ୍ୟୋତ୍ସ୍ନା ବିଧୌତ ରଜନୀର ଶିଶିର ସିକ୍ତ ବେଳାରେ
ନା ଉତ୍ତପ୍ତ ଅଗ୍ନିର ଲେଲିହାନ୍ ଶିଖାରେ
ନା ସଦ୍ୟ ପ୍ରସ୍ଫୁଟିତ ପୁଷ୍ପର ସୁରଭିତ ବାସ୍ନାରେ
ନା ବର୍ଷାଭିଜା ଆକାଶର ସପ୍ତରଙ୍ଗୀ ଇନ୍ଦ୍ରଧନୁରେ
ହେ ପ୍ରିୟ, ନା ଅମାବାସ୍ୟା ରାତ୍ରିର ନିର୍ଜନ ଅନ୍ଧକାରରେ
କେଉଁଠି ଖୋଜିବି ତୁମକୁ ...?
ବିସ୍ତୀର୍ଣ୍ଣ ମରୁଭୂମିର ଉଜୁଡା ମରୁଦ୍ୟାନରେ
ଝରିପଡୁଥିବା ଫୁଲର ପାଖୁଡାରେ
ଆକାଶରେ ବୁଲୁଥିବା ଭସା ବାଦଲରେ
ଘାସଫୁଲର ପ୍ରତି କାକର ବିନ୍ଦୁରେ
ଆଖିରୁ ଝରୁଥିବା ଅବାରିତ ଅଶ୍ରୁରେ
କେଉଁଠି ଖୋଜିବି ତୁମକୁ ...?
ମୋ ପ୍ରିୟ ହୃଦୟରୁ ଉଠୁଥିବା ପ୍ରତ୍ୟେକ କୋହରେ
କେଉଁଠି ଖୋଜିବି ତୁମକୁ, କାହିଁକି ଖୋଜୁଛି ବୋଲି
ଆଉ ପ୍ରଶ୍ନ କରିବିନି; ଠିକଣା ତ ଦେଇ ନ ଥିଲ
ଖାଲି କହିଥିଲ, ତୁମେ ସର୍ବବ୍ୟାପୀ ବୋଲି ...

ଡଡ

# ସମ୍ପର୍କ

## ସରୋଜିନୀ ପାଣି

ଗୋଲାପଟିଏ ତୋଳିବାକୁ ହେଲେ
ଜାଣି ନ ଥିଲି ଆଘାତ ସହିବାକୁ ପଡ଼େ ।
ଟିକେ ଭଲ ପାଇବାକୁ ହେଲେ
ଜାଣି ନ ଥିଲି ଅଭିମାନ ସହିବାକୁ ପଡ଼େ ।

ସ୍ମିତ ଧାରରେ ହସ ଟିକେ ଦେଖିବାକୁ ହେଲେ
ଭାବି ନ ଥିଲି ଏତେ ଅପେକ୍ଷା କରିବାକୁ ପଡ଼େ ।
ଗୋପନୀୟ କଥା ଟିକେ କହିବାକୁ ହେଲେ
ଜାଣି ନ ଥିଲି ଏତେ ନିରୋଳା ସ୍ଥାନ ଖୋଜିବାକୁ ପଡ଼େ ।

ଭଲ ପାଇବାର ସରଳାର୍ଥ ଲେଖିବାକୁ ହେଲେ
ଜାଣି ନ ଥିଲି କେତେ ଭାବର ଅଭିଧାନ ଖୋଜିବାକୁ ପଡ଼େ ।
ଭାବ ଅଭିଧାନରୁ ଅର୍ଥ ଖୋଜିବାକୁ ହେଲେ
ଭାବି ନ ଥିଲି ଏତେ ରାତି କଟାଇବାକୁ ପଡ଼େ ।

ରାତି ଏମିତି କାଟିବାକୁ ହେଲେ ଜାଣି ନ ଥିଲି
ସ୍ୱପ୍ନ ଦେଖିବାକୁ ବି କଷ୍ଟ ହୁଏ ।

ଠଠ

**ଡ. ସରୋଜିନୀ ପାଣି**, ପି.ଏଚ.ଡି, ଅଧ୍ୟାପିକା, ଜଗନ୍ନାଥ ସାସ୍କୃତି ଉପରେ ଗବେଷଣା କରିଛନ୍ତି । ନୂଆଦିଲ୍ଲୀର ସୁଖଦୁଃଖ ପତ୍ରିକା, ଓ ବିଦିଶା ପତ୍ରିକାର ସମ୍ପାଦନା କରନ୍ତି । ଲିଖିତ ପୁସ୍ତକ: ଗଣକାବ୍ୟ ବୈଷ୍ଣବ ପାଣିଙ୍କ ସୃଷ୍ଟିରେ ବିଭୂଚେତନା ଓ ମା' ଝଙ୍କଡ଼ବାସିନୀ । କବିତା ସଂକଳନ: ମନ ବଗିଚାର ଫୁଲ । ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସମ୍ମାନିତା ।

ଠଠ

# Diverse minds

Rishima Mishra



**Rishima Mishra**, Year 9, Wolverhampton Girls High School, Wolverhampton, UK.

# ଲକ୍ଷ୍ମୀପାଦ

**ଶମ୍ଭୁନାଥ ରାଉଳ**

ମୁଁ ଅପେକ୍ଷା କରିଛି ଅମାବାସ୍ୟାର ଚନ୍ଦ୍ରକୁ
ରାତି ଶେଷ ଭୋର୍‌ର ଆଲୋକକୁ
ପାହାନ୍ତି ପହରର ତାରାମାନଙ୍କୁ, ପ୍ରାତଃ କାଳରେ
ପକ୍ଷୀର କାକଳିକୁ ଏବଂ ବିଲୁପ୍ତ ପ୍ରାୟ
କାଉମାନଙ୍କର କା' କା' ରାବକୁ ।
ମୁଁ ଚେଷ୍ଟା କରିଛି ପଦ୍ମ ପୋଖରୀରେ
ପଦ୍ମକୁ ଛୁଇଁବା ପାଇଁ,
ମୋର ଅସାମର୍ଥ୍ୟ ପ୍ରକାଶ କରିବାକୁ,
କେତେ ମର୍ମାହତ ହେଇଛି
ମୋ ହାତରୁ ଫୁଲର ଚାଙ୍ଗୁଡି
ପଡିଯିବା ବେଳେ, ଦିଅଁକୁ ଦେଇଥିବା
ଦୀପ ଅସମୟରେ ନିର୍ବାପିତ ହେଇଯିବା ବେଳେ
ଏବଂ ମୋ ରାସ୍ତାରେ କଳା ବିଲେଇଟି
ରାସ୍ତା କାଟି ଚାଲିଯିବା ବେଳେ ।
ମୁଁ ତ ସ୍ୱର୍ଗକୁ ନିଶୁଣି ବଢାଇ ନଥିଲି
ମୁଁ ତ ସମୁଦ୍ର ମନ୍ଥନରୁ ବାହାରିଥିବା
ଅମୃତ ପାଇବା ପାଇଁ ଇଚ୍ଛା କରିନଥିଲି,
ମୁଁ ଇଚ୍ଛା କରି ନଥିଲି ଐରାବତ ହସ୍ତୀ ।
ମୁଁ ଦେବତା ହେବା ପାଇଁ ଚାହିଁ ନାହିଁ
କି ଅସୁର ହେବା ପାଇଁ
ମୁଁ ଚିହ୍ନି ପାରୁନି ମୋ ଭିତରର ମଣିଷମାନଙ୍କୁ,
ମୁଁ ପଢିପାରୁନି ସେମାନଙ୍କର ଆଶା
ଆକାଂକ୍ଷା ଓ ଅଭିପ୍‌ଶାକୁ, ମୁଁ ମେଣ୍ଟାଇ ପାରୁନି
ସେମାନଙ୍କର ତୃଷାର୍ତ୍ତ ପ୍ରାଣର ଅହମିକାକୁ
ଅଭିମାନକୁ, ସ୍ୱାଭିମାନକୁ ଓ ଅଭିଳାଷକୁ ।
ମୁଁ ଅନବରତ ଯୁଦ୍ଧରତ
ଛାଡିଯିବା ପାଇଁ ମୋର ପାଦ ଚିହ୍ନ,
ଥାପି ଯିବା ପାଇଁ ଲକ୍ଷ୍ମୀ ପାଦ
ଯାହା କେବେ ଲିଭି ଯିବ ନାହିଁ,
ବର୍ଷାରେ, ଝଡରେ
ବରଂ ଝଟକୁ ଥିବ ସବୁଦିନ
ଗୁରୁବାର ମାଣବସା ଝୋଟି ଭଳି ।
ଦେଇ ଯାଇଥିବ ଅନେକ ବାରତା
ମୋର ବଂଶଜଙ୍କ ପାଇଁ
କିମ୍ବା ଯେଉଁମାନେ ମୋତେ
ଅପେକ୍ଷା କରିଥିଲେ,
ମୁଁ ସେମାନଙ୍କ ପାଇଁ ତୋଳି ଦେବି
ସୁନାର ଅମାର ଏବଂ ଯେଉଁମାନେ
ବି ମୋତେ ଉପେକ୍ଷା କରିଥିଲେ
ଋଣ ଭାର ସହି ନପାରି,
ଲୁଚି ବୁଲୁଥିବା ଏକ ପଳାତକ,
ପରାସ୍ତ ବ୍ୟବସାୟୀ ଭଳି
ଯାହାର ଅସ୍ତିତ୍ୱ ନାହିଁ, ମୂଲ୍ୟ ନାହିଁ
ବିମୁଦ୍ରାୟନର ଅଚଳ ମୁଦ୍ରା ଭଳି ।

ଦଦ

# ନନ୍ଦିଘୋଷ

**ଶମ୍ଭୁନାଥ ରାଉଳ**

କେବେ କେବେ ଶ୍ରୀ ଜଗନ୍ନାଥଙ୍କ
ରଥ ଚକ ବି ସ୍ଥିର ହୋଇଯାଏ
କିଛି କ୍ଷଣ ପାଇଁ, ବର୍ଷା ବି ଅଟକି ଯାଏ
ପବନରେ ଗଛ ପତ୍ର ହଲେ ନାହିଁ
ସବୁ କିଛି ମନେ ହୁଏ ଯେମିତି ଏକ
ଟ୍ରାଫିକ୍ ଜାମ୍ ଭଳି ।
ଅଣ ନିଶ୍ୱାସ ଲାଗେ ଗାଡ଼ି ସବୁର ଧୂଆଁରେ
ହର୍ଣ୍ଣ ମାନଙ୍କର ଆକୁଳ ଚିତ୍କାରରେ
କ୍ରିଟିକାଲ୍ ପାସେଣ୍ଟର ବ୍ୟଥିତ କ୍ରନ୍ଦନରେ
ଷ୍ଟେସନ୍, ଏୟାରପୋର୍ଟରେ ପହଞ୍ଚôଚବାକୁ
ଥିବା ପ୍ୟାସେଞ୍ଜର ମାନଙ୍କର ବିଷାଦ ଗ୍ରସ୍ତ
ମନ୍ତବ୍ୟରେ ସବୁ ଯେମିତି ଏକ ଅବ୍ୟକ୍ତ,
ଅସହ୍ୟ ଯନ୍ତ୍ରଣାର
ଶୁଖି ଯାଇଥିବା ହ୍ରଦ କିମ୍ବା ସମୁଦ୍ର ।
ସେମିତି ଅପେକ୍ଷା କରିବାକୁ ପଡ଼େ
ଜହ୍ନ ଏବଂ ତାରାଙ୍କ ଆଗରେ ବଖାଣିବାକୁ
ନିଜର ବ୍ୟଥିତ କାହାଣୀକୁ,
ସ୍ଥିର ହେଇଯାଇଥିବା ସମୟର
ସ୍ପନ୍ଦନକୁ ଉଦ୍‌ଜୀବିତ କରିବାକୁ,
ଅପେକ୍ଷା କରିବାକୁ ପଡ଼େ
ପାହାନ୍ତି ପହରର ସୁଖଦ ସ୍ୱପ୍ନକୁ
ଯାହା କେବେ ପ୍ରତିଫଳିତ ହେଉଥିଲା
ଫଗୁଣର ଅନେକ ରଙ୍ଗ ନେଇ ।
ସେ ଅପେକ୍ଷାର ଅନ୍ତ ହୁଏ ନାହିଁ,
ସମୟ ରହିଯାଏ ସ୍ଥିର ହୋଇ
ବିଗିଡ଼ି ଯାଇଥିବା କାନ୍ଥ ଘଣ୍ଟା କିମ୍ବା
ହାତ ଘଣ୍ଟା ଭଳି

ମୁଁ ପାଉନି କିଛି ସୂତ୍ର ଟାଣିବାକୁ
ମୋ ରଥ ଦଉଡି
କେମିତି ପହଁଞ୍ଚି ଯିବି ମୁହିଁ ସଞ୍ଜ ନ ହେଉଣୁ
ମୋ ଉଦ୍ଦିଷ୍ଟ ଆସ୍ଥାରନରେ ବିନା କିଛି ଅଘଟଣ
ବିଘ୍ନ ବନ୍ଧନରେ ।
ମୁ ଶୁଣିଛି ପ୍ରତିଦିନ ମୋ
ଭକ୍ତ ଓ ଶୁଭାକାଂକ୍ଷୀଙ୍କର ଉପଦେଶ
ମୋ ସ୍ଥିରତା କରିଥାଏ ସେମାନଙ୍କୁ
ବ୍ୟସ୍ତ ଓ ବିବ୍ରତ ।
ମୁଁ କୁଆଡେ ହରେଇଛି ଏ ପାଶ ପାଲିରେ
ଯାହା ମୁଁ ଉପାର୍ଜନ କରିଥିଲି
ମୁଣ୍ଡ ଝାଳ ତୁଣ୍ଡେ ମାରି ଯଶ, କୀର୍ତ୍ତି
ଏବଂ ମୋ ନିଜସ୍ୱ ମୂଲ୍ୟ ବୋଧ
ଯାହାକୁ କରଡି କରି ଆସିଥିଲି ଏତେ ଦିନ ।
ମୁଁ ଉପେକ୍ଷା କରିନାହିଁ
ଦାସିଆ ବାଉରୀର ନଡ଼ିଆକୁ, ପଡିଛି ମୁଁ
ଶ୍ରୀ ଜଗନ୍ନାଥଙ୍କ ଶାଗ ପଖାଳର ପ୍ରେମରେ
ତାଙ୍କ ଶରଧା ବାଲିରେ,
ବାଇଶି ପାହାଚରେ ଗଡ଼ିଛି ମୁଁ
ମୋ ଦେହରୁ ମୋ ମନରୁ
ଛଡ଼େଇବା ପାଇଁ ପାପର କାଳିମା
ଯଦି ଥାଏ କିଛି,
ହୁଏତ ତାପରେ ମୋ ରଥ
ଗଡ଼ିବ ପୁଣି ନିର୍ବିଘ୍ନରେ
ଆଉଥରେ ଆଷାଢ଼ର ପ୍ରତୀକ୍ଷାରେ ଦିନ ଗଣି ଗଣି ।

ଠଠ

# ଅନ୍ୱେଷଣ

## ଶମ୍ଭୁନାଥ ରାଉଳ

ଆସ୍ଥା ଓ ଅନାସ୍ଥାର ଦ୍ୱନ୍ଦ ଭିତରେ
ମୁଁ ବୁଝି ପାରୁନି ମୁଁ ତୁମର କେତେ
ହେଇଛି ନିକଟତର କି
ଯାଇଛି ମୁଁ ଦୂରେଇ ଦୂରେଇ ।
ଏକ ବିକଳାଙ୍ଗ ମଣିଷର
ନିଃସହାୟତାରେ ଭାଙ୍ଗି ପଡିଲା ବେଳେ
ଜଣେ ଧାନାଢ୍ୟ ବ୍ୟକ୍ତିର ଗାରିମା ଓ
ଔଦ୍ଧତ୍ୟରେ ମୁଁ ମାପିବାକୁ
ଚେଷ୍ଟା କରିଛି ତୁମର ଅସ୍ତିତ୍ୱ ବାରମ୍ବାର ।
ମୁଁ ଦେଖିଛି, ମୁଁ ଶୁଣିଛି, ପଢିଛି ବି
ମଣିଷଙ୍କୁ ଭାଙ୍ଗି ପଡିବାର
କାହାରି ଅସମୟ ବିୟୋଗରେ
ଛାତି ଫଟା କୋହ ଏବଂ ଲୁହର ସମୁଦ୍ର ।
ମୁଁ ବୁଝିବାକୁ ଚେଷ୍ଟା କରିଛି
ତୁମର ନ୍ୟାୟର ନିକିତିକୁ
ମୁଁ ଦେଖିଛି ତୁମ ତାଣ୍ଡବ ଲୀଳାରେ
ଭାସିଯାଇଥବା  ଅଗଣିତ ମଣିଷ, ପଶୁ,
ପକ୍ଷୀ ଏବଂ ଜୀବ ଜନ୍ତୁ ଓ ଜିଅଁନ୍ତା ଶରୀର
ବାସଗୃହ ଉଜୁଡି ଯାଇଥିବା ଫଳନ୍ତି ଧାନକ୍ଷେତ
ସହର ଓ ତାଙ୍କର ସମସ୍ତ ସଂସାର ।
ମୁଁ ଦେଖିଛି ବାର୍ଦ୍ଧକ୍ୟରେ
ଛଟପଟ ହେଉଥିବା ଜୀବଜନ୍ତୁ
ସେମାନେ ନିର୍ଭର କରୁଥିବା
ଆତ୍ମୀୟ ମାନଙ୍କର ହୃଦୟହୀନ
ବ୍ୟବହାରକୁ କିମ୍ବା ବାଧ ବାଧକତାରେ
ଯତ୍ନ ନେଉଥିବାର ଲୋକ ଦେଖାଣିଆକୁ ।
ମୁଁ ଶୁଣିଛି 'ନିର୍ଭୟା'ର
ଲୋମ ହର୍ଷଣକାରୀ ଦୁଃଖଦ ସତ୍ୟକୁ
ଅଜ୍ଞାନ ଶିଶୁର ମର୍ମନ୍ତୁଦ, ପାଶବିକ ନିର୍ମମ
ଅତ୍ୟାଚାରକୁ, ଏମିତି ଅନ୍ତ ନଥିବା
ନାରକୀୟ ସତ୍ୟ ସବୁକୁ ।
ମୁଁ ବୁଝିବାକୁ ଅକ୍ଷମ ହେଇଛି
ତୁମ ନ୍ୟାୟ ପଣିଆର ଯଥାର୍ଥତାକୁ
ତୁମର ଅବୋଧ ନିୟମର ପ୍ରହେଳିକାକୁ,
ତେଣୁ ମୁଁ ଏଠି ଅଜ୍ଞାନ ଅନ୍ଧକାରରେ
ଘୁରି ବୁଲୁଛି ପ୍ରତିକ୍ଷଣରେ ।
ମୁଁ ଜାଣିପାରୁନି ଏ ଅନ୍ୱେଷଣରେ
ମୁଁ ତୁମଠୁ ପାଖେଇ ଆସୁଛି
କି ଦୂରେଇ ଯାଇଛି ।
ତଥାପି ମୁଁ ଅପେକ୍ଷା କରୁଛି
କେବେ ପୁଣି ତୁମ ସହ ଦେଖା ହେଇପାରେ
ଫାଟକ ଓ ଲାଇଟ୍ ପୋଷ୍ଟ ନଥିବା
କେଉଁ ରେଲୱେ ଲେବେଲ୍
କ୍ରସିଙ୍ଗ୍‌ରେ କିମ୍ବା କେଉଁ
ପ୍ଲେନ୍ କ୍ରାସ୍‌ର ଅବଶିଷ୍ଟାଂଶରେ,
ସେତେବେଳେ ଆମେ ପୁଣି ଚିହ୍ନା ଚିହ୍ନି
ଅନ୍ତରଙ୍ଗ କଥାବାର୍ତ୍ତା ହେବା ।

ଓଓ

ထထ

**ଶମ୍ଭୁନାଥ ରାଉଳ,** ମଷ୍ଟର ଅଫ୍ ଫରେନ ଟ୍ରେଡ୍ । ପ୍ରାୟ ୪୦୦ଟି କବିତା, ୨୨ଟି କ୍ଷୁଦ୍ରଗଳ୍ପ ରଚନା, ଦୁଇଟି ବହିର ସମୀକ୍ଷା, ଗୋଟେ ପ୍ରବନ୍ଧ ଏବଂ ଏକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଉପରେ ଆଲେଖ୍ୟ ରଚନା । ଅନେକ ପ୍ରକାଶିତ ପୁସ୍ତକ । କବିତା ପୁସ୍ତକ – ମହାସମୁଦ୍ର, ଅନ୍ୟାନ୍ୟ, ନୈବେଦ୍ୟ, ସମୟର ମାନଚିତ୍ର ଏବଂ ଭୋରର ଆଲୁଅ; ଗଳ୍ପ ପୁସ୍ତକ – ସମ୍ପର୍କର ମହକ; ସମୀକ୍ଷା ପୁସ୍ତକ - ମହାସମୁଦ୍ର ଏକ ଅନ୍ତରଙ୍ଗ ଆକଳନ । ଅନେକ ଅନୁଷ୍ଠାନ ଦ୍ୱାରା ସାହିତ୍ୟ କୃତି ପାଇଁ ସମ୍ମାନିତ । ଭୁବନେଶ୍ୱରରେ ରହନ୍ତି ।

ထထ



Images from Odisha

# ଊର୍ଦ୍ଧ୍ୱାୟନ

ସ୍ୱାତୀ ବାଳା ମହାପାତ୍ର

ଉନ୍ମୁକ୍ତ ଗବାକ୍ଷେ ପ୍ରବେଶ ସ୍ନିଗ୍ଧ ସମୀର,
ମନ୍ଦ ମନ୍ଦ ଗତି ସେ କି ଛନ୍ଦାୟିତ ଧୀର,
ହିଲ୍ଲୋଳିତ ନାରିକେଳ, ଗୁବାକ୍ଷର ପଲ୍ଲବ, ପଲ୍ଲବ,
ସୀମାହୀନ ଆକାଶେ ଉଡ୍ଡୀୟମାନ ବିହଙ୍ଗର ଭାବ ...

ଟାଣ ଖରା ସାଥେ ଛାଇ ଖେଳେ ଲୁଚକାଳି ,
ସୂଚାଏ କି ବୈତରଣୀ ପଡିବ ଉଛୁଳି... !
ନୀରବ ଆଳାପେ ବାଜୁଛି ସମ୍ମୋହନ ବୀଣା,
ଉଚ୍ଚକିତ, ଉଚ୍ଚାଟିତ ପ୍ରକୃତିର ସବୁଜ ଅଗଣା ...

ମନ୍ଦ ମଳୟେ, ବାହୁଙ୍ଗା, ବାଉଁଶ ଖେଳନ୍ତି କି ଦୋଳି,
ପୁଷ୍କରିଣୀ ସ୍ଥିର ଜଳେ ମୀନଙ୍କର କେଳି,
ଦୁରେଇ ନୀରବ ସାଧକ ସାଜେ ମାଛରଙ୍କା,
ଅତି ଉଲ୍ଲାସରେ ଥୟ, ବିପଦର ଡକା ...

ମୃଦୁ ସମୀରଣ ଆଣେ ମନରେ ପୁଲକ,
ବିକ୍ଷିପ୍ତ ଚିନ୍ତା ରାଜ୍ୟ ଛାଡି ଅସୀମରେ ଲକ୍ଷ୍ୟ,
ପାର୍ଥିବ ଧରା ସାଥେ,ମନେ ଛନ୍ଦ ମହାଶୂନ୍ୟର ଇଥର,
କ୍ଷିତି, ଆପ, ତେଜ,ମରୁ, ବ୍ୟୋମ ସୃଷ୍ଟ ନଶ୍ୱର ଶରୀର ...

ଜାଗତିକ ମୋହ ତ୍ୟାଗ, କର ଉର୍ଦ୍ଧ୍ୱେତରର ଜାଗୃତି,
ଅବଲୋକ, ନୈସର୍ଗିକ ପ୍ରକୃତିର ସାଥେ ଅଧ୍ୟାତ୍ମର ଗତି,
ଦୂରେ ଯାଉ ବିତି ଆତ୍ମା ସ୍ଥିର ହେଉ ମତି,
ଅଦୃଶ୍ୟର ଆଶିଷରେ ଭବ ମହାମତି !!!

ꝏꝏ

**ସ୍ୱାତୀ ବାଳା ମହାପାତ୍ର** । ସାହିତ୍ୟ ସାଧନାକୁ ନିଜ ଜୀବନ ବୋଲି ଭାବନ୍ତି; କହନ୍ତି, "ଢେଙ୍କାନାଳର ପାହାଡ ତଳି ଗାଁ କେଶରିଆରେ ମୋ ଜନ୍ମ । ଗାଁ ପୋଖରୀରେ ବୁଡ ମାରିବା, ବିଲରେ ହଳା ଜଗିବାକୁ ଯିବା, ଗାଁ ଦାଣ୍ଡରେ ଖପର ଡିଆଁ ଖେଳିବା ଏବେ ବି ମୋ ଭିତରେ ସଜୀବ । ପ୍ରକୃତି, ମାନବବାଦ, ଦରଦ, ଜିତିବା ନୁହେଁ, ହାରିବା, ହସ ନୁହେଁ, ଲୁହକୁ ନେଇ ମୋର କବିତା ଆଉ ଗଳ୍ପମାନେ ଗତିଶୀଳ !"

# ଅପେକ୍ଷା

**ସ୍ମିତା ପଣ୍ଡା**

କାଲି ଦିନ ତମାମ୍
ବସି ରହିଥିଲି ହାଟରେ
ଯେଉଁଠି ଜିନିଷ ସବୁ ବିକ୍ରି ହୁଏ ,
ସେଇଠି
କେହି କାଳେ କିଣିବ
ମୋ ବାର୍ଦ୍ଧକ୍ୟ ବିନା ମୂଲ୍ୟରେ ।

ଯେମିତି
ଖୋଜା ପଡ଼େ ଶୈଶବ
ଖୋଜା ପଡ଼େ ଯୌବନ
ସେମିତି
କେହି କାଳେ
ଖୋଜିବ ମତେ ।

କାଲି ଦିନ ତମାମ୍
ବସି ରହିଥିଲି ହାଟରେ
ଖୋଜୁଥିଲି ଗୋଟେ କାରିଗର
ଯିଏ ଛୋଟେଇ ଦେବ
ମୋର ସ୍ୱପ୍ନ ସବୁକୁ
ମୋର ଆଶାମାନଙ୍କୁ
ମୋର ଆବଶ୍ୟକତା ଗୁଡ଼ିକୁ
ମୁଁ ନିଃଶ୍ୱାସ ନେବି
ଟିକେ ସାହସରେ ।

ସେମିତି ମୋର ବି ଅପେକ୍ଷା
ବଦଳେଇ ଦେବାକୁ ନିଜକୁ
ଯେମିତି
ଉଦ୍ଭିଦ ସବୁ
ମରୁଭୂମିରେ
ମରୁଉଦ୍ଭିଦ ହୋଇ ବଞ୍ଚି ରହିଥାଏ ।

ꝏꝏ

**ସ୍ମିତା ପଣ୍ଡା,** ବୃତ୍ତି: ଶିକ୍ଷକତା । ସର୍ଜନାର ମାଧ୍ୟମ: କବିତା । ପ୍ରକାଶିତ ପୁସ୍ତକ: ଜାଲ (କବିତା ସଙ୍କଳନ) । ନିଜ ସୃଷ୍ଟି ସମ୍ପର୍କରେ କହନ୍ତି – 'ହୃଦୟର ଭାଷା ହିଁ କବିତା । ପାଠକଙ୍କ ଶ୍ରଦ୍ଧା ଓ ଭଲ ଲେଖାଟିଏ ହିଁ ଲେଖିବାକୁ ଉତ୍ସାହିତ କରିଥାଏ ।' ନରସିଂହପୁର, ଓଡ଼ିଶାରେ ରହନ୍ତି ।

ꝏꝏ

# The pinky little finger is crying inside the womb

## Saptadweepa Sanghamitra

It's a busy Monday. Rushing into the room again,
In that OT gown; nothing new, nothing like a boom!
With that ray of hope and loving hands to cope. #1#

It's time to hurry, without any plea and story
Still the eyes are curious,
To see the joy in would-be granny's face. #2#

Hands are full with flowers & sweets
To welcome pinky little feet. #3#

The red lights are beeping, OT is still on,
At the corner of dormi, a praying hand,
Clueless with 100s of reckless emotion.
It's father's heart, searching for his dreamy son. #4#

Waiting is over, more than happy to handover.
Thinking it would be a sunshine;
A reason to dance with wine. #5#

Holding the sweet heart and big teddy hug
Am excited to thank her for all the
Innocence and love. #6#

Granny pushed the door,
Perhaps the silence before the storm.
OMG! Her face is pale, dusky, not so glad;
Stress, wrinkle in the forehead.
Ohh! Not a exciting welcome, no flower, no sweet
Something really worrisome. #7#

But what's the matter?
All waited 9 completed month with

Flowers, candles and butter;
To celebrate forever, to say cheers to mother,
May be one more success story
To my professional career,
Still why am I not that happy as before? #8#

Oh no! It's not bang!
We could have sung.
No one is happy. Neither the granny nor the sister;
The aunty or the neighbours. #9#

Why? It's not the face,
They see something else.
Ola! It's a baby girl, not to be cherished,
In their mind, it's of no sense. #10#

My mind is shaking with cortisol,
Neurons are discharged with anger and pain,
For this innocent soul.
Is this morphological differentiation
Only sign of your future destination? #11#

Female is scared of her own shadow
Thinking the future dejection, rejection and so and so.
The seed of life is crying in that unseen bed
For just not being touched. #12#

Perhaps, the cry of this girl is not that divine,
Even the mom, not caring for flowing blood
Or breaking pain,
She is all set for her own flesh to coffin,
In the deepest hole, where no ray of hope or shine. #13#

My soul was burning, hopeless with guilt & anger,
Not being a child doc. but with the tag of the gender.
Couldn't do anything except grief and sorrow. #14#

All are saying, we are in 2020s…progressing!
Yes we are….
Still why that little hope and pray,
To see the blue handsome,
Not the pinky little finger. #15#

Celebrating power and purity, love &prosperity
As *Maa* Durga, Laxmi, Saraswati.
But girl is curse, it's time to think & hold,
In some parts of this beautiful world. #16#

God hasn't given right to choose
Then who are me and you?
To search it's pink or blue,
The living (*Devi*) is buried inside the womb,
Not seeing the lights of hope and love.
Why this hypocrisy?
Still worshiping *Maa* Durga for power and peace. #17#

∞∞

**Dr. Saptadweepa Sanghamitra,** MBBS, DNB is a paediatrician in Delhi. She writes articles, stories, poems in Odia and English. She describes her purpose is to be a strong voice for the voiceless through her pen. She says, 'It's time to stop female foeticide, welcome baby irrespective of gender, to celebrate motherhood unconditionally as a sign of positivity, love, kindness, epitome of tolerance and creativity.'

∞∞



Images from Odisha..

# ବିଷକନ୍ୟା


## ମନୋଜ କୁମାର ମହାପାତ୍ର


ରବିବାର ଠିକ୍ ଅପରାହ୍ନ ଚାରିଟା ବେଳକୁ ଗାଁ ମୁଣ୍ଡ ପଡିଆ ପାଖ ବଡ଼ ଆମ୍ବଗଛ ଛାଇ ତଳେ ସିମେଣ୍ଟ ପିଣ୍ଡିରେ ଖଟି ଜମିଉଠେ । ଲୋକେ କହନ୍ତି ୟାକୁ ବୁଢ଼ା ଖଟି । ସବୁ ବୁଢ଼ା ଓ ବୟସ୍କଙ୍କର ବସିବା ଉଠିବା ଏଠି । ଗପସପରେ କିଛି ବିଷୟବସ୍ତୁ ନଥାଏ । ତଥାପି ଗୋଟେ ଅଧେ ବିଷୟକୁ ନେଇ କେତେବେଳେ କେମିତି ତର୍କ ବିତର୍କ ବି ଜମି ଉଠେ । ଆଜିର ବିଷୟଟି ସେଇ ଆଡକୁ ମୁହାଁଇଲା, ଯେତେବେଳେ ହାଇସ୍କୁଲ୍‌ର ସେବାନିବୃତ୍ତ ପଣ୍ଡିତ ମହାଶୟ କହିଦେଲେ - କି ଯୁଗ ହେଲା ହୋ, ଶିକ୍ଷିତ ଯବାନ ଝିଅମାନେ ଯଦି ଏମିତି ସୀମା ଲଂଘନ କରିବେ, ତେବେ ସଂସାର ଉଚ୍ଛନ୍ନ ହେବା ସାର ।

ଖଟି ଭିତରୁ ଭାସ୍କରବାବୁ ଯିଏ କି ଏବେ ଏବେ ସରକାରୀ କିରାଣୀ ଚାକିରିରୁ ଅବସର ନେଇ ଗାଁରେ ରହୁଛନ୍ତି, ସେ ପଚାରିଲେ ଅବଶ୍ୟ କିଛି ନଜାଣିଲା ପରି - ହଇଓ ପଣ୍ଡିତେ କାହା କଥା କହୁଛ ?

ପଣ୍ଡିତେ ପାନ ଖଣ୍ଡିଏ କଳରେ ଜାକି କହିଲେ - ବାଟ ଘାଟରେ ଏଇନେ ଗୋଟିଏ ଚର୍ଚ୍ଚା ଗଡ଼ଗଡି ଝିଅଟାକୁ ନେଇ, ଇୟେ କହୁଛନ୍ତି କେଉଁ କଥା, ସତେକି କିଛି ଜାଣି ନାହାନ୍ତି ।

ଓହୋ... ଏବେ ବୁଝିଲି । ସେହି ବିଷକନ୍ୟା କଥା ତ !

ପଣ୍ଡିତେ କହିଲେ - ବିଷକନ୍ୟା କ'ଣ କି ହୋ ?

ଭାସ୍କରବାବୁ ଫେଁ କିନା ହସି କହିଲେ - ଆମେ ପିଲାଦିନେ ଗପ ଶୁଣି ନଥିଲେ କି ସୁନ୍ଦରୀ ଝିଅମାନଙ୍କୁ ଗୋଖର ସାପ ବିଷ ପ୍ରତିଦିନ ଟିକିଏ ଟିକିଏ ପିଆଇ ବିଷକନ୍ୟାରେ ରୂପାନ୍ତରିତ କରିଦେଉଥିଲେ । ଆଉ କେତେ ରାଜା, ମହାରାଜା, ମନ୍ତ୍ରୀ, କଟୁଆଳ, ଧନୀ ବଣିକ ଭଳି କ୍ଷମତାଶାଳୀ ଓ ଧନଶାଳୀ ଲୋକେ ସେମାନଙ୍କ ପ୍ରେମ ଫାସରେ ପଡ଼ି ଧନ, ରାଜ୍ୟ ଓ କ୍ଷମତାଚ୍ୟୁତ କେବଳ ହେଉନଥିଲେ ବରଂ କେତେକ ବି ମୃତ୍ୟୁ ବରଣ କରୁଥିଲେ ।

ଆଉ ଜଣେ ଖଟିଆଳି ପଚାରିଲେ - ଆଜିକାଲି ଆଧୁନିକ ପୁଣି ବିଜ୍ଞାନ ଯୁଗରେ ଏମିତି କେହି ବିଷ ପାନ କରି ବିଷକନ୍ୟା ହେବାକୁ ଚାହିଁବେନି ।

ଭାସ୍କରବାବୁ କହିଲେ - ଅବଶ୍ୟ ତାହା ସତ । କିନ୍ତୁ ସାପ ବିଷ ଅପେକ୍ଷା ଆହୁରି ବିଷଧର ଜିନିଷ ଆଜିକାଲି ଯୁବକ ଯୁବତୀଙ୍କ ପାଖରେ ରହିଛି ଯାହାକୁ ପ୍ରୟୋଗ କରି ରାତାରାତି କେବଳ ବିଶାଳ ଧନ ସମ୍ପତିର ଅଧିକାରୀ ହେଉନାହାନ୍ତି ବରଂ କ୍ଷମତାଶାଳୀ ବି ହେଇପାରୁଛନ୍ତି ।

ଆଉ ଜଣେ ଖଟିଆଳି ପ୍ରଶ୍ନ କଲା - ସେଟା କ'ଣ ପୁଣି?

ଡେରଛିଆ ହସଟିଏ ହସି ଭାସ୍କରବାବୁ କହିଲେ - ସେଇଟା ହେଉଛି ଗୁପ୍ତ କେମେରା ଓ କେତେକ ଇଲେକ୍ଟ୍ରୋନ ଗେଜେଟ । ତାରି ମାଧ୍ୟମରେ ଦୃଶ୍ୟ-ଶ୍ରାବ୍ୟ ସବୁ ରେକର୍ଡିଙ୍ଗ କରିନେଇ ଜଣକୁ ଭଲ ଭାବେ ବ୍ଲାକମେଲ୍ କରି ପାରିବେ ।

ପଣ୍ଡିତେ କହିଲେ - ହଁ ପରା । ଟିଭି ବି ସେଇ କଥା କହୁଥିଲା । ସେଇ ଯୁବତୀ ଜଣକ କେତେ କ୍ଷମତାଶାଳୀ ଓ ଧନଶାଳୀ ଲୋକଙ୍କୁ ନିଜ ପ୍ରେମ ଫାସରେ ପକାଇ ବିପୁଳ ସମ୍ପତି ମାଲିକାଣୀ ହେଇଛି ହୋ । କୋଟି କୋଟି ଟଙ୍କା ସହିତ ଦାମିକା କାର ଓ ସୁଉଚ୍ଚ ବଙ୍ଗଲୋ । ସମାଜର କେତେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ମାନ ମହତ ମଧ୍ୟ ତା' ଯୋଗୁ ଗଲାଣି ।

ଅନ୍ୟ ଜଣେ ଖଟିଆଳିଙ୍କର ମନ୍ତବ୍ୟ ଥିଲା - ଘୋର କଳିକାଳ । ମାଳିକା କହିଛି ପରା ନାରୀମାନେ ଉଦଣ୍ଡି ଓ ବ୍ୟଭିଚାରିଣୀ ହେଇ କୁଳ ନାଶର କାରଣ ପାଲଟିବେ । ଆଉ ପୁରୁଷମାନେ ଲମ୍ପଟ ହେଇ ଯୌନ ସମ୍ଭୋଗରେ ମଛିହେବେ ଏବଂ ଦୁର୍ନୀତି ଓ ଭ୍ରଷ୍ଟାଚାର କର୍ମରେ ଲିପ୍ତ ରହିବେ ଏବଂ ସମାଜକୁ ନଷ୍ଟଭ୍ରଷ୍ଟ କରିବେ ।

ପଣ୍ଡିତେ ମାଳିକାର ଭବିଷ୍ୟ ବାଣୀ ପ୍ରତି ନାଶାକୁଂଚନ କରି କହିଲେ - ହଇଓ ବାବୁ । ମାଳିକା ଯୁଗରେ ଇଏ ସବୁ ଘଟଣା କଣ ଘଟୁନଥିଲା କି ? ସବୁ ଯୁଗରେ ଏଭଳି ଦୁଷ୍କର୍ମ ରହିଛି । ଯିଏ କାମିନୀ କାଂଚନ ମୋହ ଜାଲରେ ପଡେ, ପରିଶ୍ରମ ନକରି ଅଳ୍ପଦିନରେ ଧନୀ ଓ କ୍ଷମତାବାନ ହେବାକୁ ସ୍ୱପ୍ନ ଦେଖେ, ସେମାନେ ଏସବୁ କାଣ୍ଡରେ ଲିପ୍ତ ରହିବେ ହିଁ ରହିବେ । ସେ ନାରୀ ହେଉ ବା ପୁରୁଷ । ସମସ୍ତେ କାହିଁକି ଏମିତି ହେବେ ହୋ ! ଯିଏ ନିଆଁ ଗିଳିବ ସେ ଅଙ୍ଗାର ହଗିବ ।

ଆଉ ଜଣେ ଖଟିଆଳିଙ୍କର ବକ୍ତବ୍ୟ ଥିଲା - ହଁ ପରା । ସେଇ ଯୁବତୀଟା ଏବେ ଜେଲ୍‌ରେ । ଧନ, କ୍ଷମତା ଓ ସମ୍ଭୋଗ ନିଶା ଯାହାକୁ ଘାରେ,ଏମନ୍ତ ଦୁଷ୍କର୍ମ ପ୍ରବୃତ୍ତି ତାରି ଭିତରେ ମୁଣ୍ଡ ଟେକେ, ମଣିଷକୁ ହତବୁଦ୍ଧି କରିଦିଏ । ତା' ବାଦେ ଆଜିକାଲି ସାମାନ୍ୟ ଘଟଣାକୁ ବିରାଟ କରି ଉପସ୍ଥାପନା କରିବା ଆମର ଗଣମାଧ୍ୟମର ନିତିଦିନିଆ ଅଭ୍ୟାସ ହେଇଗଲାଣି । କେତେ ସତ କେତେ ମିଛ କିଏ ଜାଣେ ? ଏମିତି ଘଟଣା ଆଗରୁ ହେଉଥିଲା, ଏବେ ବି ହେଉଛି, କେବଳ ପଦ୍ଧତି ଅଲଗା । ଆଜିର ଯୁଗ ହେଉଛି ସଂଚାର-ବିଳାସୀ । ତେଣୁ ଘଟଣା ବିଜୁଳି ବେଗରେ ଚାରିଆଡେ ଚରିଯାଉଛି । ଏଭଳି ବିଷକନ୍ୟାର ଅସ୍ତିତ୍ୱ ପୂର୍ବକାଳରେ ଗଳ୍ପ ମାଧ୍ୟମରେ ଲୋକେ ଶୁଣୁଥିଲେ ଯାହା ଆମେ ବର୍ତମାନ ଟିଭି, ଖବରକାଗଜ, ୟୁଟ୍ୟୁବ ଇତ୍ୟାଦି ସୋସାଲ ମିଡିଆରୁ ଜାଣନ୍ତି ।

ଆଉ ଜଣେ ଖଟିଆଳି କହୁଥିଲେ - ଛାଡ଼ ସେସବୁ କଥା । ହଇଓ ଭାସ୍କରବାବୁ ! ତୁମେ ଯେଉଁ ବିଷକନ୍ୟା କଥା କହୁଥିଲ, ସେଇ ଗପଟି କୁହନା ଟିକେ ଶୁଣିବା । ଭାସ୍କରବାବୁ କହିଲେ - ବୁଢ଼ା ତ ହେଲିଣି । ଯାହା ଝାପ୍ସା ଝାପ୍ସା ମନେ ଅଛି ତାହା କହିପାରିବି ଯେ କିନ୍ତୁ ଟିକେ ଖାପଛଡା ଲାଗିପାରେ । ଏଇ ଗପଟିକୁ ପିଲାଦିନେ ମୋ ଅଜାଙ୍କ ଠାରୁ ଶୁଣିଥିଲି । ଭାରୀ ଗମ୍ଭୀର ସ୍ୱରରେ ସାଧୁ ଶବ୍ଦ ଲଗେଇ ଅଜା ବେଶ ନାଟକୀୟ ଢଙ୍ଗରେ ଆମକୁ ଶୁଣାଇଥିଲେ ।

"........ସେଦିନ ରାଜାଙ୍କର ଗୁରୁଗମ୍ଭୀର ଘୋଷଣା ଶୁଣି ପରିଷଦବର୍ଗ ବିନା ମେଘେ ବଜ୍ରପାତ ପ୍ରାୟେ ସ୍ତବ୍ଧ ହେଲେ ସତ କିନ୍ତୁ ମନ୍ତ୍ରୀ ମହାଶୟ ଅବିଚଳିତ ହେଇ ରାଜସିଂହାସନ ଆରୁଢ଼ ରାଜାଙ୍କୁ ଚାହିଁ ଉତକ୍ଷିପ୍ତ ସ୍ୱରରେ କହିଲେ - ମହାରାଜ ! ଆପଣଙ୍କ ଆଜ୍ଞା ଅମାନ୍ୟ କରିବାର ଧୃଷ୍ଟତା ନାହିଁ ମୋର, ତଥାପି ଏହାର ମୂଲ୍ୟ ଆପଣଙ୍କୁ ଭୋଗିବାକୁ ଆଜି ନୁହଁେତ କାଲି ପଡିବ ।

ରାଜ୍ୟରୁ ବିତାଡିତ ହେଇ ମନ୍ତ୍ରୀ ପଡୋଶୀ ରାଜ୍ୟର ପ୍ରୀତିନଗର ନାମକ ଏକ ଜନପଦ ଅଂଚଳକୁ ଚାଲି ଆସିଲେ । କିନ୍ତୁ ମନରେ କୁହୁଳୁଥିଲା ପ୍ରତିଶୋଧର ଅଗ୍ନି, ସେହି ପ୍ରତିଶୋଧଟି ରାଜାଙ୍କ ଉପରେ ନଥିଲା ବରଂ ସେନାପତିଙ୍କର ବିଶ୍ୱାସଘାତକତା ଯେ ଦିନେ ରାଜାଙ୍କର ସର୍ବନାଶ କରିବ, ସେଥିପାଇଁ ସେନାପତିଙ୍କ ଉପରେ କିପରି ପ୍ରତିଶୋଧ ନେବେ ତାହା ହିଁ ଥିଲା ତାଙ୍କର କ୍ରୋଧ କୁହୁଳିବାର କାରଣ ।

ପ୍ରୀତିନଗର ତ ଚାଲିଆସିଲେ ମନ୍ତ୍ରୀ ଏକ ଅଚିହ୍ନା ପରିବ୍ରାଜକ ଭାବେ କିନ୍ତୁ ଭିତରେ କୁହୁଳୁଥିବା ନିଆଁକୁ ଗୋଟିଏ ଶକ୍ତିଶାଳୀ ଅସ୍ତ୍ରର ରୂପ କେମିତି ଦେବେ? ଏମନ୍ତ କଳ୍ପନା ମସ୍ତକ ଭିତରେ ଚକା ଭଉଁରୀ କାଟୁଥିବା ବେଳେ ଦେଖିଲେ ପଥ ପାର୍ଶ୍ୱରେ ଏକ ବିରାଟ ଉଛୁଳା ପୁଷ୍କରିଣୀ । କ୍ଲାନ୍ତି ମେଣ୍ଟାଇବା ଆଶାରେ ପୁଷ୍କରିଣୀ ନିକଟସ୍ଥ ବିଶାଳ ବଟବୃକ୍ଷ ଛାୟା ତଳେ ବସିପଡିଲେ । ତାଙ୍କର କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ଚକ୍ଷୁ ଶୀତଳ ପବନରେ ମୁଦି ଯାଉଥିଲା ବାରମ୍ବାର । ଜନଶୂନ୍ୟ ସ୍ଥାନରେ ହଠାତ ଜଣେ ରୁପସୀ ନାରୀ କଳସୀଟିଏ କାଖେଇ ପୁଷ୍କରିଣୀ ଘାଟରୁ ସୁନ୍ଦର ଭଙ୍ଗୀରେ ଚାଲି ଆସୁଥିବା ଦେଖି, ମନ୍ତ୍ରୀଙ୍କ ମନରେ ଉଙ୍କିମାରୁଥିବା କଳ୍ପନାର ଚକ୍ରି ବୋଧହୁଏ ଏକ ଭୟାନକ ଅସ୍ତ୍ରର ରୂପ ନେବାର ସମ୍ଭାବନା ଜଗାଇଦେଲା ।

ମନ୍ତ୍ରୀ କହିଲେ - ଆରେ କନ୍ୟା ! ମୁଁ ତୃଷାର୍ତ୍ତ, ମୋତେ ପାଣି ମୁନ୍ଦାଏ ପିଇବାକୁ ଦେବ ?

ରୁପସୀ ନାରୀର ଓଠରୁ ଝରି ପଡିଲା ସୁଶ୍ରାବ୍ୟ ହସ, ଭ୍ରୁଲତା ନଚାଇ ଅତି ମିଠା ସ୍ୱରରେ କହିଲା - ମହାଶୟ ! ଆଞ୍ଜୁଳା ଦେଖାନ୍ତୁ, ଢାଳି ଦେଉଛି ପାଣି ।

ମନ୍ତ୍ରୀ ପାଣି ପିଇସାରି ଚାହିଁଲେ ନିର୍ଣ୍ଣିମେଷ ନୟନରେ ନାରୀକୁ ଓ ତା'ର ଲୋହିତବର୍ଣ୍ଣ ଓଠରେ ଲହରୀତ ହସ କ୍ରମଶଃ ତୀକ୍ଷ୍ଣ କରୁଥିଲା ମନ୍ତ୍ରୀଙ୍କ ମନରେ ରୂପ ନେଇଥିବା ଅସ୍ତ୍ରକୁ ।

ସେ ଭାବିନେଲେ ଯେ ଏହି ରୁପସୀ ଯୁବତୀ ମାଧ୍ୟମରେ ପ୍ରସ୍ତୁତ କରିବେ ସେନାପତିର ସର୍ବନାଶ କରିବାର ଅସ୍ତ୍ର । ଅଳ୍ପ ସମୟର କଥାବାର୍ତ୍ତା ଭିତରେ ମନ୍ତ୍ରୀ ଜିଣିନେଲେ ଯୁବତୀର ହୃଦୟ । ମନ୍ତ୍ରୀ ପଚାରିଲେ - ତୋ ନାଁ କଣ ଝିଅ । ସେ ଖିଲି ଖିଲି ହସି କହିଲା - ତନୁଶ୍ରୀ ।

ମନ୍ତ୍ରୀ ସାମାନ୍ୟ ବ୍ୟସ୍ତ ଦେଖା ପଡିବାରୁ ଯୁବତୀ ପଚାରିଲା - ଆପଣ ବୋଧେ ଆମ ଜନପଦକୁ ନୂଆ କରି ଆସିଛନ୍ତି । ମନ୍ତ୍ରୀ ହଁ କହିବାରୁ ଯୁବତୀ ତାଙ୍କୁ ନିଜ ଘରକୁ ଆମନ୍ତ୍ରଣ କଲେ ।

ଯୁବତୀର ଘରେ ପହଂଚି ମନ୍ତ୍ରୀ ଜାଣିଲେ ଯେ ତା'ର ମା' ହେଉଛି ସେହି ରାଜ୍ୟର ଜଣାଶୁଣା ରାଜନର୍ତ୍ତକୀ । ନିଜର ପରିଚୟ ଗୋପନ ରଖି ମନ୍ତ୍ରୀ ନିଜକୁ ଜଣେ ଧନଶାଳୀ ବଣିକ ଭାବେ

ରାଜନର୍ତ୍ତକୀଙ୍କ ଅଥିତିଶାଳାରେ ଆତ୍ମଗୋପନ କଲେ । ସେଥିପାଇଁ ସେ ଦେଇଥିଲେ ଗୋଟିଏ ମୁଣିଭର୍ତ୍ତି ସୁନାମୋହର ରାଜନର୍ତ୍ତକୀକୁ ତା'ର ବିଶ୍ୱାସଭାଜନ ହେବାପାଇଁ ।

ଦିନସାରା କେଉଁଠିକି ଚାଲିଯାଆନ୍ତି ମନ୍ତ୍ରୀ, କିନ୍ତୁ ରାତିରେ ଅତିଥିଶାଳାକୁ ଫେରିଆସନ୍ତି । ଷୋହଳ ସତର ବର୍ଷର ରୁପସୀ ନାରୀ ଇତିଶ୍ରୀ ଇତ୍ୟବସରେ ମନ୍ତ୍ରୀଙ୍କର ନିଷ୍କାରଣ ମମତା ପାଇ ତାଙ୍କୁ ପିତାବତ୍ ଭକ୍ତି ଓ ସମ୍ମାନ କରିବାକୁ ଲାଗିଲାଣି । ସେତେବେଳକୁ ଝିଅଟି ବେଶ ନୃତ୍ୟ ଓ ସଂଗୀତରେ ପ୍ରବୀଣା । ରାଜ-ରଙ୍ଗମହଲକୁ ମା' ସହିତ ବେଳେବେଳେ ଯାଇ ନୃତ୍ୟ ପରିବେଷଣ ମଧ କରୁଥିଲା ।

ପ୍ରାୟ ଦୁଇମାସ ଅତିକ୍ରାନ୍ତେ, ମନ୍ତ୍ରୀ ସ୍ନେହରେ ଗୋଟିଏ ସୁନ୍ଦର ମୂଲ୍ୟବାନ ହୀରା ମୁଦିଟିଏ ତନୁଶ୍ରୀ ଅଙ୍ଗୁଷ୍ଠିରେ ପିନ୍ଧାଇ କହିଥିଲେ - ଦେଖ ଝିଅ, ଆଜିଠାରୁ ତୁ ମୋର ଝିଅ ହେଲୁ । ତନୁଶ୍ରୀ ଯେତିକି ସେଦିନ ଖୁସି ହେଇନଥିଲା, ତାର ମା' ବେଶୀ ଖୁସିରେ ଗଦ ଗଦ ହେଇ କହିଲା - ମୋ ଝିଅର ବାପଟିଏ ଦରକାର ଥିଲା, ଆଜି ତାହା ପୂର୍ଣ୍ଣ ହେଲା ।

ବୁଦ୍ଧିମାନ ମନ୍ତ୍ରୀ ଇତ୍ୟବସରେ ତଥ୍ୟ ସାଉଁଟି ସାରି ନିଶ୍ଚିତ ହେଲେଣି ଯେ ଝିଅଟି ଯେ ନର୍ତ୍ତକୀର ଗର୍ଭଜନ୍ମା ସନ୍ତାନ ନୁହେଁ ବରଂ ଅନ୍ୟ ଡାହୁକକୁ ଶିକାରରେ ସାହାଯ୍ୟ କରୁଥିବା ଲୁବ୍ଧକର ପୋଷାମଣା ବଂଶମରା ଡାହୁକ ଭଳି ଏହି ପାଳିତ କନ୍ୟା । ଇଏ ଜଣେ ବାରବୁଲା ସାପୁଆ କେଲୁଣିର ଝିଅ ଯାହାକୁ ନର୍ତ୍ତକୀର ନିର୍ଦ୍ଦେଶରେ ପିଲାଟି ଦିନରୁ ଦୁଧ ପରିବର୍ତ୍ତେ ଟିକିଏ ଟିକିଏ ନାଗର ବିଷ ପିଆଇ ବିଷକନ୍ୟାରେ ପରିଣତ କରିଥିଲା, କିନ୍ତୁ ଭାଗ୍ୟର ବିଡମ୍ବନା ଯେ କେଲୁଣିର ମୃତ୍ୟୁ ହେଇଥିଲା ସେହିଦିନ, ଯେଉଁଦିନ ନର୍ତ୍ତକୀ ହାତରେ ଟେକିଦେଇଥିଲା ଏ ଝିଅକୁ । କେଲୁଣୀର ମୃତ୍ୟୁ ଏକ ରହସ୍ୟ ସତ, କିନ୍ତୁ ଏଥିରେ ନର୍ତ୍ତକୀର ଷଡଯନ୍ତ୍ର ନାହିଁ କହିହେବନି ବୋଲି ମନ୍ତ୍ରୀ ଭାବନ୍ତି ।

କଂସାରୀ ଘରର ପାରା ଯେମିତି କୌଣସି ପ୍ରକାର ଢାଉଁ ଢାଉଁ ଉଚ୍ଚଶବ୍ଦ ଦ୍ୱାରା ବିଚଳିତ ହୁଏନି ମନ୍ତ୍ରୀ ସେମିତି ନର୍ତ୍ତକୀର ଗୁପ୍ତ କାରନାମାର ରହସ୍ୟ ଶୁଣି ବିସ୍ମିତ ହେଲେନି । କାହିଁକି ନା ଲୋଭ ଓ କ୍ଷମତାର ଉଚ୍ଚାକାଂକ୍ଷା ମଣିଷକୁ ଏମିତି ଅନ୍ଧ କରିବା ଏକ ସ୍ୱାଭାବିକ ଘଟଣା । ସେଥିପାଇଁ ତ କେତେ ରାଜା, ଧନଶାଳୀ ଓ କ୍ଷମତାଶାଳୀ ମଣିଷ ଏମନ୍ତ କାମ ଓ କାଂଚନରେ ମୋହିତ ହେଇ ଷଡଯନ୍ତ୍ରର ଶିକାର ହେଇଯାନ୍ତି !!

ମନ୍ତ୍ରୀ ଏ ସୁଯୋଗକୁ ହାତଛଡା ନକରି ତନୁଶ୍ରୀକୁ ବିପୁଳ ଧନ ଓ ରାଜକୀୟ କ୍ଷମତାର ଅଧିକାରିଣୀ ହେବାର ଆକାଶଉଂଚା ସ୍ୱପ୍ନରେ ବିଭୋର କରି ନର୍ତ୍ତକୀ ପାଖରୁ ନେଇଆସିଲେ । ସେ ଜାଣିଛନ୍ତି ଯେ ଦୁଷ୍ଟ ସେନାପତି ଜଣେ ଯୌନ ସମ୍ଭୋଗ ମାନସିକତାର ପଶୁ ମଣିଷ । ବିଷକନ୍ୟା ରୂପୀ ଅସ୍ତ୍ର ସାହାଯ୍ୟରେ ବିଶ୍ୱାସଘାତକ ସେନାପତିକୁ ନିଶ୍ଚିହ୍ନ କରି ପୁଣି ମନ୍ତ୍ରୀପଦକୁ କରାୟତ କରିପାରିବେ ।

ମନ୍ତ୍ରୀ ନିଜ ରାଜ୍ୟକୁ ତନୁଶ୍ରୀକୁ ସାଥିରେ ନେଇ ଫେରି ଆସି ଜାଣିଲେ ଯେ ରାଜା ସେନାପତିର ଷଡ଼ଯନ୍ତ୍ରର ଶିକାର । ସେ ବର୍ତ୍ତମାନ ବନ୍ଦୀପ୍ରାୟ । ସେଥିପାଇଁ ସେନାପତି ସଫଳତାର ଖୁସି ମନାଇବା ପାଇଁ ଏକ ନୈଶ ନୃତ୍ୟ ଗୀତର ଆୟୋଜନ କରିଛି, ସମୁଦ୍ର କୁଳସ୍ଥ ଏକ ଉଦ୍ୟାନ-ବାଟିରେ । ମନ୍ତ୍ରୀ

ଭାବିଲେ ଯେ ଲୁହଟା ଏବେ ଖୁବ ଉତପ୍ତ, ଏହା ଉପରେ ଶକ୍ତ ପ୍ରହାର ଦରକାର । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ତାଙ୍କର ଅତି ପରିଚିତ ବାରଙ୍ଗନା ଯିଏକି ସେହି ନୈଶ ମେହେଫିଲକୁ ଆମନ୍ତ୍ରିତ ହୋଇଛି, ତା ସାଙ୍ଗରେ ପଠାଇଦେଲେ ତନୁଶ୍ରୀକୁ ।

ତନୁଶ୍ରୀର ରୂପ ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ସେନାପତି ପତଙ୍ଗ ଭଳି ନିଆଁକୁ ଡେଇଁ ପଡିବା ନ୍ୟାୟରେ ବିଷକନ୍ୟା ସହିତ ବିତାଇଲା ସାରା ରାତି । କିନ୍ତୁ ସକାଳୁ ସକାଳୁ ଖବର ଆସିଲା ଯେ ସେନାପତି ମୃତ ।

ରାଜା ହେଲେ ମୁକ୍ତ । ମନ୍ତ୍ରୀଙ୍କୁ ରାଜା ଶତକଣ୍ଠରେ ପ୍ରଶଂସା କରୁଥିବାବେଳେ ମନ୍ତ୍ରୀ କିନ୍ତୁ ଥିଲେ ଆନମନା । ବିଷାକନ୍ୟା କ୍ରମଶଃ ହେଲା ତାଙ୍କର ମୁଣ୍ଡବିନ୍ଧାର କାରଣ । ଏଭଳି ସାଙ୍ଘାତିକ ନାରୀ ବି ନିଜର ଉଚ୍ଚ ଅଭିଳାଷ ପୁରଣ ପାଇଁ ରାଜାଙ୍କୁ ବିନାଶ କରିପାରେ, ମୋତେ ମଧ୍ୟ । ମନର କଥା ମନରେ ମାରି ନିଜ ଗୃହକୁ ତନୁଶ୍ରୀକୁ ନେଇଆସିଲେ ।

ନିଜ ଗୃହରେ ପହଂଚିବା ଉତାରୁ ତନୁଶ୍ରୀକୁ ମନ୍ତ୍ରୀ ଉଚ୍ଚ ପ୍ରଶଂସା କରି କହିଲେ - କନ୍ୟା ତନୁଶ୍ରୀ ! ରାଜା ତୁମର ଅସାଧ କାର୍ଯ୍ୟରେ ଏମିତି ପ୍ରୀତ ହୋଇଛନ୍ତି ଯେ ତୁମକୁ ସୁନା ମୋହରର ହାର କାଲି ପିନ୍ଧାଇ ରଙ୍ଗଶାଳାର ନର୍ତକୀ ପଦରେ ଅଭିଷିକ୍ତ କରିବେ । ସତରେ ତୁମେ ଅତି ଭାଗ୍ୟବତୀ, କାରଣ ଏଭଳି ପଦବୀ କ୍ୱଚିତ ମିଳେ ।

ତନୁଶ୍ରୀ ଏମନ୍ତ ଧନ ଓ କ୍ଷମତାର ପ୍ରାପ୍ତି ସମ୍ଭାବନାରେ ଉଲ୍ଲସିତ ହୋଇଉଠିଲା । ମନ୍ତ୍ରୀ ତା'ର ଉଲ୍ଲାସପଣ ଦେଖି କହିଲେ - ଆଜି ତୁମେ ମୋ ଘରର ଅତିଥିକକ୍ଷରେ ନୃତ୍ୟ କର, ମୁଁ କେବଳ ଦେଖିବି, କାହିଁକି ନା ମୁଁ ତୁମର ନୃତ୍ୟ କେବେ ଦେଖି ନାହିଁ । ରୁପସୀ ତନୁଶ୍ରୀ ବିନା ସଂକୋଚରେ ରାଜି ହେଲା । କିନ୍ତୁ ମନରେ ଜଳି ଉଠିଲା ଗୋଟିଏ ସନ୍ଦେହର ଧୂପକାଠି । ଯିଏ କଅଁଳିଆ କଥାରେ ହୁତାସନ ଦେଖିବାରେ ଅଭ୍ୟସ୍ତ ସେ କେବେ ବି ସହଜରେ ସବୁକଥାକୁ ଗ୍ରହଣ କରିପାରେନି ।

ରାତି ଅଧରେ ଘୁଙ୍ଗୁରର ଶବ୍ଦ ଶୁଣି ମନ୍ତ୍ରୀ ଅଥିତିଶାଳାରେ ପହଂଚି ଦେଖନ୍ତି ଯେ ତନୁଶ୍ରୀ ନିଜକୁ ଏମିତି ବେଶରେ ସଜାଇଛି ଯେ କଳ୍ପିତ ସ୍ୱର୍ଗର ଅପସରା ବି ତା'ର ରୂପ ନିକଟରେ ହାର ମାନିବ । ମନ୍ତ୍ରୀଙ୍କୁ ବାହୁ ବନ୍ଧନରେ ବାନ୍ଧି ପାଛୋଟି ନେବା ପରେ ସେ ତା'ର ନୃତ୍ୟ ଆରମ୍ଭ କଲା । ମନ୍ତ୍ରୀ ସେତେବେଳକୁ ତନୁଶ୍ରୀର ନୃତ୍ୟ ଓ ଅପୂର୍ବ ଅଙ୍ଗ ଚାଳନା ଦେଖି ଅତ୍ୟନ୍ତ ଖୁସି ହୋଇ ରୁପସୀଙ୍କୁ ଗାଢ ଆଲିଙ୍ଗନ କଲେ ସତ କିନ୍ତୁ ନିଜ ଅଣ୍ଟାରେ ଲୁକ୍କାୟିତ ତୀକ୍ଷ୍ଣ ଛୁରୀକୁ ଧୀରେ ଧୀରେ ବାହାର କରି ଆଣୁଥିଲେ, ଭାବିଥିଲେ ଯେ ରୁପସୀ ଦେଖୁ ନାହିଁ ବୋଲି । କିନ୍ତୁ ରୁପସୀର ପାରା ଆଖିରେ କିଛି ଅଛପା ରହେ ନାହିଁ । ମନ୍ତ୍ରୀଙ୍କ ତୀକ୍ଷ୍ଣ ଛୁରୀ ନର୍ତକୀ ପେଟରେ ପଶିବା କ୍ଷଣି ଚୁମ୍ବନ ଆଙ୍କିବା ବାହାନାରେ ଏମିତି ମନ୍ତ୍ରୀଙ୍କ ଗାଲକୁ ତତକ୍ଷଣାତ ରୁପସୀ କାମୁଡି ଦେଲା ଯେ, ମନ୍ତ୍ରୀ ବିଷ ଜ୍ୱାଳାରେ ତଳେ ପଡ଼ି ଛଟପଟ ହେବାକୁ ଲାଗିଲେ । ରାତି ପାହିଲା ବେଳକୁ ଦୁହିଁଙ୍କର ମୃତଶରୀର ସଭା କକ୍ଷରେ ଗଡୁଥିଲା ।

ଅଜା ଗପଟି କହି ସାରି ମୋତେ ଚାହିଁ ଦେଖନ୍ତି ଯେ ମୁଁ ବାକରୁଦ୍ଧ ହେଇ ଅକାବକା ଚାଇଁଛି । ଅଜା କହିଲେ - ଚାହିଁଛୁ କ'ଣ ? ଧନ ଓ କ୍ଷମତା ଲୋଭ ମଣିଷକୁ ଏମିତି କଲବଲ କରି ମାରେ, ଗପଟିରୁ ତୁମେ ପିଲାମାନେ ଶିଖିବା ଉଚିତ ।

ଖଟିଆଳିମାନେ ବାଃ ବାଃ କହୁଥିବା ସମୟରେ ପଣ୍ଡିତ ମହାଶୟ ଗାଇ ଉଠିଲେ - ନାରୀସ୍ତନଭରନାଭିଦେଶମ, ଦୃଷ୍ଟ୍ୱା ମା ଗା ମୋହବେଶମ । ଏତନ୍ମାଂସବସାଦି ବିକାରଂ, ମନସି ବିଚିନ୍ତୟ ବାରଂ ବାରମ୍....... ଭଜ ଗୋବିନ୍ଦଂ ଗୋବିନ୍ଦଂ  ଭଜ ମୂଢ଼ମତି ।

ସନ୍ଧ୍ୟା ଓହ୍ଲାଇ ଆସିବାରୁ ଖଟି କ୍ରମଶଃ ନିର୍ଜନ ହେଲା ।

∞∞

**ମନୋଜ କୁମାର ମହାପାତ୍ର,** ଭୁବନେଶ୍ୱର । ସମ୍ପାଦକ ନିତିଦିନ, ନନ୍ଦିକା, ଓ ଉତ୍ତିଷ୍ଠତ । ପ୍ରକାଶିତ ପୁସ୍ତକ ସଂଭାର: ୧୨'ଟି ଅନୁବାଦ ପୁସ୍ତକ, ୯'ଟି ଉପନ୍ୟାସ, ୭'ଟି ଜୀବନୀ, ୫'ଟି ଗଳ୍ପ ସଂକଳନ, ୪'ଟି ଶିଶୁ ସାହିତ୍ୟ ପୁସ୍ତକ, କବିତା ସଂଗ୍ରହ । ଏହା ସହ ଅନେକ ସାମ୍ପ୍ରତିକ, ଆଧ୍ୟାତ୍ମିକ ଓ ଅନ୍ୟାନ୍ୟ ବିଷୟରେ ନିୟମିତ ପ୍ରବନ୍ଧ ଲେଖନ୍ତି । ବହୁ ସାମାଜିକ, ସାରସ୍ୱତ ଓ ଆଧ୍ୟାତ୍ମିକ ସଂସ୍ଥାମାନଙ୍କ ସହ ଜଡ଼ିତ ।  www.manojmahapatra.in

∞∞



Images from Odisha

# ବିଶ୍ୱସ୍ତ ବିଶ୍ୱର ବାଦଶା

## କିଶୋର ଆକାଶ୍

ରାତି ପାହିବାକୁ ଢେର ଡେରି ଅଛି ଆହୁରି । ସମୟ ଜାଣିବାକୁ ଇଛା ନାହିଁ ଜମା । ଅଚାନକ ନିଦ ଭାଙ୍ଗିଗଲା ତୁଷାରର । ଯେମିତି କିଏ ହାତ ମାରି ଉଠେଇଦେଲା ତା'କୁ ।

----ଆରେ ଉଠ । ଉଠ । ଦେଖ ତୋ ପ୍ରିୟ ରାଜା'ର (ତା'ଛଡା ଘରେ ଓ ବାହାରେ ସମସ୍ତେ ତା'କୁ ହେରୀ ନାମରେ ହିଁ ଡାକୁଥିଲେ) ଅବସ୍ଥା...!

ଧଡପଡ ହୋଇ ଉଠି ଧାଇଁ ଯାଇ ମାଷ୍ଟର ବେଡ୍‌ରୁମ୍‌ରେ ଶାୟିତ ରାଜାକୁ ଦେଖିଲା ପାଖକୁ ଯାଇ । ନା, ପେଟ ପିଠି ଆଉ ହଲଚଲ ହେଉ ନାହିଁ । ସ୍ଥିର । ନିଶ୍ଚଳ । ମାନେ...ରାଜା ଚାଲିଗଲା ସବୁଦିନ ପାଇଁ । ପାଖକୁ ଲାଗି ଖଟ ଉପରେ ଶୋଇଛି ସାନ ପୁଅ ରିକି । ସେ ଜାଣିଲେ ତା'କୁ ଆଉ ସମ୍ଭାଳିବା ଭୀଷଣ କଷ୍ଟ । ତେଣୁ ତୁଷାର ସ୍ତ୍ରୀ ତନିମାକୁ ଧିରେ ଚୁପଚାପ୍ ଉଠାଇ, ଠାରରେ କହିଦେଲା ଯେ ହେରୀ ଆଉ ନାହିଁ ।

ତନିମା ବି ଠାରରେ କହିଦେଲା କିଚେନ୍ ବାଲକୋନୀକୁ ଚାଲ । ଏବେ ଆମେ କନ୍ଦାକଟା କଲେ ରିକିକୁ ସମ୍ଭାଳି ହେବ ନାହିଁ ଜମା । ବର୍ତ୍ତମାନ ସମସ୍ତଙ୍କୁ ଜଣାଇ ଦିଅ ଏ ଦୁଃସମ୍ବାଦ । ଅନ୍ତତଃ ଯେଉଁମାନେ ରହୁଛନ୍ତି ଏ ସହରରେ ।

ତନିମା ଏତିକି କହି ଦେଇ କାନ୍ଦି କାନ୍ଦି ବାଥ୍‌ରୁମ୍ ଚାଲିଗଲା କୋହ ଆଉ ଲୁହକୁ ଚାପି ଦେଇ ।

ତୁଷାର କହିଲା ମନେ ମନେ - ରାଜା ତ ମୋ ପାଇଁ ମୋର ତୃତୀୟ ପୁତ୍ର ଥିଲା ନା....। ଚାଲିଗଲା ଭସେଇ ଦେଇ ମତେ ଅଥଳ ସାଗରେ । ଏକା କରି ଦେଇ ମତେ ଏକା ଥରେ । ଦୀର୍ଘ ନିଶ୍ୱାସ ଛାଡି ଛାତିକୁ ଚାପି ଧରିଲା ଜୋରରେ ।

ସେହି ସହରରେ ରହୁଥିବା ତିନୋଟି ଶଳା, ଜଣେ ଶାଳୀ, ଷଢୁଙ୍କ ପୁଅ ଝିଅ (ପୁତୁରା/ଝିଆରୀ) ସମେତ କିଛି ଖାସ୍ ବଂଧୁଙ୍କୁ ଏ ଖବର ମୋବାଇଲରେ ଜଣାଇ ଦେଇ ଆସିବାକୁ ଅନୁରୋଧ କଲା । ସମସ୍ତେ ଆସି ଠିଆ ହେବାକୁ ପ୍ରତିଶ୍ରୁତି ଦେଇ ଫୋନ୍ କାଟିଲେ । ସୁଦୂର ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ରହୁଥିବା ବଡ଼ ପୁଅ ପ୍ରକାଶକୁ ଜଣାଇ ଦେଇ ପ୍ଲେନ୍‌ରେ ତୁରନ୍ତ ପହଞ୍ଚିବାକୁ ତାଗିଦ୍ କଲା ତୁଷାର ।

ଘଣ୍ଟାଏ ପରେ ଅଚାନକ ଉଠିଲା ରିକି ।

ହେରୀକୁ ନିର୍ଜୀବ ଦେଖି କାନ୍ଥରେ ଢୋ ଢୋ ମୁଣ୍ଡ ପିଟି ଚଟାଣରେ ହାତ କଚାଡି "ମୋ ହେରୀ ଆଉ ନାହିଁ ମାମା ! ମୋ ହେରୀ ମତେ ଏକା ଛାଡ଼ି ଚାଲିଗଲା" ବଡ଼ ପାଟିରେ ଚିତ୍କାର କରି କାନ୍ଦିବାକୁ

ଲାଗିଲା ଛୋଟ ଛୁଆଟିଏ ଭଳି ରାହା ଧରି। ତୁଷାର ତନିମା କେତେ ସାନ୍ତ୍ୱନା ଦେଲେ ବି ତା'କୁ କଣ୍ଟ୍ରୋଲ କରିବା ମୁସ୍କିଲ ହୋଇ ଉଠିଲା । ସେ ଏତେ ଜୋରରେ ଏଡେ ବିକଳରେ କାନ୍ଦୁଥାଏ ଯେ ଗଛପତ୍ର, କାନ୍ଥ ବାଡ଼, ଛାତଚଟାଣ ବି ଯେମିତି ଏ ଅଜବ ଦୃଶ୍ୟରେ ମୁହ୍ୟମାନ । ସାହି ପଡିଶା ତ ଏ ଆପାର୍ଟମେଣ୍ଟରେ ଆତ୍ମୀୟତାବିହୀନ ଆଉ ପ୍ରତିକ୍ରିୟାଶୂନ୍ୟ । ହେରୀ ଥିଲା ରିକିର ପୃଥିବୀ । ତା'ର କେହି ସାଙ୍ଗ ସାଥି ନ ଥିଲେ । ରିକି ହେରୀକୁ ନିଜ ଜୀବନଠୁଁ ଅଧିକ ଭଲ ପାଉଥିଲା । ଚବିଶ ଘଣ୍ଟା ତା'ସହ ଏକାତ୍ମ ହୋଇ ରହୁଥିଲା । ଦୁହେଁ ଦୁହିଁଙ୍କୁ ପ୍ରଚୁର ପ୍ରେମୁଥିଲେ । ରିକି ନଭେମ୍ବରରୁ ଜାନୁଆରୀ ତିନି ମାସ ନେପାଳ ଚାଲିଗଲା ବୋଲି ତୁଷାର ସହ  ଏତେ ଆତ୍ମୀୟତା ବଢିଗଲା ନା... । ରିକିର ଦେହ ଖରାପ ଶୁଣି ତୁରନ୍ତ ଫେବୃଆରୀରେ ହିଁ ରିକି ହେରୀ ପାଖକୁ ଫେରି ଆସିଥିଲା ।

ପ୍ରାୟ ଘଣ୍ଟାଏ ପରେ ଶାଳୀର ତରୁଣୀ ଝିଅ ମିମି ଆସି ପହଞ୍ଚିଲା କାର୍‌ରେ । ସେ ନିଜେ ଗୋଟାଏ ପେଟ୍ ଲଭର୍ । ରାସ୍ତାକଡର ବୁଲା କୁକୁରମାନଙ୍କ ହେପାଜତ୍ ନିଏ । ଖାଇବାକୁ ପିଇବାକୁ ନିୟମିତ ଦିଏ । ସେବା ଶୁଶ୍ରୁଷା କରେ । ତା'ଘରେ ଚାରୋଟି ବୁଲା କୁକୁର ପାଳିଛି ସିଏ ।

ମିମି ସମ୍ଭାଳିଲା ରିକିକୁ । ଆପର୍ଟମେଣ୍ଟର କିଛି ପେଟ୍ ଲଭର୍ ଆସି କାନ୍ଦି କାନ୍ଦି ସମବେଦନା ଜଣାଇ ଶେଷ ଦର୍ଶନ କରି ଫେରିଗଲେ । ଆଉ କେହି ବଂଧୁପରିଜନ କି ଆତ୍ମୀୟସ୍ୱଜନ ପହଞ୍ଚିଲେ ନାହିଁ ।

ପ୍ରାୟ ନଅଟା ବେଳକୁ ଶ୍ମଶାନଘାଟକୁ ନିଆଗଲା ହେରୀକୁ । ସେଠାକାର ସମସ୍ତ ଆୟୋଜନ ଖୁବ୍ ବ୍ୟବସ୍ଥିତ ଢଙ୍ଗରେ କରିଦେଇଥିଲା ମିମି ଫୋନ୍‌ରେ । ତା'ର ଏ ଦିଗରେ ଯଥେଷ୍ଟ ଅଭିଜ୍ଞତା ଥିଲା ତ ଆଗରୁ । ତନିମା ସିନା ଟଙ୍କା ପେମେଣ୍ଟ କଲା, ଆଉ କୌଣସି ଝମେଲା ନ ଥିଲା ।

ଘରଠୁଁ ପ୍ରାୟ ଦଶ/ବାର କିଲୋମିଟର ଦୂରରେ ଶ୍ମଶାନଘାଟ । ନିଜ କାର୍‌ରେ ବସିଲା ତୁଷାର ହେରୀକୁ କୋଳରେ ଧରି । କାର୍ ଚଳାଇବା ପାଇଁ ପ୍ରକାଶର ବଂଧୁ ରଂଜନ ଆସିଥିଲା । ରିକି ସେମିତି ମୁଣ୍ଡ ପିଟି ଏମିତି ବିକଳରେ କାନ୍ଦୁଥାଏ ଯେ ବର୍ଣ୍ଣନା କରିବା ଅସମ୍ଭବ । ସେ ଡ୍ରାଇଭର ସାଇଡ୍‌ରେ ଆଗରେ ବସିଲା ତ ତନିମା ଆଉ ନାତୁଣୀ ବନି ବସିଲେ ମିମିର କାର୍‌ରେ ।

ଶ୍ମଶାନଘାଟରେ ସାନ ଶଳା ନରେଶ୍ ଅପେକ୍ଷା କରିଥିଲା । ସମସ୍ତେ ମିଶି ହେରୀର ଦାହ ସଂସ୍କାର କରିବା ପାଇଁ ପ୍ରୟାସ କଲେ । ହେରୀକୁ ମାଟିରେ ପୋତି ଦେବାକୁ ସେଠାକାର କିଛି ଲୋକ ପ୍ରସ୍ତାବ ଦେବାରୁ ରିକି ଆଉ ତୁଷାର ଦୃଢ଼ ବିରୋଧ କଲେ । ନାତୁଣୀ ବନିକୁ ମିମି ଆଉ ରିକିକୁ ନରେଶ୍ ସମ୍ଭାଳୁଥାନ୍ତି । ମଣିଷ ଭଳି କାଠରେ ଜୁଇ ପ୍ରସ୍ତୁତ କରି ହେରୀକୁ ସେଥିରେ ଶୁଆଇ ଦେଇ ନୂତନ ବସ୍ତ୍ର ଆଚ୍ଛାଦିତ କରି ଦିଆଗଲା । ବ୍ରାହ୍ମଣ ମନ୍ତ୍ର ପଢିଲେ । ସମସ୍ତେ କଳାରାଶି ପକାଇଲେ । ମଧୁ ଦିଆଗଲା ମୁଖରେ ।

ମୁଖାଗ୍ନି ଦେଲା ରିକି ପ୍ରଦକ୍ଷିଣ କରି ହେରୀ ଚାରିପଟେ । ଚାହୁଁ ଚାହୁଁ ଜଳିଗଲା ଘୃତ ଆଉ ଚନ୍ଦନ କାଷ୍ଠର ମିଳିତ ଅଗ୍ନିରେ ପ୍ରିୟ ହେରୀର ସୁନ୍ଦର ସୁଢଳ ଶରୀର । ପଛକୁ ନ ଚାହିଁ ସମସ୍ତେ ଫେରିଲେ କାନ୍ଦି କାନ୍ଦି ପ୍ରିୟ ଜନର ଚିର ଅବର୍ତ୍ତମାନରେ ମୁହ୍ୟମାନ ହୋଇ ।

ତା'ପର ଦିନ ତୁଷାର ବଡ଼ପୁଅ ପ୍ରକାଶ ସହିତ ଯାଇଥିଲା ଶ୍ମଶାନଘାଟକୁ ଦିବଂଗତ ହେରୀର ଅସ୍ଥି ଶୀତଳେଇବା ପାଇଁ । ଗୋଟାଏ ନାଲି କନାରେ ଅସ୍ଥି ସବୁ ଗୁଡ଼ାଇ ଧରି ଯମୁନାରେ ବିସର୍ଜନ ପାଇଁ ଗଲା ବଡ଼ କଷ୍ଟରେ ।

ଭୋ ଭୋ କାନ୍ଦି କାନ୍ଦି କହୁଥିଲା, - ରାଜାରେ, ମୋ ରାଜା ବାବା ! ମତେ ଏମିତି ଏକା ଛାଡ଼ି ଚାଲିଗଲୁ । ସାରା ଜୀବନ ମୋ ଆଖିର ଲୁହ ହୋଇ ରହିଗଲୁ । ଛାତି ଫାଟି ଯାଉଛି ରେ ରାଜା ! ନିଜକୁ ଜମା ସମ୍ଭାଳି ପାରୁନି । ନା ନା ଜମା ସମ୍ଭାଳି ହେଉ ନାହିଁ ଏ ମରଣ ତୋର ।

ପ୍ରକାଶ ତୁଷାରକୁ ସାନ୍ତ୍ୱନା ଦେଉ ଦେଉ ନିଜେ ଭାଙ୍ଗିପଡିଲା । ତୁଷାରକୁ ଜାବୁଡ଼ି ଧରିଲା । ବାପ ପୁଅ ଦୁହେଁ କାନ୍ଦିଲେ ଢେର ସମୟ । ଏ ଅଭାବନୀୟ ଦୃଶ୍ୟ ଅବଲୋକନ କରି ଉପସ୍ଥିତ ବ୍ରାହ୍ମଣ ଓ ସହାୟକ ତରୁଣ ତାଜୁବ୍ । ଓଃ କି ପାଳିତ ପଶୁ ପ୍ରେମରେ ବାବା, ପଟାନ୍ତର ନାହିଁ ।

ହୁଏତ ସେମାନେ ଭାବୁଥାଇପାରନ୍ତି - ସାମାନ୍ୟ କୁକୁରଟେ ପାଇଁ ଏତେ ମୋହ ମାୟା, କାନ୍ଦବୋବାଳି, ଦୁଃଖ ଶୋକ ଆଉ ଲୁହ କୋହର କୋରସ୍ ।

ଅସ୍ଥି ବିସର୍ଜନ ବେଳେ ତୁଷାର ଅବସ୍ଥା ଅସମ୍ଭାଳ । କୋହ ଆଉ ଲୁହରେ ସ୍ନାନ କଲାବେଳେ ଖୋଦ୍ ରାଜା ଯେମିତି ସଶରୀରେ ଆବିର୍ଭାବ ହୋଇଗଲା ସାମ୍ନାରେ । ଲୁହ ପୋଛି ଦେଇ କହିଲା – ବାବା ! ତମେ ପରା ଘରର ମୁରବି । ତମେ ଏମିତି ଭାଙ୍ଗି ପଡିଲେ ମୋ ରିକି ଭାଇକୁ ଆଉ ସମ୍ଭାଳିବ କିଏ ? ମୁଁ ତ ଏତିକି ଦିନ ପାଇଁ ହିଁ ସଂସାରକୁ ଆସିଥିଲି । ମୋର ଆୟୁଷ ସରିଲା, ମୁଁ ଚାଲିଗଲି । ତମେ ଧୈର୍ଯ୍ୟ ଧର । ଆଉ ଅନ୍ୟମାନଙ୍କୁ ସାନ୍ତ୍ୱନା ଦିଅ ।

ତୁଷାର କାନ୍ଦି କାନ୍ଦି କହିଲା - ମୁଁ ପାରୁନି ରେ, ରାଜା ପାରୁନି ଜମା । ଯେତେ ଦୃଢ଼ ହେଲେ ବି କୋହର ବନ୍ୟାରେ ଭାସିଯାଉଛି ମୋର ଧୈର୍ଯ୍ୟର ସିମେଣ୍ଟ ବନ୍ଧ ।

ତଥାପି ଯଥା ସମ୍ଭବ ଶକ୍ତ ହୋଇ ଘରକୁ ଫେରିଲା ତୁଷାର । ଏ ଘରେ ବି ରାଜାର ସ୍ମୃତି ମହଜୁଦ୍ । ସାରା ଘର ଖାଁ ଖାଁ ଶୂନଶାନ୍ । ସବୁଠି ତା'ର ଉପସ୍ଥିତି । ଖଟ, ସୋଫା, ବାଲକୋନୀ, ଚେୟାର, ବାଥ୍ ରୁମ୍, ସବୁଠି ସିଏ । ଲାଞ୍ଜ ହଲାଇ ହଲାଇ, ଏ ମୁଣ୍ଡରୁ ସେ ମୁଣ୍ଡ ଘୁରିବୁଲୁଛି ଖୁସିରେ ଆତ୍ମହରା ହୋଇ । ସମ୍ଭାଳି ହେଉନି ନିଜକୁ । ହାବୁକା ହାବୁକା କୋହ ଉଠୁଥିଲା ଛାତିରୁ । କାହାକୁ କହିବ ଏ ଦୁଃଖ ? ସାନପୁଅ ରିକିର ଅବସ୍ଥା ତ ସଂଗୀନ । ତା'ମାମା ବାହୁନି ବାହୁନି କାନ୍ଦୁଥିଲା ସଦ୍ୟ ପୁତ୍ରହରା ଶୋକରେ ମୁହ୍ୟମାନ ହୋଇ ।

ସବୁଠୁଁ ବେଶି ବାଧିଲା ଷଢୁଙ୍କ ପୁଅ ଝିଅ, ଶଳା ଶାଳୀଙ୍କ ପରିବାର ତୁଷାରକୁ ପରିହାସ କରି ଫୋନ୍‌ରେ ତନିମାକୁ କହିଥିବା କଟୁ ଶାଣିତ ବକ୍ତବ୍ୟ । - ଓଃ ସାମାନ୍ୟ କୁକୁରଟାଏ ମରିଗଲା ଯେ କେତେ ତୁମ୍ଭି ତୋଫାନ କରିଦେଲା ତୋ ବର ତୁଷାର । ସମସ୍ତଙ୍କୁ ଭୋରୁ ଭୋରୁ ନିଦ ଭଙ୍ଗେଇ ଦେଇ ହଟଚମଟ ସୃଷ୍ଟି କରି ଆସି ପହଞ୍ଚିବାକୁ ତାଗିଦ୍ କରିଦେଲା । ଓଃ ହୋ ଅସହ୍ୟ । ଅଥଚ ଆମ ଘରେ ଆମ ବାପ ମା' ଶଯ୍ୟାଶାୟୀ ହୋଇ ମାସ ମାସ ଦିନ ଦିନ ଧରି ପଡିଛନ୍ତି ଯେ, ଥରୁଟେ ବି ଦେଖିବାକୁ ଆସିଲା ନା

କେମିତି ଅଛନ୍ତି ବୋଲି ଫୋନ୍‌ରେ ପଚାରିଲା ? ଧେତ୍, ନିହାତି ଅଭଦ୍ର ଛୋଟଲୋକଟେ । ପରମ ସ୍ୱାର୍ଥପର ମତଲବି ମଣିଷଟେ ତୋ ବର । ଛି, ଛି, ଛି ।

ଏ ସବୁ ଘୃଣିତ ଆବର୍ଜନା ବ୍ୟଞ୍ଜନା ତୁଷାର ଶୁଣୁଥିଲା ପାଖରେ ବସିଥିବା ତନିମାର ମୋବାଇଲରୁ ଯାହାର ସ୍ପିକର ଅନ୍ ହୋଇଯାଇଥିଲା ଅଜାଣତରେ।

ତୁଷାର ରାଗିପାଚି ଲାଲ୍ । ପାଟି କରି ଚିଲ୍ଲେଇଲା - ଆମ ହେରୀ କୁକୁରଟାଏ ହେଲେ ବି ତମମାନଙ୍କ ଭଳି ମତଲବି ମଣିଷଠାରୁ କୋଟିଏ ଗୁଣରେ ଗରୀୟାନ୍ ଥିଲା । ତା'ର ଆସନ ତୁମମାନଙ୍କଠାରୁ ଢେର ଉଚ୍ଚରେ । ତା'ର ବିଶ୍ୱସ୍ତ ବିଶ୍ୱରେ ସେ ଥିଲା ବାଦଶା । ଆପଣାପଣରେ ବାନ୍ଧି ରଖିଥିଲା ଆମ ସମସ୍ତଙ୍କୁ ଗୋଟିଏ ରଜ୍ଜୁରେ । ଦୁଇଖଣ୍ଡ ରୁଟି, ମୁଠାଏ ଭାତ ଆଉ ଦି'ଟା ବିସ୍କୁଟ ଖାଉଥିଲା, ହେଲେ କେତେ ଖୁସିରେ ରହୁଥିଲା ସିଏ । ନ ଦେଖିଲା ଲୋକ ବିଶ୍ୱାସ କରିବା ମୁସ୍କିଲ । କେତେ ଆପଦ ବିପଦରୁ ଆମକୁ ସେ ରକ୍ଷା ନ କରିଛି କୁହ ତ...! ଆମ ପାଇଁ ଜୀବନ ଦେବାକୁ ବି ପଛେଇନି କେବେ ।

ଆରେ ସେ ନମକସଚ୍ଚା ଥିଲା ରେ, ତୁମମାନଙ୍କ ଭଳି ନମକହାରାମ ନ ଥିଲା । ତମମାନଙ୍କ ପରି ଆଗରେ  ହସି ହସି ମିଠା କଥା କହି, ପଛରୁ ଚାକୁ ଚଳେଇବା ଶିଖି ନ ଥିଲା । ମିଛ, ଅହଂକାର, ସ୍ୱାର୍ଥପର, ଛଳନା, କପଟ ଆଉ ଅଭିନୟ ଭଳି ଘୃଣ୍ୟ ଆଦବକାଇଦା ଆପଣେଇ ନ ଥିଲା କେବେ । ସତରେ ଖୁବ୍ ସଚ୍ଚା ଆଉ ନିର୍ଭେଜାଲ ଥିଲା ତା'ର ପ୍ରେମ । ଘରେ କାହାର ଦେହ ଖରାପ ହେଲେ ଘଣ୍ଟା ଘଣ୍ଟା ଧରି ଖଟ ପାଖରେ ବସି କାନ୍ଦୁଥିଲା । ଖାଉ ନ ଥିଲା । କିଏ କୁଆଡେ ବାହାରକୁ କିଛି ଦିନ/ମାସ ପାଇଁ ଗଲାବେଳେ ପ୍ୟାକିଂ ଜିନିଷ ପାଖରେ ମନ ଦୁଃଖରେ ମୁହଁ ମାରି ବସି ରହୁଥିଲା ଚୁପଚାପ୍ । ପୁଣି କିଛି ଦିନ/ମାସ ପରେ ଫେରି ଆସିଲେ,  ତା'ର କି ଖୁସି ଜାହିର କରୁଥିଲା ଯାହା ଅବର୍ଣ୍ଣନୀୟ । ଦେହ ମୁହଁ ଚାଟି ତା'ର ଆନନ୍ଦ ଆମକୁ  ଜଣାଇଦେଉଥିଲା ।

ଶୀତଦିନେ ତିନି ବାଇ ଛଅ ଫୁଟ ଖଟରେ ତୁଷାର ସହ ଶୋଇ ପଡୁଥିଲା ଗୁଂଜିଗାଂଜି ହୋଇ । କାରଣ ତନିମା ତା'ର ଡନଲପ୍ ଗଦିଦିଆ ଡବଲ୍ ଖଟରେ ଶୁଆଇବାକୁ ରାଜି ହେଉ ନ ଥିଲା । ସକାଳ ସଂଜରେ ତୁଷାର ହିଁ ତା'କୁ ବାହାରକୁ ବୁଲେଇ ନେଉଥିଲା, ଗଗି ଆଉ ଶିଶି କରିବା ପାଇଁ । ସକାଳ ହେଲେ କେଡେ ସୁନ୍ଦର ତୁଷାରର ମୁହଁ ପାଖରେ ଚାଟି ଉଠାଇ ଦେଇ କହୁଥିଲା - ଉଠ ବାବା ମତେ ଶିଶି/ଗଗି ଲାଗିଲାଣି । ଧଡ଼ପଡ଼ ହୋଇ ଉଠି ତା'କୁ ବାହାରକୁ ବୁଲେଇ ନେଉଥିଲା ସିଏ ।

ନା ଆଉ ସମ୍ଭାଳି ହେଉ ନାହିଁ ରାଜା'ର ଅନୁପସ୍ଥିତି । ଏ ଘରେ ଆଉ ମୁହୂର୍ତ୍ତେ ବି ରହି ହେବ ନାହିଁ । ଛଟପଟେଇ ମରିଯିବେ ସମସ୍ତେ । ବଡ଼ପୁଅ ପ୍ରକାଶ ତ ପ୍ଲେନ୍‌ରେ ପହଞ୍ଚି ଯାଇଥିଲା, ତା'ପୂର୍ବ ଦିନ ବାରଟାରେ । ତା'ସହ ସମସ୍ତେ ସେ ରହୁଥିବା ହିମାଚଳ ପ୍ରଦେଶର କାଂଗ୍ରା ନିକଟସ୍ଥ ଧର୍ମଶାଳାକୁ ବାହାରି ପଡିଲେ କାର୍‌ରେ ସେହି ମୁହୂର୍ତ୍ତରେ। । ଦୁଇ ଦିନ ହେଲା ତ ଖାଇବା ପିଇବା ନାହିଁ କାହାର । ପାଣି ପଣା ବ୍ରେଡ ବିସ୍କୁଟରେ ଚଳିଯାଉଛି ଯେନତେନ ପ୍ରକାରେ ।

କାର୍ ଚଲେଇଲା ବଡ଼ ପୁଅ ପ୍ରକାଶ, ତ ଡ୍ରାଇଭର ସିଟ୍ ପାଖରେ ଆଗରେ ବସିଲା ତୁଷାର । ଦୀର୍ଘ ଆଠ ଶହ କିଲୋମିଟର ରାସ୍ତା । ଢୁଳ୍ଳୁରେଇଲେ ଡ୍ରାଇଭରକୁ ବିପଦ । ତେଣୁ ଆଖି ଖୋଲା ରଖି ସଂଯତରେ ବସିବାକୁ ହେଲା ସାରା ରାସ୍ତା ତା'କୁ । ସେ ଦେଖୁଥିଲା ଗାଡ଼ି ଆଗରେ ତା'ରାଜା ଦୌଡୁଥିଲା ତ ବେଳେ ବେଳେ ପଛକୁ ଚାହିଁ ଦେଇ ପୁଣି ଦୌଡୁଥିଲା ପ୍ରବଳ ବେଗରେ । କାହାକୁ କହିବ ଏ ବିରଳ ଏକାନ୍ତ ଅନୁଭବ । ରିକି, ତା'ମମି, ନାତୁଣୀ ବନି ପଛ ସିଟରେ ପ୍ରାୟ ଶୋଇପଡ଼ିଥିଲେ ଚୁପଚାପ୍ ।

ଧର୍ମଶାଳା ପହଞ୍ଚିଲା ପରେ ବି ରାଜା'ର ସ୍ମୃତିର ଜୁଇରେ ଜଳିବାରୁ ମୁକ୍ତି ମିଳିଲାନି ବରଂ ବେଶୀ ବେଶୀ ଅଥୟ ଅସ୍ଥିର କଲା ଅହରହ । ଦୀର୍ଘ ନିଃଶ୍ୱାସ ଛାଡି ଚିଠିଟିଏ ଲେଖିବାକୁ ସ୍ଥିର କରି କାଗଜ କଲମ ଧରି ବସିଲା ତୁଷାର ।

ରାଜାରେ ! ମୋ ପ୍ରାଣଠୁଁ ବଳି ଭଲ ପାଉଥିଲି ତୋତେ । ହୃଦୟରେ ସଂଚିତ ସବୁ ଅକପଟ ନିର୍ଭେଜାଲ ସ୍ନେହ ମମତା, ରାଗ ଅନୁରାଗ, ପ୍ରେମ ଶ୍ରଦ୍ଧା ତୋ ଉପରେ ଅଜାଡି ଦେଇଥିଲି । ତୁ ବି ମତେ ଆହୁରି ବେଶୀ ଭଲପାଉଥିଲୁ । ହେଲେ ପାଟି ଖୋଲି କହିପାରୁ ନ ଥିଲୁ । ତାହା କିନ୍ତୁ ତୋ ଆଖିର ମୋହଗ୍ରସ୍ତ ଚାହାଣୀରେ ଜଣାଇ ଦେଉଥିଲୁ ସେ ପ୍ରେମର ପରାଭବ ଆଉ ପରିଭାଷା । ଯାହା ପାଇ ମୁଁ ଧନ୍ୟ ହୋଇଥିଲି ରେ ରାଜା, ଭାଗ୍ୟବାନ ମଣୁଥିଲି ନିଜକୁ ମନେ ମନେ ।

ହେଲେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି ତୋ ପାଇଁ ଦିନେ ମତେ ଏ ଅଶ୍ରୁସିକ୍ତ ଚିଠି ଲେଖିବାକୁ ପଡ଼ିବ, ତୋ ଅବର୍ତ୍ତମାନରେ ମୋ ଜୀବନରେ ବରଂ ଭାବିଥିଲି ତୋ ଆଗରୁ ମୁଁ ଏ ଦୁନିଆରୁ ବିଦାୟ ନେଇ ଚାଲିଯିବି ।

ସତରେ ଏ ମଣିଷ ଯାହା ଚାହେଁ, ତା' କେବେ ପାଏ ? ଆଉ ଯାହା ପାଏ ତାହା କେବେ ବି ଚାହିଁ ନ ଥାଏ । ଏଇ ତ ଜୀବନ ନାଟକର ପରମ ସତ୍ୟର ସଂଳାପ । ଚରମ  ବାସ୍ତବତାର ଅଭିନୟ ।

ଯଦି ଈଶ୍ୱର ସତରେ ଅଛନ୍ତି ଏ ଦୁନିଆରେ । ତାଙ୍କୁ ମୋର ଏଇ ଗୋଟିଏ ପ୍ରଶ୍ନ - ପ୍ରଭୁ ! ଗୋଟିଏ ପାଟି ଫିଟୁ ନ ଥିବା ପ୍ରାଣୀକୁ, ତା' ଆୟୁଷର ଅଧାରୁ ଅଧିକ ଭୋଗି ନ ଥିବା ବେଳେ ଅଚାନକ ନେଇଗଲ କାହିଁକି ? ତମକୁ ତ ମୁଁ ହାତ ଯୋଡ଼ି ନେହୁରା ହୋଇ ମାଗି ନ ଥିଲି ହୀରା ମୋତି ମାଣିକ, କୋଠା ବାଡି, ଘୋଡା ଗାଡି କି ସୁଖ ସଉକର ରାଜଭୋଗ । କେବଳ ମାଗୁଥିଲି ମୋ ରାଜାକୁ ବଂଚେଇ ଦିଅ । ପ୍ରଭୁ ମୋ ଆୟୂଷ ନେଇ ତା' ଦେହ ସୁସ୍ଥ କରିଦିଅ । କେତେ ପ୍ରାର୍ଥନା, ଧ୍ୟାନ, ଧାରଣା କରିଛି । ପ୍ରତିଦିନ ମନ୍ଦିର ଯାଇ ଶିବଲିଙ୍ଗରେ କ୍ଷୀର, ଜଳ, ଫୁଲ ଚନ୍ଦନ, ଧୂପଦୀପ ନୈବେଦ୍ୟ ଦେଇ ଅଦଉତି ଜଣାଇଛି । ଖାଲି ମାଗିଛି ମୋ ରାଜାକୁ ବଂଚେଇ ଦିଅ । ବଂଚେଇ ଦିଅ । ହେଲେ ତମେ ନିଷ୍ଠୁର ପାଷାଣ ହୃଦୟ ନେଇ ମୋ ରାଜାକୁ ଛଡେଇ ନେଇଗଲ ଅକସ୍ମାତ୍ ଦିନେ ରାତିରେ । ବାହାରକୁ ଜିଭ ବାହାର କରି ନୀରବିଗଲା ସିଏ ସବୁଦିନ ପାଇଁ ।

କୁହ ଭଗବାନ କୁହାକି ପାପ କରିଥିଲା ସିଏ ତୁମର ପାପ ପୁଣ୍ୟର ପ୍ରତ୍ୟୟଭରା ବେଦୀରେ ? ତା'ର ଅପରାଧ କଣ ଥିଲା କହିପାରିବ ? ଏଠି ଶହ ଶହ ହଜାର ହଜାର ମଣିଷ ଦୁର୍ନୀତିର ଦାନବ ସାଜି ଶୋଷି ଚାଲିଛନ୍ତି ଅଗଣିତ ନିରୀହ ନିଷ୍ପାପ ଗରିବ ଖଟିଖିଆ ମେହନତି ସରଳ ମଣିଷମାନଙ୍କୁ ଅହରହ । ନିଜେ କୋଟି କୋଟି କମେଇ କମର କଷି କୌତୁକ ଦେଖୁଛନ୍ତି କଳାକଉଶଳ କରି । କେଉଁଠି ଯନ୍ତ୍ରୀ ତ କେଉଁଠି କନଷ୍ଟେବଲ ତ ଆଉ କେଉଁଠି ଶିକ୍ଷକ ତ ଅନ୍ୟ କେଉଁଠି ଅଙ୍ଗନବାଡ଼ି ଦିଦି । ଏ ଅନ୍ୟାୟ ଉପାର୍ଜିତ ଧନରେ କୁବେର ସାଜି ଲୁଚୁଛନ୍ତି ନିରୀହ ଜନତାଙ୍କୁ ଭକୁଆ ବନେଇ ଦେଇ ।

ସତରେ କଣ ତମେ  ଦେଖିପାରୁନ ଏତେ ବଡ଼ ବଡ଼ ଚକା ଆଖିରେ ନା ସବୁ ଦେଖି ଶୁଣି ନିଶ୍ଚୁପ ହୋଇ ବସିଛ । ଅବା କହୁଛ - ମଣିଷ ତା'ର ପ୍ରାରବ୍ଧ ହିଁ ଭୋଗିଥାଏ । ସେଥିରେ ମୁଁ ହସ୍ତକ୍ଷେପ କରିପାରିବିନି । ମୁଁ ନାଚାର । ମୋର କରିବାର କିଛି ନାହିଁ । ମଣିଷ ନିଜ ନିଜର ଭାଗ୍ୟର ଅଧିନ । ତା'ହେଲେ ମଣିଷ ବିଚାରା ତମକୁ କାହିଁକି ତା'ର ଦୁଃଖ ଶୋକ ଜଣାଇବ ? ଆକୁଳ ପ୍ରାର୍ଥନା ବିକଳ ନିବେଦନ କରିବ ତା'ର ବେଦନା ଯାତନା ବିମୋଚନ ପାଇଁ କୁହ ତ....!!!

ଏବେ ମୋ କଥା ଦେଖାଯାଉ । ଏତେ ଭଲପାଉଥିବା ନିରୀହ ମୁକ ପ୍ରାଣୀ ମୋ ରାଜାକୁ  ନେଇ ଯାଇ କଣ ବଡ଼ କାମଟେ କରିଦେଲ ଯେ ...! ସିଏ ଆଉ ଆଠ ବର୍ଷ ବଂଚିଯାଇଥିଲେ ତମର ବା ତମର ପୃଥିବୀର କଣଟେ କ୍ଷତି ହୋଇଯାଇଥାନ୍ତା ? ଅଥଚ ଆମେ ତିନିଜଣ, ମୋ ସାନ ପୁଅ ରାକେଶ - ତା'ର ରିକି ଭାଇ, ମୋ ସ୍ତ୍ରୀ ତନିମା -ତା'ର ମାମା, ଆଉ ଏ ଅକିଞ୍ଚନ ତା'ର ବାବା ଆନନ୍ଦରେ କାଳାତିପାତ କରିପାରିଥାନ୍ତୁ ତ। ହୁଏତ ତମେ କହିଦେଇପାର ସହଜରେ ସେ ଯେତିକି ଆୟୁଷ ନେଇ ଆସିଥିଲା ଏ ପୃଥିବୀକୁ, ସେ ସେତିକି ହିଁ ଭୋଗ କରି ସାରି ଫେରିଗଲା । ମୁଁ କଣ କରିପାରିଥାନ୍ତି କହ ? ତା'ହେଲେ ପୁରାଣରେ ବର୍ଣ୍ଣିତ ଅନେକ ଅଲୌକିକ କାହାଣୀମାନଙ୍କରେ ଆୟୁଷ ପ୍ରଦାନ, ମୃତ୍ୟୁଲୋକରୁ ପ୍ରତ୍ୟାବର୍ତ୍ତନ କଣ ତାହା ମିଛ । ସୁଦ୍ଧୁ ମନଗଢ଼ା କାଳ୍ପନିକ । ଅଡୁଆ ଅଡୁଆ ଅବୁଝା ଅବୁଝା ଲାଗୁଛି ସବୁ । ମୁଣ୍ଡ ଗୋଳମାଳ ହୋଇଯାଉଛି ।

ତମେ ବିଶ୍ୱାସ  କରିବନି, ଯୋଉଦିନ ସଂଜରେ ରାଜା ନୀରବି ଗଲା, ସେ ଦିନସକାଳେ ମୁଁ ପୂଜା ଘରେ ପୂଜା କଲାବେଳେ ଅଚାନକ ମୋ କୋଳକୁ ଆସି ଜଗନ୍ନାଥଙ୍କ ଫଟୋକୁ ଚାହିଁ କାନ୍ଦିଥିଲା । ସେ କେବେ ପୂଜା ଘରକୁ ଆସେନାହିଁ ।

ହଁ, ରାଜା ଯିବା ପରଠାରୁ ମୁଁ ନାସ୍ତିକ ପାଲଟିଯାଇଛି । ଘଣ୍ଟା ଘଣ୍ଟା ପୂଜା କରୁଥିବା ଲୋକଟା ପୂଜା କରୁନାହିଁ ଜମା । ଅବଶ୍ୟ କାଳିଆକୁ ମନେ ମନେ ସୁମରଣା କରେ । ଫଟୋକୁ ଦେଖି ଲୁହ ଝରାଇଥାଏ ।

ରାଜାରେ ତୋତେ ଲେଖୁଥିବା ଚିଠି ଦେଖ କେମିତି ଈଶ୍ୱରଙ୍କୁ ବି ଲେଖି ହୋଇଗଲା ମୋ ଅଜାଣତରେ । ମୋର ବିଶ୍ୱାସ ତୁ ତ ନିଶ୍ଚୟ ଭଗବାନଙ୍କ ପାଖକୁ ଯାଇଥିବୁ । କହିଦେବୁ ମୋର ତାଙ୍କ ପ୍ରତି ଅଭିମାନର ଅନ୍ତରାଳେ ଥିବା କ୍ଷୋଭ ଓ ପ୍ରତିବାଦ ।

ରାଜାରେ ତୁ ତ ପୁରାପୁରି ସୁସ୍ଥ ସବଳ ଥିଲୁ ଫେବୃଆରୀ ସାତ ତାରିଖ ଯାଏଁ । ପଶୁ ଡାକ୍ତରକୁ ଘରକୁ ଡାକି ବାର୍ଷିକ ଟୀକା ଦିଆଗଲା ଯେ କାଳ ହେଲା । ଧଳା ଧଳା ବାନ୍ତି ହେଲା ତ ସିଟି ସ୍କାନ୍‌ରେ ବାହାରିଲା ଲିଭର୍ ପ୍ରୋବଲ୍‌ମ । ଖାଲି ବାନ୍ତି ଆଉ କଳା ଝାଡ଼ା । ଜମା କିଛି ଖାଇପାରିଲୁନି କି ଶୋଇପାରିଲୁନି । ପେଟରେ ପାଣି ଜମି ଭାରୀ ହୋଇଗଲା । ରିକି, ମାମା ଆଉ ମୁଁ ବଡ଼ ବ୍ୟସ୍ତ ବିବ୍ରତ ହୋଇପଡିଲୁ । ସହରର ସବୁ ବଡ଼ ବଡ଼ ପଶୁ ଚିକିତ୍ସାଳୟକୁ ନେଇକି ଗଲୁ । ମେଡ଼ିସିନ୍, ଇଞ୍ଜେକସନ, ସାଲାଇନ୍ ସବୁ ରୀତିମତ ଦିଆଚାଲିଲା । ତୋ ମାମା ଅକାତରରେ କ୍ରେଡିଟ୍ କାର୍ଡରୁ ଚାଳିଶ ପଚାଶ ହଜାର ଟଙ୍କା ଖର୍ଚ୍ଚ କରିଦେଲା ସିନା ତୋତେ ବଂଚେଇପାରିଲୁନି । ଦେଢ଼ମାସ କାଳ ତୁ ଖୁବ୍ ଯନ୍ତ୍ରଣା ଭୋଗିଲୁ । ଜମା ଉଠି ଚାଲିପାରୁ ନ ଥିଲୁ । ନ ଖାଇ ନ ପିଇ ଶୁଖି କଣ୍ଟା ହୋଇଯାଇଥିଲୁ ।

ଦୀର୍ଘ ଆଠ ବର୍ଷ ତଳେ ଆମ ଘରକୁ ଆସିଥିଲୁ ଛଅ ମାସର କୁନି ଛୁଆଟିଏ ହୋଇ । ଥୁକୁଲୁ ଥୁକୁଲୁ ଚାଲୁଥିଲୁ କି ସୁନ୍ଦର । ବାଦାମୀ ରଂଗର ଦେହରେ ଧଳାର ଟିକିଏ ହାଲ୍‌କା ଛିଟା । ବେଶ୍ ମନମୋହିଆ ଚମତ୍କାର ଦେଖାଯାଉଥିଲୁ । କି ସୁନ୍ଦର ଖେଳୁଥିଲୁ ଆମମାନଙ୍କ ସହ । ଦେଖିଲେ ପେଟ ପୁରିଯାଉଥିଲା । ମନ ଭରିଯାଉଥିଲା ।

ନା ଏଇ ଆଠ ବର୍ଷର ସଜଳ ମଧୁର ବିଧୂର ସ୍ମୃତି କେମିତି ଭୁଲିବି ରେ ରାଜା ! କେମିତି ଚାଲିବି ତୋ ବିନା ଏ ଅବଶିଷ୍ଟ ଜୀବନ ସରଣୀ । ପାରୁନିରେ ଆଉ ପାରୁନି, ରାଜା ମତେ ତୋ ପାଖକୁ ଶୀଘ୍ର ନେଇଯା । ମତେ ମୁକ୍ତି ଦେ, ଏ ଯମ ଯନ୍ତ୍ରଣାରୁ ସବୁଦିନ ପାଇଁ ।

ମାର୍ଚ୍ଚ ଛବିଶ ତାରିଖ ସଂଧ୍ୟାରେ ମୋ କୋଳକୁ ଆସି ଗେଲ୍ହା ହେଲୁ । ତା'ପରେ ମାମାର ଖଟକୁ ଯାଇ ତା କୋଳରେ କିଛି ସମୟ ଶୋଇଲୁ । ରିକି ଭାଇ ଖଟକୁ ଯାଇ ତା କୋଳରେ ବି ଗେଲ୍ହା ହେଲୁ । ନାତୁଣୀ ବନି କୋଳକୁ ଗଲୁ । ସମସ୍ତଙ୍କୁ ଚାଟିଲୁ ବହୁ ଦିନ ପରେ । ଯେମିତି କି ସମସ୍ତଙ୍କୁ ବିଦାୟ ମାଗିନେଲୁ । ତୁ ବୋଧେ ତୋର ମୃତ୍ୟୁ ହେବ ବୋଲି ଜାଣିନେଲୁ । ତା'ପରେ ବାହାରକୁ ନେବାକୁ କହିଲୁ ତ ମୁଁ ଆଉ ରିକି ନେଇକି ଗଲୁ । ଶିଶି କି ଗଗି କିଛି କଲୁନି । ଥରେ ଆମ କାର୍ ଚାରିପଟେ ଘେରାଏ ବୁଲି ଘରକୁ ଫେରି ଶୋଇପଡିଲୁ ସୋଫାରେ ଜିଭ ବାହାର କରିଦେଇ । ଡାକ୍ତର ଡାକି ସାଲାଇନ୍ ଆଉ ଇଞ୍ଜେକସନ୍ ଦିଆଗଲା ସିନା ସବୁ ବୃଥା ଗଲା । ଚୁପଚାପ୍ ଶୋଇଗଲୁ ସକାଳ ଯାଏ । ତା'ପରେ...

ରାଜାରେ କ୍ଷମା ଦେବୁ ଆମମାନଙ୍କୁ । ବେଶୀ ଖାଉଥିଲୁ ବୋଲି ବେଳେ ବେଳେ ପାଟିରୁ ବାହାରି ପଡୁଥିଲା – 'ଏମିତି ଖାଇଲେ ଖାଇ ଖାଇ ମରିଯିବୁରେ' । କେତେବେଳେ ପୁଣି ବଡ ପୁଅ ପ୍ରକାଶକୁ ଆକ୍ଷେପ କରି କହୁଥିଲୁ – 'ଏ ଲାବ୍ରଡଏର୍ କୁକୁରକୁ ଆଣି ବେକରେ ଆମର ବାନ୍ଧିଦେଲା ଯେ ଘର ତାଲା ପକାଇ ମଣିଷ କୁଆଡେ ଯାଇପାରୁନି' । ଅଥଚ ଏବେ ତୁ କହୁଥିବୁ - ଯା ଏବେ ପୁରା ଫ୍ରି କରିଦେଲି ତୁମମାନଙ୍କୁ । ଯୁଆଡ଼େ ଇଛା ସେଆଡେ ଯାଇପାର । ମୁଁ କଣ୍ଟା ଥିଲି ନା ତୁମମାନଙ୍କ ଜୀବନରେ । ନୁହଁ...!!??

ବେଳେବେଳେ ରାଗରେ ଗୋଇଠା କି ବାଡି ମାଡ଼ ବି କରିଛୁ ତୋ ଦେହରେ । ତୁ ଚୁପଚାପ୍ ସହିଯାଇଛୁ । ଥରେ ବି କୁଁ କାଁ ହୋଇନୁ କେବେ ।

ରାଜା ରେ ତୁ ଏବେ ଯେଉଁଠି ବି ଥାଆ - ଭଲରେ ଥାଆ । ଏ ଚିଠି ତୋତେ ମିଳିବ କି ନା ଜାଣେନା । ଠିକଣା ମୋ ରାଜା ମାର୍ଫତ ସ୍ୱର୍ଗପୁର ଲେଖି ପ୍ରେରକ ଠିକଣା ନ ଲେଖି ପୋଷ୍ଟ କରିଦେଉଛି ।

ତୁ ତ ଏମିତି ମୋର ଦେହର ଶ୍ୱାସ ପ୍ରଶ୍ୱାସ ଭଳି ଅହରହ ବଂଚିରହିଥିବୁ ରେ ରାଜା, ମୋ ଭିତରେ । କାରଣ ତୋର ବିକଳ୍ପ ନାହିଁ । ତୋର ପ୍ରେମର ପଟାନ୍ତର ନାହିଁ । ତୁ ଅମର । ତୁ ମୃତ୍ୟୁଞ୍ଜୟୀ । ତୁ ଶ୍ରେଷ୍ଠ । ତୁ ଅନନ୍ୟ ।

--ତୋର ଅସହାୟ ଅସମର୍ଥ ବାବା

ଢୋ ଢୋ ମୁଣ୍ଡ ପିଟୁଥିଲା ତୁଷାର କାନ୍ଥରେ, ତ  ଅବିଶ୍ୱାସ ଆଉ ଆଚମ୍ବିତ ହୋଇ ଦେଖୁଥିଲା ସମୟର ଚକ୍ର ।

ଓଓ

**କିଶୋର ଆକାଶ୍** । ଏକାଧାରରେ ଶିଶୁ ସାହିତ୍ୟିକ,କବି, ଗାଳ୍ପିକ, ନାଟ୍ୟକାର, ଗୀତିକାର ଓ ଅନୁବାଦକ । ଅବହେଳିତ ମଣିଷ ଓ ଜୀବନବୋଧର ନାନାଦି ସମସ୍ୟା ହେଉଛି ତାଙ୍କ ଗଳ୍ପର ସ୍ଥାପତ୍ୟ ଓ ଜୀବନିକା । ନିଜ କଥା ସ୍ଥାପନରେ ବିଶୃଙ୍ଖଳିତ ଜୀବନ ଓ ମଣିଷପଣିଆର ଏକତ୍ର ସହାବସ୍ଥାନ ତାଙ୍କ ଗଳ୍ପ ପ୍ରକରଣର ଦକ୍ଷତା । ଶୈଳୀଗତ ଭିନ୍ନତା ଓ କଥାପ୍ରକାଶର ସ୍ୱଚ୍ଛନ୍ଦତା ତାଙ୍କୁ ଗୋଟିଏ ନିରାପଦ କାନଭାସ୍ ଦେଇଥାଏ କଥାୟନ ପାଇଁ । ତାଙ୍କରି ଅନେକ ଗଳ୍ପ  ହିନ୍ଦୀ,ଇଂରାଜୀ ଓ ତେଲଗୁରେ ଅନୁଦିତ ଓ ଆଦୃତ । ଏଯାବତ୍ ତାଙ୍କର ଚାରୋଟି ନାଟକ, ଚାରୋଟି ଶିଶୁ ସାହିତ୍ୟ, ଚାରୋଟି ଗଳ୍ପ ସଂକଳନ ଓ ଦୁଇଟି ସଂପାଦିତ ଗଳ୍ପ ସଂକଳନ ପ୍ରକାଶିତ ଓ ଅନେକ ପାଣ୍ଡୁଲିପି ପ୍ରକାଶ ଅପେକ୍ଷାରେ । ସଂପ୍ରତି ନୋଏଡା, ନୂଆଦିଲ୍ଲୀରେ ଅବସ୍ଥାନ।

ଓଓ

# ଧର୍ମପଦ

**ଯଶୋବନ୍ତ ସେଠୀ**

ଆହା !
ବିଚରା ନିଷ୍ପାପ ଶିଶୁଟିର କି ଦୋଷ ଥିଲା !
ବାରଶହ ବଢେଇ ବାରବର୍ଷ ଧରି
ଖୋଜି ପାଇନଥିବା ଅଡୁଆ ସୂତାର ଖିଅ
ମାତ୍ର ବାରବର୍ଷ ବୟସରେ ଧରିଦେଲା ବୋଲି
ତା'ପାଇଁ ଥିଲା କିବା ତାହା ପୁରସ୍କାର !

ଏବେବି ପ୍ରତିଟି ରାତ୍ରିର ନିସ୍ତବ୍ଧତା ମଧ୍ୟେ
ବାରଶହ ବଢେଇଙ୍କର ଜୟ
ପିତା ବିଶୁ ମହାରଣାଙ୍କର ଜୟ
କଳିଙ୍ଗ ଭାସ୍କର୍ଯ୍ୟ - ସ୍ଥାପତ୍ୟର ଜୟ
ଆଉ ଲାଙ୍ଗୁଳା ନରସିଂହଦେବଙ୍କର ଜୟଗାନ କରୁଥିବା
ସେହି ଅବିସ୍ମରଣୀୟ ଐତିହାସିକ ରାତ୍ରିର ଗଙ୍ଗଶିଉଳୀ
ଶିଶୁ ବିଶ୍ୱକର୍ମା ଧର୍ମପଦକୁ
ଓଡିଆ ଜାତି କରେ କୋଟି ନମସ୍କାର ।

ବାଡି ବରକୋଳି ଆଉ ବଳିଆ କୁକୁରକୁ ସାଥୀ କରି
ଆସିଥିଲା ପିତାଙ୍କୁ ତା' ଖୋଜିବାକୁ
ପିତା ଗୃହ ଛାଡିବାବେଳକୁ ମାତୃଗର୍ଭରେ ଥିବା ଶିଶୁଟି
ଦୀର୍ଘ ବାରବର୍ଷ ପରେ ଆସିଥିଲା
ଜନ୍ମରୁ ଦେଖିନଥିବା, ଜମାରୁ ଚିହ୍ନି ନଥିବା
ପିତାମୁଖ ଦେଖିବାକୁ, ପିତାଙ୍କୁ ତା' ଚିହ୍ନିବାକୁ ।

ସେଦିନକୁ ରାଜାଙ୍କ ଆଦେଶ ଥିଲା
ରାତିପାହିବା ପୂର୍ବରୁ ମନ୍ଦିରର ଚୂଳି ମାରି ନପାରିଲେ
ବାରଶହ ବଢେଇଙ୍କ ହେବ ମୁଣ୍ଡକାଟ ।
ଏ କିବା ଧର୍ମଶଙ୍କଟ !

ବାରଶହ ବଢେଇଙ୍କ ଦୁର୍ମୂଲ୍ୟ ଜୀବନ
ଓଡିଆ ଶିଳ୍ପୀକୂଳର ଅସ୍ମିତା ଓ ମର୍ଯ୍ୟାଦା ରକ୍ଷା ନିମନ୍ତେ
ପିତା ଘରେ ଛାଡି ଆସିଥିବା ନଥିପତ୍ରରୁ
ମନ୍ଦିର ସ୍ଥାପତ୍ୟ ବିଷୟରେ ଶିଖିଥିବା
ସ୍ୱଳ୍ପାୟୁ ସେ ଅଭିମନ୍ୟୁ
କେବଳ ବିଶୁ ମହାରଣାର ପୁତ୍ର ନୁହେଁ
ସମଗ୍ର ଓଡିଆ ଜାତିର ସୁସନ୍ତାନ ବୋଲି
ରାତାରାତି ସ୍ୱର୍ଣ୍ଣାକ୍ଷରେ ଲେଖି ଦେଇଗଲା
ନାଁ ତାର ଇତିହାସ ବକ୍ଷେ ।

ଦଧିନଉତି ଉପରେ ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିରର ଚୂଳି ମରାହେଲା
ବାରଶହ ବଢେଇଙ୍କ ମୁଣ୍ଡକାଟ ବି ନୋହିଲା
ଏତେବଡ କାର୍ଯ୍ୟଟିକୁ ମେଞ୍ଚଡ଼ ପିଲାଟିଏ
କରିପାରିଥିବାର ସମସ୍ତ ପ୍ରମାଣ ଲିଭେଇଦେବାକୁ ଯାଇ
ରାତାରାତି ଧର୍ମପଦ ସାଗରର ଅଥଳ ଜଳରେ ଝାସଦେଲା ।

ସମୁଦ୍ର ଗର୍ଭରେ ସିନା ଲୁଚିଗଲା ବାଳୁତ ଧରମା
ସମୟ ଗର୍ଭରେ କିବା ଲୁଚି ସେ ପାରୁଛି !
ଏବେବି ନିସ୍ତବ୍ଧ ରାତ୍ରିର ନିର୍ଜନ ବେଳାରେ
କୋଣାର୍କର ପ୍ରତିଟି ପ୍ରସ୍ତର ମୂର୍ତ୍ତିରେ
କାନଡେରି ଭଲକରି ଶୁଣ -
ଶୁଣାଯିବ ପିତା ବିଶୁ ମହାରଣାର ଗୁମୁରା କ୍ରନ୍ଦନ
ବାରଶହ ବଢେଇଙ୍କ ଦୀର୍ଘଶ୍ୱାସ
ଆଉ ପୁତ୍ରହରା ମାଆର ସେ
ପଣତ-ପତା ଆକୁଳ ନିବେଦନ ।

ଠଠ

**ଯଶୋବନ୍ତ ସେଠୀ** । ଉଭୟ ଗଳ୍ପ ଓ କବିତାକୁ ନେଇ ନିଜର ସୃଜନ ଯାତ୍ରା ଜାରିରଖିଥିବା ଏହି ସ୍ରଷ୍ଟା ଓଡ଼ିଆ ଲେଖାଲେଖି ଜଗତକୁ ଭେଟିଦେଇଛନ୍ତି 'ନିଃଶବ୍ଦ ଝଙ୍କାର', 'ନୀଳାଭ ଦିଗନ୍ତ', 'ଅସ୍ତଲଗ୍ନା', 'ଭଗ୍ନ ଡେଣାର ଉଡାଣ' ଆଦି କବିତା ସଂକଳନ; ଓ 'ରାଗ ବସନ୍ତ', 'ଅସ୍ତରାଗ' ଆଦି ଗଳ୍ପ ସଂକଳନ । ସେ କହନ୍ତି ତାଙ୍କ କବିତାରେ ଥାଏ ସାମାଜିକ ଚେତନା, ପ୍ରୀତି ଓ ପ୍ରଣୟ ସହ ଆତ୍ମପ୍ରତ୍ୟୟର ସହ ଜୀବନ ଜିଇଁବାର ମନ୍ତ୍ର; ଓ ତାଙ୍କ ଗଳ୍ପରେ ଥାଏ ଆଖିକୁ ଦିଶୁଥିବା ଅଥବା ଦିଶୁ ନଥିବା ସାଧାରଣ ଏବଂ ଅସାଧାରଣ ଚିତ୍ର ଓ ଚରିତ୍ରକୁ ନେଇ ଜୀବନ ଜିଇଁବାର ସହଜ ସୂତ୍ର । ବୃତ୍ତିରେ ପୋଲିସ ଅଧିକାରୀ । ଭୁବନେଶ୍ୱରରେ ରହନ୍ତି ।

ଠଠ

# କୁହୁଡ଼ି

**ମାନସ ରଞ୍ଜନ ମହାପାତ୍ର**

ସ୍ୱର ଅବଲୁପ୍ତ ହୋଇ ଯାଇନଥିଲେ
ମୁଁ ହୁଏତ ତୋ ଆଡ଼କୁ ଚାହିଁ
ସ୍ୱଗତୋକ୍ତି କରିଥାନ୍ତି: ମାଟି ମୋର
ଆକାଶ ମୋର
ମତେ ତୋ ଦେହରେ ମିଶେଇ ଦେ' ଓ
ଆଖିର ଲୁହରେ ଆଜି ଭିଜିଯାଉ
ସମଗ୍ର ହୃଦୟ

ତୁ କିନ୍ତୁ ଏମିତି ବେଳରେ ଆସିଲୁ ଯେ
ତୋ ପାଇଁ ଆଖି ଫିଟି ପାରିଲା ନାହିଁ
କାନ ଶୁଣି ପାରିଲା ନାହିଁ
ବହୁ ପ୍ରତୀକ୍ଷିତ ତୋର ସ୍ୱର
କହିବାର କଥାମାନ କହିପାରିଲାନି
ଅର୍ଦ୍ଧିତ କବି !
ତୁ ଯେମିତି ଆସିଲୁ ସେମିତି
ଫେରିଗଲୁ ସତେ
ଥରେ ବି ବୁଝିଲୁନି ମତେ !

ଅନେକ ଯୁଗ ପରେ
ଆଜି ମୋର ସ୍ୱରରେ
ରୋମାଞ୍ଚିତ ସବୁ ପୁଲକର
ଯମୁନା ବହୁଛି
ତୁ ବା କେମିତି ବୁଝିବୁ ରେ !
ସେଦିନ ତୁ ଖୋଜୁଥିଲୁ ମତେ
ମୁଁ ଆଜି ତତେ ଇ ଖୋଜୁଛି ।।

ଠଠ

# ଆଳାପ

## ମାନସ ରଞ୍ଜନ ମହାପାତ୍ର

ବହୁ କଥା ବାକି ଅଛି ଅନେକ ଦିନରୁ
କଥା ସରିନାହିଁ
ସରିଗଲେ ମରିଯିବ ଫୁଲଗଛ
ଜଣାନାହିଁ, ତା'ପରେ
ଆମେ ଆଉ ଦେଖା ହେଇପାରିବା
କି ନାହିଁ
ଚାଲ ଶେଷଥର ପାଇଁ କଥାହେବା !

ଏମିତି ଗୋଟେ ଜୀବନ ଆଜିକାଲି
ପ୍ରତିବାଦହୀନ
ସ୍ୱପ୍ନ ସବୁ ରଙ୍ଗହୀନ
କେଉଁଠି ଏବେ ଅପହୃତ ମୋର ମନ !

ଏମିତି ସମୟ ଯେ
ନିଜ ନିଶ୍ୱାସ ଉପରେ ବି
ହେଇପାରୁନି ବିଶ୍ୱାସ
ପିଲାମାନେ ଥା'ନ୍ତି ବିଦେଶରେ
ମୁଁ ଥାଏ ଚୁପଚାପ୍
ପଡୋଶୀମାନଙ୍କ କାନ୍ଧରେ
ମଶାଣି ରାସ୍ତାରେ

କେତେ ଅଜବ ଦିନସବୁ କହିଲ
ଶବଗଦାରେ ଠିଆ ମୁଁ
ବହୁକାଳୁ ଏକାକୀ
ନିର୍ବାସିତ
ନିଶବ୍ଦ !
ଏଇଟା କ'ଣ ଶେଷଦିନ
ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଅପେକ୍ଷାରେ
ନା ଗୋଟେ ନୂଆ ଆରମ୍ଭର ଦିନ ?

ꝏꝏ

**ମାନସ ରଞ୍ଜନ ମହାପାତ୍ର** ଜଣେ କବି, ଅନୁବାଦକ, ଓ ସମ୍ପାଦକ । ସେ ନେସନାଲ ସେଣ୍ଟର ଫର ଚିଲଡ୍ରେନ୍ସ ଲିଟରେଚରର ମୁଖ୍ୟ, ଓ ଆର୍ଟ ଆଣ୍ଡ କଲ୍ଚର ଅଫ ନର୍ଥ ଇଷ୍ଟର୍ନ କାଉନ୍ସିଲର ଡାଇରେକ୍ଟର ଥିଲେ । ତାଙ୍କର ଛ'ଟି କବିତା ପୁସ୍ତକ, ଗୋଟିଏ ଉପନ୍ୟାସ, ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ଓ ପଚାଶରୁ ଅଧିକ ଅନୁବାଦ ଲେଖା ରହିଛି । ସେ ଅନେକ ଓଡିଆ, ହିନ୍ଦୀ ଓ ଇଂରାଜୀ ପତ୍ରିକାର ସମ୍ପାଦନା କରିଛନ୍ତି ।

ꝏꝏ

# ପୀୟୂଷ ପସରା

**ଭରତ ଚନ୍ଦ୍ର ଦାଶ**

ଦେଖା ହୋଇନାହିଁ ଅନେକ ଦିନରୁ ରହିଅଛ କାହିଁ ବହୁଦୂରେ
ତନୁଲତା ପତ୍ର ପୁଷ୍ପ ଫଳେ ନଇଁଲାଣି ଶ୍ରୀ ଅଙ୍ଗଟି ମୋର
କେବଳ ପ୍ରତୀକ୍ଷା ଅନନ୍ତ ପ୍ରତୀକ୍ଷା ମିଳନର ଶୁଭ ମୁହୂର୍ତ୍ତରେ
ତୁମ ଦିବ୍ୟ ସ୍ପର୍ଶ ଲାଗି ତନୁଲତା ସଜାଇଛି ଶ୍ରୀଅଙ୍ଗକୁ ତାର ।

ପ୍ରତୀକ୍ଷା ଯେ ଯନ୍ତ୍ରଣାଦାୟକ ଧୀରେ ଧୀରେ ମରମକୁ ଦହେ
ନିରବତା ପଣ ପ୍ରୀତିର ଲକ୍ଷଣ ଜାଣି ଆଖି ମୃଦୁ ମନ୍ଦ ଭାଷେ
ମିଳନ ପ୍ରୟାସୀ ଭାବେ ଏକାନ୍ତରେ ନିଜ ସହ ମନ କଥା କହେ
ଚେତନାର ଅନ୍ତରାଳେ ତନୁଲତା ପାଦଚାପି ସପନରେ ଆସେ ।

ତନୁଲତା କଦବା ପତ୍ର ଲେଖେ ଭାବ ଆବେଗକୁ ମିଶାଇ ଏକତ୍ର
ଦେଖାହେଲେ ସ୍ବଳ୍ପ କଥା କହେ ବେଶୀ ହଜେ ଭାବପ୍ରବଣରେ
ମୋ ମରମ ଇତିବୃତ୍ତି ଏକ ଗାଥାକାବ୍ୟ ଏହା ତନୁଲତା ପତ୍ର
ପ୍ରୀତିରେ ମୁଁ ହଜେ ପ୍ରେମରେ ମୁଁ ଭିଜେ ସଦା ଭିନ୍ନ ଚିନ୍ତନରେ ।

ପ୍ରତୀକ୍ଷା ମିଳନ ମଧ୍ୟେ କିଏ ମଧୁସିକ୍ତ ଅସରନ୍ତି ଅମୃତର ଧାରା
କେବଳ ପ୍ରତୀକ୍ଷା ଖୋଲିପାରେ ଜୀବନର ଦିବ୍ୟ ପୀୟୂଷ ପସରା ।

ଠଠ

**ଭରତ ଚନ୍ଦ୍ର ଦାଶ,** ଓଡିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର, ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ । ବୃତ୍ତିରେ ସାମ୍ବାଦିକ । ସୃଜନ ସମ୍ଭାର: ଶିଳା ପ୍ରତ୍ୟୟ, ପ୍ରୀତିପର୍ଣ୍ଣା, ପ୍ରୀତିପୁଷ୍ପ, ଇତ୍ୟାଦି ଅନେକ ପୁସ୍ତକ । ଅନ୍ତତଃ ପାଞ୍ଚଟି ପୁସ୍ତକର ସମ୍ପାଦନା କରିଛନ୍ତି । ଅନେକ ଅନୁଷ୍ଠାନ ସହ ଜଡ଼ିତ । ବିଭିନ୍ନ ପୁରସ୍କାରରେ ସମ୍ମାନିତ: ପ୍ରକୃତି ବନ୍ଧୁ ପୁରଶକ୍ର ୨୦୧୫; ଓଡ଼ିଶା ସେବାରତ୍ନ ସମ୍ମାନ ୨୦୧୯ ଇତ୍ୟାଦି । ସିମୁଳିଆ, ବାଲେଶ୍ବରରେ ରହନ୍ତି ।

ଠଠ

# Luminescence of the Mind

Mumukshya Tapabrata Baitharu

In those locked chambers of my mind
Where complexity met misery
There lay a town, where one could find
Dark, monochrome streets of agony.

A little hope, a fluke of serendipity
That was all needed in this town of mine.
And watch how the place once of pity
With strokes of a brush, gained life.

And behold the splashes of colour,
That possess the mind of a young child
Where hues of luminescence prosper
In the dull town, there was light.

The art that could be created,
Was unique to me alone,
And no one could try to steal
The brightness of the future I own…

∞∞

# Stories: from books to people

Mumukshya Tapabrata Baitharu

As the ink of these words bled through the pages
Engraving our minds, our souls and our dreams
Just wrapped around in the stories
Protecting us, keeping us away from reality

But as the walls built up broke down
As an old friend that was soon lost
The tales as old as time
Soon were far from lost

And as we forgot about those books
That put us to sleep when we were kids
Which leads us to reopening, the library inside
And retell those same tales

For the beauty of stories never dies
Even if the books are soon replaced
The stories still burn alive
Engraving our minds, our souls and our dreams…

∞∞

**Mumukshya Tapabrata Baitharu** is an aspiring innovator. She is a black-belt in karate and enjoys listening to all genres of music. Quite inquisitive at heart, she relishes reading books and writing. She lives in Sharjah, UAE

∞∞

# Two sapphire blue eyes

Jyotsna Mohanty

Dark and silent was the night
And the stars peered afar.
I sat under a *Peepal* tree
With a quiet mind and heart
Earth and nature were asleep
Or were they in a trance?
I do not know.

A soft melody slowly neared,
A humming of bees,
Or was it jingling anklet-bells?
Ripples of far-off seas
Or the Rishis' hymnal chants?
Or from Saraswati's Veena-strings
Emerging, an immortal harmony?
I do not know.

Opening ajar the doors of Night
A flow of golden light came down.
To infinity it spread.
I saw two feet bathed in light,
Rosy-hued and petal-soft,
Or moonbeams crystallised?
I do not know.

I looked up and beheld,
Two sapphire-blue eyes
Looking calmly at me,
Deep they gazed
And thrilled my soul.
Love, Beauty, Grace and Bliss –
All were there.
That I know

.

∞∞

**Jyotsna Mohanty,** MSc in Mathematics, teaches Odia and Maths in Sri Aurobindo International Centre of Education in Puducherry. She writes stories and poems in Odia, English and Sanskrit. Her book 'Phula kahe mana sune' was published recently. She is also a lyricist, she writes devotional songs about The Mother and Sri Aurobindo. Her songs are available on YouTube, @Pabitra Kumar Behera. She lives in Sri Aurobindo Ashram, Puducherry. This poem was published in 'Mother India' July 1995.

∞∞

# ସମାନତା

ପାରମିତା ଷଡ଼ଙ୍ଗୀ

ତୁମେ, ବ୍ୟାପ୍ତ ଥିବା ନିଃସଙ୍ଗତାକୁ
ପାନ କରି ଦେଲ
ଠିକ ଯେମିତି ମୁଁ ଗ୍ଲାସ୍ ରେ ଥିବା
ପେଗ୍ ଟିକୁ ଓଠପାଖକୁ ଆଣି ଥାଏ

ତୁମ ପାଖକୁ ଆସିବାକୁ
ଯେଉଁ ପାଗଳାମୀ, ସେଇଟା
ଗୋଟେ ଯୁଦ୍ଧ ଥିଲା କି ଆତ୍ମହତ୍ୟା
ଏ ପର୍ଯ୍ୟନ୍ତ ଜାଣି ପାରିଲି ନାହିଁ

ଖୁବ୍ ପବିତ୍ର ତୁମେ
ମୋ ହୃଦୟ କୁ ଫୋପାଡି ଦେଇଛ
କି ସାଇତି ରଖିଛ
ଗହଣା ବାକ୍ସ ରେ ଥିବା
ସିନ୍ଥି ଟିଏ  ପରି
ଯାହାର ବ୍ୟବହାର କେବଳ
ଗୋଟିଏ ଦିନର
ତୁମେ ତ ପ୍ରସ୍ତୁତ ସବୁ ପ୍ରକାର
ଯୁଦ୍ଧ ପାଇଁ
ମୁଁ କିନ୍ତୁ ଶୋଷି ଚାଲିଛି କେତେ
ଯନ୍ତ୍ରଣା, ବିଷାଦ ଓ ପାଷାଣପଣକୁ
ଠିକ ଗୋଟେ ସ୍ପଞ୍ଜ ପରି
ମହୁଫେଣାର କୋଠରୀ ପରି
ମୋ ହୃଦୟର ନିବୁଜ କେଉଁ ଏକ
କୋଣରେ ଭରି ରହିଛି
କେତେ ଥର ଭାଙ୍ଗିବାର ଅନୁଭବ

ତୁମେ ଯାଅ ଅନ୍ୟ ଏକ ସହରକୁ
ମୁଁ ଥିବି ମୋ ଇଲାକାରେ
ତୁମେ ଖୋଜ ତୁମ ମୁକ୍ତିର ମାର୍ଗ
ମୁଁ ଗଢିବି ମୋ ସମାଧି
ହୁଏତ ମୃତ୍ୟୁ ହିଁ ସମାନ କରିଦେବ
ମୋ ସହ ତୁମକୁ।
ဓဓ

# କବିତା ଲେଖିବାର ଅଛି

**ପାରମିତା ଷଡ଼ଙ୍ଗୀ**

ସେଇ ଯୋଉ ସ୍ୱର୍ଗଟା
ମୋତେ ପୁରସ୍କାରରେ ମିଳିଥିଲା
ସେ ତ କୋଉ କାମର ନୁହେଁ
ଆପଣେଇକି କି ଲାଭ
ଆହାଃ, ଯଦି ବୁଡି ଯାଉଥିବା ସୂର୍ଯ୍ୟକୁ ରୋକି ପାରନ୍ତି
ନା ଅନ୍ଧାର ହୁଅନ୍ତା
ନା ଝାପସା ଦେଖାଯାଆନ୍ତା
ଅବସୋସର କଥା
ହୋଇପାରେ ଯେ
ଆଜି କାଲି ମୋତେ କିଛି
ଫରକ୍ ପଡୁନି
ମୁଁ ଜାଣିନି, ମୋର ପ୍ରସ୍ଥାନ
ସତରେ ତମକୁ କଷ୍ଟ ଦେବ
କିନ୍ତୁ କହି ରଖୁଛି
ଯେଉଁ ରସରେ ରହସ୍ୟ ନାହିଁ
ସେ କବିତା ନୁହେଁ
ଏବେ ମୋତେ ଯିବାକୁ ଦିଅ
ଭିଜିବାକୁ ହେବ

ରାଗରେ
ଅନୁରାଗରେ
ବିରହରେ

ଏମିତି ଦେଖନି ମୋତେ
ତୁମ ଆଖି ଠିକ ଯଶୋଧାରା ପରି
ଯେଉଁଠି ବୁଦ୍ଧ ବି
ବାମନ ଦେଖାଯାଆନ୍ତି
ଯିବାକୁ ଦିଅ ମୋତେ
ଚିକ୍କଣ ପଥରଟା ସମୁଦ୍ରରେ
ପାଦ ଧୋଇବାକୁ ଲାଗିଲାଣି
ଏବେ ହିଁ କବିତା ଲେଖିବାକୁ ହେବ
ନହେଲେ ରାତିଟା ହଜିଯିବ
ଆକାଶର ବାହୁରେ
ଆଉ ସକାଳଟା ବିତିଯିବ ଅନ୍ୟ
କିଛି ତର୍କ ଭିତରେ ।
ଓଓ

# ପୁଣି ଆରମ୍ଭ

## ପାରମିତା ଷଡ଼ଙ୍ଗୀ

ଏକ ଅଜଣା ଦୁନିଆରେ
ଶବ୍ଦାର୍ଥଙ୍କର ଲକ୍ଷହୀନ ଭ୍ରମଣ
କାଳାନ୍ତରରୁ ଖଣ୍ଡ ଖଣ୍ଡ ଭାଙ୍ଗି
ଖସି ପଡୁଥିବା ମୁହୂର୍ତ୍ତମାନଙ୍କ ଭଗ୍ନାଂଶରେ
ଆଜି ବି ବଞ୍ଚିଛି ଖାଲି
ରାଣୀ ନଫର୍ତୀତଙ୍କ ନାଁର ଅକ୍ଷରଗୁଡିକ
ସ୍ପଷ୍ଟତା ଭିତରେ କେତେ ଅନିଶ୍ଚିତତା
ମୋ ଆଖିର ରେଟିନାରେ
ମୁଁ ହିଁ ନ ଥାଏ,

ଆଲୋକିତ କୋଠରୀ ଭିତରେ
ଦିନ ନୁହେଁ, ଦିନର ଭ୍ରମ ଥାଏ
ମୁଁ ନିରବ ରୁହେ,
ମୋ କବିତା ବି ଉଭେଇ ଯାଏ
ମୁଁ ଅସମର୍ଥ ଥାଏ,
ପ୍ରଶ୍ନର ଉତ୍ତର ଦେବାକୁ
ମୋ ଭାଷାକୁ ବଖାଣିବାକୁ
ଗୋଟେ ରଂଗମଞ୍ଚରେ ଲୌକିକ ଭୂମିକାର
ବାସ୍ତବତାକୁ ବୁଝିବାର କ୍ଷମତା କେଉଁଠି ଥାଏ ?

ମୋ କବିତା ଥାଉ କି ଉଭେଇ ଯାଉ
କିଛି ଅଛି, କିଛି ନାହିଁ ଭିତରେ
କଳ୍ପନାକୁ ଭାଙ୍ଗି, ଗଢି
ଭାଗବତର ଶବ୍ଦ ଗୁଡିକ ପରି
ଉଚ୍ଚାରଣ କରେ ଦୃଶ୍ୟ ସବୁକୁ

କିଛି ସ୍ୱଚ୍ଛତାର ପ୍ରତିଫଳନ ନେଇ
ମୋ ଶବ୍ଦ ଗୁଡ଼ିଏ
ମୋ ଡାଇରିରୁ ମୁକୁଳୁଥାନ୍ତି
ମୁଁ ପୁଣି ଆରମ୍ଭ ହୁଏ ସରିଗଲା ପରେ ।

ꝏꝏ

**ପାରମିତା ଷଡ଼ଙ୍ଗୀ** ଓଡିଆ ଓ ହିନ୍ଦୀ ସାହିତ୍ୟରେ ଲେଖାଲେଖି କରନ୍ତି । କବିତା, କାହାଣୀ ଲେଖିବା ସହ ସେ ଅନୁବାଦ କରନ୍ତି ।  ଜଗତରେ ଏକ ଜଣାଶୁଣା ନାମ । ନାରୀ ମାନସିକତାର ବିଶ୍ଳେଷଣ, ସୂକ୍ଷ୍ମ ଅବବୋଧର ଅନ୍ୱେଷଣ ଏବଂ ଏକ ଦୃଢ ବିଷୟବସ୍ତୁର ଆଧାର ତାଙ୍କ କାହାଣୀକୁ ଏକ ଭିନ୍ନ ପରିଚୟ ଦେଇଥାଏ । ପାରମିତାଙ୍କ କବିତା, ଚେତନା ଏବଂ ମାନସିକତାକୁ ବହୁତ ପ୍ରଭାବିତ କରିଥାଏ । ତାଙ୍କ କବିତାର ଶୈଳୀ ଓ ଉପସ୍ଥାପନା ନିଆରା ଓ ଦ୍ରଷ୍ଟବ୍ୟ । ହୃଦୟର ପ୍ରତିଧ୍ୱନି ଓ ମାଟିର ବାସ୍ନାକୁ ନେଇ ତାଙ୍କ କବିତାର ଚିତ୍ରକଳା ହିନ୍ଦୀ ଓ ଓଡ଼ିଆ କବିତା ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ହିନ୍ଦୀ ଏବଂ ଓଡିଆ ସାହିତ୍ୟରେ ଅନେକ ପୁରସ୍କାର ସହିତ ପାରମିତାଙ୍କ ଲେଖା ଭାରତ ତଥା ବିଦେଶରେ ପ୍ରକାଶିତ ହୋଇଛି । ସେ ମୁମ୍ବାଇରେ ରହନ୍ତି ।

ꝏꝏ

# ଏକପଦୀ

## ଅଲେଖ ନନ୍ଦୀ

(୧) ପ୍ରଭାତୀ ତାରା

ଗାଢ଼ ରତି ରସେ ମାତି ନିଶା ଶେଷେ
ମୋଦେ ହୋଇ ଆତ୍ମହରା
ଅଭିସାରିକାର ମୁକ୍ତ କେଶପାଶୁ
ଖସି ପଡ଼ିଛି କି ହୀରା !

(୨) ସୂର୍ଯ୍ୟାସ୍ତ

ସୀମନ୍ତିନୀଶିରେ ସିନ୍ଦୁର
ବିନ୍ଦୁ ଯଥା ଶୋଭନ
ପ୍ରତୀଚୀ-ଲଳନା-ଲଲାଟେ
ରବି ରାଗ ତେସନ

(୩) ମାନିନୀ

ଯେଉଁଠାରେ ତୁମ ରୂପ ଉଦ୍ଭାସିତ
ସେଠାରେ ଚାନ୍ଦିନୀ ଆପେ ନିର୍ବାପିତ
ଥରେ ତୁମେ କଲେ ଚକ୍ଷୁ ଉନ୍ମୀଳନ
ସାଗରେ ଲହରୀ ପର୍ବତେ କମ୍ପନ
ଅଧର କମ୍ପିଲେ ଜ୍ୱରେ
ଭୂକମ୍ପନ କିବା ହେଲା, ମୁଁ ନିଜକୁ
ଆଉ କି ସମ୍ଭାଳି ପାରେ !

(୪) କାମିନୀ ଦୃଷ୍ଟି

ସପ୍ତାଶ୍ଚର୍ଯ୍ୟ ନୁହେଁ ବିଶ୍ୱ ବିସ୍ମୟ
ନୈସର୍ଗିକ ଦ୍ୟୁତି ଈକ୍ଷଣ ଦ୍ୱୟ
ଉଦ୍‌ଗାର କରିଲେ ସ୍ଫୁଲିଙ୍ଗ ଜାଣ
ପ୍ରାପ୍ତ ହୋଇଗଲା ମହା ନିର୍ବାଣ

(୫) ଚିକୁର

ଦୋଳାୟିତ ଘନ କୃଷ୍ଣ ଚିକୁର
ଲାଳାୟିତ ବାଳା ସ୍ପର୍ଶେ, ଅଧୀର
ଆଲୁଳାୟିତ ସେ ଚାରୁ ଲପନେ
ବିସ୍ଫୁରିତ ପଞ୍ଚେନ୍ଦ୍ରିୟ ଚୁମ୍ବନେ

(୬) କଜଳ

ଅଜୀବ କଜଳ ଅଧୈର୍ଯ୍ୟେ ଅତି
ତୁମ ଭ୍ରୂରୁ ଚୁମ୍ବି ପାଇଲା ମୁକ୍ତି
କି ତପସ୍ୟା ବ୍ରତ କଲେ ପାଳନ
କୁହ ମୋତେ ମିଳିବ ସେ ମୋକ୍ଷ ଦାନ?

(୭) ଚନ୍ଦ୍ର ଚକୋର

ଆଡ଼େଇ ଦିଅ ଗୋ ତୁମ ମୁଖଚନ୍ଦ୍ରୁ
ଦୋଳାୟିତ କେଶ ରାଶି
ସାଜିଛି ମୁଁ ଦେଖ ଚନ୍ଦ୍ରର ଚକୋର
ଦିବସ ଦିଶୁଛି ନିଶି

(୮) ବ୍ୟତିକ୍ରମ

ତୁମର କଟାକ୍ଷେ ପ୍ରସ୍ତର ତରଳେ
ତୁଷାର ହୁଅଇ ଉଷ୍ମ
ନିଦାଘ କର୍ଷଇ କରକା ସମ୍ଭାରେ
'ଶୀତଳ' ବର୍ଷଇ ଗ୍ରୀଷ୍ମ
ଏ କି ଅଦଭୂତ ଲୀଳା ଖେଳା ଜ୍ୱାଳା
କେହିକି ପାରିବ ସହି !
ପ୍ରଜ୍ୱଳିତ ହୋଇ ପ୍ରଜ୍ୱଳିତ କଲେ
ଭସ୍ମୀଭୂତ ହେବ ମହୀ

(୯) ସନାତନ

ଯେଉଁ ଧର୍ମେ ଭକ୍ତ ଦୁଆରେ ଯାଆନ୍ତି
ଶରଧାରେ ଭଗବାନ
ସେ ଧର୍ମର ନାମ ଜାଣିଛ କି କେହି?
ନାଆଁ ତାର ସନାତନ

(୧୦) ଆତ୍ମହରା

ତୁମ ପଦଯୁଗ ପୀୟୂଷ ପାନେ
ଆତ୍ମହରା ହୋନ୍ତି ସରସୀ ମୀନେ
ଅଧୈର୍ଯ୍ୟେ ଉର୍ଦ୍ଧ୍ୱକୁ ଦିଅନ୍ତି ଲମ୍ଫ
ବିଦଗ୍ଧେ କାତର ହୃଦେ ଭୂକମ୍ପ

(୧୧) ଉଆଁସ

ଷୋଳ ସିଙ୍ଗାରରେ ଅଳସୀ କନ୍ୟା
ତିନିପୁରେ ରୂପେ, ରୂପସୀ ଗଣ୍ୟା
ସତେ କି ମୋ ପାଶେ ପଡ଼ିଛି ଖସି !
ତେଣୁ ଶଶିହରା ଉଆଁସ ନିଶି

(୧୨) ରକ୍ତ ଅଧର

ରକ୍ତ କଇଁ ଯେବେ ଅଧରେ ଫୁଟେ
ଚନ୍ଦ୍ର ଆସି ତୁମ ପାଦରେ ଲୋଟେ
ସୂର୍ଯ୍ୟ ଲୁଚିଯାନ୍ତି ସରମେ ଅତି
ନ୍ୟୂନ ହେଲା ଯେଣୁ ପଦ୍ମିନୀ କାନ୍ତି

∞∞

**ଅଲେଖ ନନ୍ଦୀ,** ଉଚ୍ଚପଦସ୍ଥ ବ୍ୟାଙ୍କ୍ ଅଧିକାରୀ । ବର୍ତ୍ତମାନ ସାହିତ୍ୟ ଲେଖାରେ ବ୍ରତୀ । ୧୦ଟି ପୁସ୍ତକ ପ୍ରକାଶିତ । ଭୁବନେଶ୍ୱରରେ ରହନ୍ତି ।

∞∞

# ତମେ ନଥିଲେ

## ପୁଷ୍ପାଞ୍ଜଳି ପଣ୍ଡା

ତମେ ନଥିଲେ
ଏକା ଲାଗେ
ଭୟ ଲାଗେ
ଅବ୍ୟକ୍ତ ଯନ୍ତ୍ରଣାରେ
ଛଟପଟ ହୁଏ
ଗହଳି ଭିତରକୁ ଦୌଡିଯାଏ
ବୁଡି ଯାଏ କାମ ବ୍ୟସ୍ତତାରେ
ତଥାପି କାହିଁକି ଯେ
ମୁକ୍ତି ମିଳେନାହିଁ ଏକଲାପଣରୁ
ବୋଧେ ତମେ ନ ଥିବାରୁ ।।
କିଛି ଭଲ ଲାଗେ ନାହିଁ
ଚାରିଆଡ଼େ ଖାଁ ଖାଁ ଭାବ,
ଆଖି ଖୋଜେ ତମକୁ
ବୋଧଦିଏ ମନକୁ ।।
ଏବେ ସାଙ୍ଗରେ ଏକାଠି
ଚାଲିବାକୁ କେହି ନାହିଁ
ଆହାଃ ରାହା କିଛି ନାହିଁ
ନିଶ୍ୱାସରେ ବିଶ୍ୱାସ ବି ନାହିଁ ।।
ସକାଳ ସୁରୁଜ ଏବେ ଲାଗୁଅଛି
ଅନ୍ଧାରୁଆ ଛବିର ପ୍ରତୀକ
ଖାସ କିଛି ହୁଏନାହିଁ
ବୁଲୁଥାଏ ଯେତେ ଦିନଯାକ
ବଞ୍ଚିବାରେ ନଥାଏ ପୁଲକ
ଏଠି ତମେ ନାହିଁ
ଛାତି ତଳେ ଜମୁଥାଏ କୋହ ।।
ତୁମ ହସ ଶୁଣୁଥାଏ
ସ୍ମୃତି ର ଫରୁଆ ଭିତରୁ
କଥା ହୁଏ ନୀରବରେ
ଏବେ ତମେ କେଉଁଠି ଯେ ଥିବ..!!
ସତେ କଣ ମୋ କଥା
ତମେ ଭାବୁଥିବେ..!!
ଆତ୍ମା ପରମାତ୍ମା କଥା
ଅଦେଖା ଈଶ୍ୱରଙ୍କ କଥା
କିଛି ବି ବୁଝିନି
ତମକୁ ଦେଖିଛି
ହରାଇ ଝୁରୁଛି ।।
ତଥାପି ଆୟୁଷ ସରୁନି
ଏକା ଏକା ମୁହୂର୍ତ୍ତ ର
ଯନ୍ତ୍ରଣା ଜହର
ଅସରନ୍ତି ଲୁହର ସାଗର ରେ
ବୁଡିଲେ ବି
ତମେ ନଥିବାର ଭାବାବେଗ
ଉତ୍ତାରି ପାରୁନି ।।

ଠଠ

**ଶ୍ରୀମତୀ ପୁଷ୍ପାଞ୍ଜଳି ପଣ୍ଡା,** ଷ୍ଟାଟିଷ୍ଟିକାଲ ଅଫିସର, କେନ୍ଦ୍ରାପଡ଼ା । ପୁସ୍ତକ କବିତା ୨୦୨୦, ତଥା କବିତା ସଙ୍କଳନ ବିଭୋର ହେବାର" ବେଳା" ସହ ଅନେକ ଇ-ପୁସ୍ତକ ପାଠକୀୟ ଆଦୃତି ଲାଭକରିଛି । ଏତଦ୍ ଭିନ୍ନ ଅନେକ ସଂଭ୍ରାନ୍ତ ସାହିତ୍ୟ ପତ୍ରିକାରେ ଲେଖା ପ୍ରକାଶିତ ।

ଠଠ

# ଅବସୋସ

## ଶ୍ରୀପ୍ରସାଦ ମହାନ୍ତି

ଠିକ୍ ମନେପଡୁନି କେଉଁ ଅବସରରେ ସେଇ ଭୋଜିର ଆୟୋଜନ ହୋଇଥିଲା । ମୁଁ ସେତେବେଳକୁ ନୂଆ ଚାକିରିଆ । ବରା ଓ ମାଂସ ତରକାରୀ ହୋଇଥାଏ, ଖାଲି ନିରାମିଷାଶୀ ମିଶ୍ରବାବୁଙ୍କ ପାଇଁ ଯାହା ସ୍ୱତନ୍ତ୍ର ବ୍ୟବସ୍ଥା । ମୁଁ ଓ ରବି ପରଶିବା ଦାୟିତ୍ୱରେ ଥିଲୁ ।

ଦୁର୍ଭାଗ୍ୟବଶତଃ ବରାତକ ସରିଗଲା । ଠିକ୍ ସେତିକିବେଳେ ମିଶ୍ର ବାବୁଙ୍କର ବରା ପାଇଁ ଡାକରା । ଗୋଟିଏ ମାତ୍ର ଅବଶେଷ । ସେ ପୁଣି ମାଂସ ଝୋଳରେ ଅର୍ଦ୍ଧସ୍ନାତ । ଅନ୍ୟ ଦିଗରେ ମିଶ୍ରବାବୁ ଯେଉଁଭଳିଆ ଲୋକ, ଅଣ୍ଟିଲାନି ଓ ଖାଇପାରିଲିନି ବୋଲି ଚାରିଆଡ଼େ କହିବୁଲିବେ । ମୋର ବାରଣ ସତ୍ତ୍ୱେ ରବି ସେ' ବରାଟି ତାଙ୍କୁ ବଢାଇଦେଲା । ପୁଣି ସଂପୂର୍ଣ୍ଣରୂପେ ମାଂସଝୋଳରେ ବୁଡ଼ାଇ ।

ପର୍ବ ସରିଲା । ନିଜେ ଖାଇନଥିବା ଅପେକ୍ଷା ଜଣେ ନିରାମିଷାଶୀଙ୍କୁ ମାଂସଝୋଳ ଦେଇଥିବା ଗ୍ଲାନି ବେଶୀ ବାଧୁଥାଏ । ହଠାତ୍ ମିଶ୍ରବାବୁ ଡାକିଲେ । ଡରିଡରି ଗଲି ।

- "ଶେଷ ବରାଟି କେଉଁଠୁ ଆଣିଥିଲ କି ସଂବିତ୍ ? ସବୁଯାକ ସେଇଥିରୁ ଆଣିଲନି ?"

ꕥꕥ

# ଚଢ଼େଇର ମନ

## ଶ୍ରୀପ୍ରସାଦ ମହାନ୍ତି

ବଗିଚାପାଇଁ ମାଳି ରଖିନଥିଲା ଶୁଭେନ୍ଦୁ । ସେ ଓ ସ୍ତ୍ରୀ ସବିତା ମିଶିକରି ବଗିଚାକାମ କରନ୍ତି । ସବିତା କୁହେ, ମାଳିମାନେ ଏ ବଗିଚାରୁ ଗଛନେଇ ଆର ବଗିଚାରେ ଲଗାନ୍ତି । ପୁଣି ଆର ବଗିଚାରୁ ଗଛ ଆଣି ଏ ବଗିଚାରେ ଲଗାନ୍ତି । ସେମାନଙ୍କର ଶୈଳୀ ମଧ୍ୟ ଏକ ପ୍ରକାର । ତେଣୁ ଜଣେ ମାଳି ହାତରେ ଥିବା ସବୁଯାକ ବଗିଚା ଏକାଭଳି ଲାଗନ୍ତି । ଶୁଭେନ୍ଦୁ ଭାବେ ସବିତା ସହ ଏକାରୁଚିର କାମ ମିଳିଛି ଓ ଦୁହେଁ ସେଇଠି କାମ କରିବାବେଳେ ଏକାଠି ସମୟ ବିତାଉଛନ୍ତି । ପୁଣି ନିଜେ ଲଗାଇଥିବା ପ୍ରତ୍ୟେକଟି ଗଛ ପତ୍ର ସହ ଏକାତ୍ମ ହେଉଛନ୍ତି ସେମାନେ ।

ସକାଳୁ ସକାଳୁ ଶୁଭେନ୍ଦୁ ପୂଜାପାଇଁ ଫୁଲ ତୋଳେ । ସେତିକିବେଳେ ଏଣ୍ଡୁଅ, ଗୁଣ୍ଡୁଚି, ବଣି, ପାରା, ବଗ, ପ୍ରଜାପତି ଆଦି ଆସନ୍ତି । ଶୁଭେନ୍ଦୁକୁ ଭଲଲାଗେ । ତେବେ ଗୋଟେ କୁମ୍ଭାଟୁଆ ସବୁଦିନେ ଆସେ । ଆଗରୁ ଆସି ଶୁଭେନ୍ଦୁକୁ ଅପେକ୍ଷା କରିଥାଏ ଯେମିତି ! ତାକୁ ଦେଖିଲେ ଖୁସିହୋଇ ଶବ୍ଦକରେ । ତାର ପଛେ ପଛେ ଯାଏ, ଶୁଭେନ୍ଦୁ ଫୁଲତୋଳି ସାରିବା ପର୍ଯ୍ୟନ୍ତ ରୁହେ । ତାପରେ ଉଡ଼ିଯାଏ । ଶୁଭେନ୍ଦୁ କେବେ ତାକୁ କିଛି ଦେଇନି । ତଥାପି କାହିଁକି ସିଏ ଆସେ କେଜାଣି ?

ଦିନେ ଝିଅ ନିନି କହିଲା, "ବାପା! କେତେ ଅସୁନ୍ଦର ଚଢ଼େଇକୁ ସାଙ୍ଗ କରିଛ । ହଳଦିବସନ୍ତଟେକୁ ସାଙ୍ଗ କରନ୍ତ ହେଲେ !"

ତାପରେ ତିନିଦିନ ପାଇଁ ଶୁଭେନ୍ଦୁ ସହର ବାହାରକୁ ଗଲା । କୁମ୍ଭାଟୁଆ ଆସିଲାନି । ଶୁଭେନ୍ଦୁ ଫେରିବା ପରେ ବି ଆସିଲାନି । ନିନି ମନରେ ପାପ ଛୁଇଁଲା । ଭାବିଲା, ଚଢ଼େଇଟି ତା କଥା ବୁଝିପାରିଲା ବୋଧେ । ସବିତା ଡ଼ରୁଥିଲେ ବିଲେଇ କାଳେ ଖାଇଦେଇଥିବ, ସମସ୍ତେ ସବୁଦିନ ସକାଳୁ ସକାଳୁ ଚଢ଼େଇକୁ ଖୋଜୁଥିଲେ ।

ଦିନେ ଚଢ଼େଇ ଫେରିଆସିଲା । ନିନି ଏବେ ସବୁଦିନ ତାକୁ ଖାଇବାକୁ ଦିଏ । କୁମ୍ଭାଟୁଆ ସହ କଥା ହୁଏ ସତେ ଯେମିତି ବୁଝିପାରୁଛି ସିଏ !

ସତରେ ଯଦି କୁମ୍ଭାଟୁଆ ନିନି କଥା ବୁଝି ପାରୁଥାନ୍ତା, ଆଉ କ'ଣ ଫେରିଥାନ୍ତା ?

ഠഠ

## ସନ୍ଦେହ

**ଶ୍ରୀପ୍ରସାଦ ମହାନ୍ତି**

ଭଲଲୋକମାନେ ସବୁବେଳେ ଭଲକାମ କରିନଥାନ୍ତି । ବେଳେବେଳେ ଖରାପଲୋକଙ୍କ ପାଇଁ ଆମେ ଭଲ ଫଳ ପାଇଥାଉ - "ବିକାଶ କହିଲା ।"

- "ମାନେ ?" ମୁଁ ବୁଝିପାରିଲିନି ।

- "ଆମ ନେତାମାନେ ଆମକୁ ଭାଗଭାଗ କରନ୍ତି । କିନ୍ତୁ ଆତଙ୍କବାଦୀଙ୍କ ପାଇଁ ସେମାନଙ୍କ ବିରୁଦ୍ଧରେ ଆମେ ଏକାଠି ହେଉ ।"

- "କିନ୍ତୁ ତୁ କଣ ଜାଣିଛୁ ଯେ ଧର୍ମନାମରେ ଆମକୁ ଭାଗଭାଗ କରୁଥିବା ନେତାମାନେ କୌଣସି ଧର୍ମଗ୍ରନ୍ଥ ପଢ଼ିନଥାନ୍ତି" - ମୁଁ କହିଲି ।

- "କଥା ସେଠି ନାହିଁ, କଥା ହେଉଛି, ଆମେ ବି ପଢ଼ିନେ । ସେଇଥିପାଇଁ ମାନିନେଉ ।"

ବିକାଶର କଥା ଶୁଣିବା ପରେ ମୋ ମନରେ କେତେକେତେ ଭାବନା ଉବୁଟୁବୁ ହେଉଥିଲେ । କିଛିଲୋକ ଧର୍ମ କ'ଣ ଜାଣନ୍ତି । ମାତ୍ର ସେମାନେ ନିରବ ରୁହନ୍ତି । ସତ କହିଲେ, ବୁଦ୍ଧିଜୀବିମାନେ କୌଣସି କଥାରେ ସ୍ୱର ଉଠାନ୍ତିନି । ନାପସନ୍ଦ କରୁଥିବା କଥାକୁ ବିରୋଧକରି ନିଜର ମତ ଜାହିର କରନ୍ତିନି । ଏଇଟା ତାଙ୍କର ସ୍ୱାର୍ଥପରତା ନା ଅସହାୟତା ? ବର୍ଷାଦିନେ ବେଙ୍ଗଙ୍କ ରଡିରେ କୋଇଲି ନିରବ ହୋଇଯିବା ଭଳି ପ୍ରକ୍ରିୟାର ଏକ ଅଂଶ ମାତ୍ର ।

ଏଠି ପୁଣି ଗର୍ଜନ କରି ଓଜନ ନଥିବା କଥାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଦେଖାଇହୁଏ । ସଂରକ୍ଷଣ ନାଁରେ ଯୋଗ୍ୟତାକୁ ହତାଦର କରାଯାଏ । ମଦଦୋକାନ ଆଗରେ ଲୋକଙ୍କର ଧାଡି, ଅଥଚ କ୍ଷୀର ବିକିବାକୁ ଗଉଡ ବିଚରା ଘରଘର ବୁଲୁଥାଏ । ଏଠି ଜୋତାକୁ ସୋ' କେସ୍‌ରେ ରଖି ବିକ୍ରି କରାଯାଏ, ଆଉ ବିକ୍ରିହେଉଥିବା ଖାଇବା ଜିନିଷ ଉପରେ ଧୂଳିମଳି ପଡୁଥାଏ । ଆମେ ଠାକୁରଙ୍କ ଦ୍ୱାହି ଦେଇ ନୀତିବାନ୍ ହେବାକୁ ଉପଦେଶ ଦେଉ । ଅଥଚ ଠାକୁରଙ୍କୁ ଭୋଗ ଲାଂଚଦେଇ ସଫଳତା କାମନା କରୁ ।

ବିକାଶ ମୋ ମୁହଁକୁ ଚାହିଁଥାଏ । ମୁଁ କିଛି କରେ ବୋଲି ଆଶା କରୁଥିଲା । ଅନେକ ଅନେକ ଭାବନା ଉବୁଟୁବୁ ହେଉଥିଲେ ମୋ ମନରେ । କିଛି ବି ବାହାରୁ ନଥିଲେ । ବିକାଶ ଘଂଟାକୁ ଚାହିଁଲା ଓ ମୋ ଠାରୁ ବିଦାୟ ମାଗିଲା ।

ହଠାତ୍ ମୋ ମନକୁ ଆସିଲା ଯେ ଏବେ ସମସ୍ତଙ୍କ ହାତରେ ଘଂଟା । ହେଲେ କାହାରି ପାଖରେ ସମୟ ନାହିଁ । ଆଉ ଠିକ୍ ସମୟରେ ଠିକ୍‌ଜାଗାରେ ପହଁଚି ପାରୁଛନ୍ତି ଖୁବ୍ କମ୍ ଲୋକ ।

ဏဏ

## ମୁଣ୍ଡନ

**ଶ୍ରୀପ୍ରସାଦ ମହାନ୍ତି**

ସ୍ନାୟୁ ଶଲ୍ୟ ବିଭାଗରେ ଭର୍ତ୍ତି ହୋଇଥାନ୍ତି ତାଙ୍କର ଆତ୍ମୀୟ । ଅସ୍ତ୍ରୋପଚାର ହେବାର ଥାଏ । ସେଥିପାଇଁ ମୁଣ୍ଡବାଳ କାଟୁଥାନ୍ତି ଭଣ୍ଡାରି । ଭକ୍ତବ୍ୟକ୍ତି ବ୍ୟସ୍ତ ଥିଲେ ଆତ୍ମୀୟର ଅସୁସ୍ଥତା ପାଇଁ । ବ୍ୟସ୍ତ ଥିଲେ ଅସ୍ତ୍ରୋପଚାର ପାଇଁ ଯୋଗାଡଯନ୍ତ୍ର କରିବା ପାଇଁ । ସର୍ବୋପରି ବିବ୍ରତ ଥିଲେ ଅସ୍ତ୍ରୋପଚାରର

ସଫଳତା ବିଷୟରେ । ତେବେ "ମାର ମାର ଭଣ୍ଡାରିଆକୁ ମାର" ଉକ୍ତିଟିକୁ ପ୍ରତିପାଦନ କରି ବାରମ୍ବାର ଶୀଘ୍ର କାମ ସାରିବାକୁ ତାଗିଦ୍ କରୁଥାନ୍ତି ଭଣ୍ଡାରିକୁ । ବେଳେବେଳେ ଗାଳି ବି ଦେଉଥାନ୍ତି । ସତେ ଯେମିତି ଭଣ୍ଡାରି ଅପଚୟ କରୁଥିବା ସମୟତକ ହିଁ ଜୀବନ ଓ ମୃତ୍ୟୁ ମଧ୍ୟରେ ବ୍ୟବଧାନ ।

ପୁଣି ଥରେ ବରକ୍ତିଭରା ସ୍ୱରରେ କହିଲେ, "ସରିଲା ଲଣ୍ଡାକରିବା ?"

ସେତେବେଳକୁ ଧୈର୍ଯ୍ୟ ହରାଇଲାଣି ଭଣ୍ଡାରି । କହିଲା, "ଏତେ ଶୀଘ୍ର ଲଣ୍ଡାହବାଟା ସରିବ କି ? ଆଗ ଯେ ଲଣ୍ଡା ହେବେ, ତାପରେ ତାଙ୍କ ବାପା ଲଣ୍ଡା ହେବେ, ଆଉ ତାପରେ ତାଙ୍କ ପୁଅ । ତାପରେ ଯାଇ ଲଣ୍ଡାହେବା ପାଳା ସରିବ ।"

ଭଦ୍ରବ୍ୟକ୍ତି ବୁଝିପାରିଲେନି ତତ୍କ୍ଷଣାତ୍ । ପରେ ଜାଣିଲେ ରୋଗୀ ଲଣ୍ଡାହୁଏ ଅସ୍ତ୍ରୋପଚାର ପାଇଁ, ତାଙ୍କ ବାପା ଲଣ୍ଡା ହୁଅନ୍ତି ଅର୍ଥ ଶ୍ରାଦ୍ଧ ହେତୁ; ଏବଂ ପୁଅ ଲଣ୍ଡାହୁଏ ପିତୃଶ୍ରାଦ୍ଧ ସକାଶେ ।

ଏଭଳି ଆସ୍ତ୍ରୋପଚାରର ମୃତ୍ୟୁହାର ଅଧିକ ।

oo

## ମଦ୍ୟପ

**ଶ୍ରୀପ୍ରସାଦ ମହାନ୍ତି**

ବରଯାତ୍ରୀମାନେ ସମସ୍ତେ ଥିଲେ ସମ୍ଭ୍ରାନ୍ତ, ମାତ୍ର ମଦପିଇ ଉଦ୍‌ଭ୍ରାନ୍ତ ଲାଗୁଥିଲେ ।

କନ୍ୟାପିତା ପାଖକୁ ଆସିଲେ । ସେମାନଙ୍କୁ ଡାକି ବୁଝାଇଲେ । କହିଲେ, "ଟିକେ ଟିକେ ମଦପିଇ ଏମିତି କ'ଣ ହେଉଛ ? ମୁଁ ଦିନରାତି ମଦ ବ୍ୟାରେଲ୍‌ରେ ବୁଡି ରହିଛି । ମୁଁ ତ କାଇଁ ଏମିତି ହେଉନି ।" ସମସ୍ତେ ଥଟ୍ଟାକଲେ । ଅବିଶ୍ୱାସ କଲେ । ଟାହିଟାପରା କଲେ ।

କନ୍ୟାପିତା ଡାକିଲେ ସମସ୍ତଙ୍କୁ । ଗୋଟେ ଘର ଖୋଲିଦେଲେ । ପାଂଚ / ଛଅଟି ଟେବୁଲ୍ ଉପରେ ଗଦାହୋଇଥାଏ ଅସଂଖ୍ୟ ମଦବୋତଲ, ନାମୀ ଦାମୀ ବ୍ରାଣ୍ଡର ।

ବରକୁ ଛାଡି ଧାଇଁଲେ ସମସ୍ତେ । ସତେ ଯେମିତି ଗୋଟେ ଅନ୍ନଛତ୍ର ଖୋଲାଯାଇଛି ଏବେ ଗୋଟେ ଦୁର୍ଭିକ୍ଷଗ୍ରସ୍ତ ରାଜ୍ୟରେ । ଖୋଲିବ ଅଳ୍ପସମୟ ପାଇଁ । ଟାଣି ଟାଣି ଧସ୍ତାଧସ୍ତି ଭିତରେ ଯିଏ ଯେତେ ପାରିଲା, ବୋହି ଚାଲିଲା ।

ଗାଁକୁ ଫେରିବାବେଳକୁ ସମସ୍ତେ ନିଶାଗ୍ରସ୍ତ । ଗାଁରେ ପହଁଚିବାପରେ ଦେଖାଗଲା ଯେ ଦୁଇଜଣ ନିଖୋଜ । ସବୁଆଡେ ଖୋଜାଗଲା ।

ଝିଅଘରେ ଗୋଟେ ବଗିଚା ଥଲା । ତା'ର ଚାରିପଟେ ଅଳ୍ପ ଉଚ୍ଚାର ପାଚେରି । ତାରି ଭିତରକୁ ଫୋପଡାଯାଉଥିଲା । ଅଇଁଠା ଖଲିପତ୍ର । ସେଇଠି ସେ ଦୁଇଜଣ ମିଳିଲେ । ବୋଧହୁଏ ପାଚେରି ଉପରେ ବସି ମଦ ପିଉ ପିଉ ଗଳି ପଡିଥିଲେ ଭିତରପଟକୁ ।

ଠଠ

**ଡା: ଶ୍ରୀପ୍ରସାଦ ମହାନ୍ତି** ବର୍ତ୍ତମାନ ବ୍ରହ୍ମପୁର ସହରର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଭେଷଜ ବିଭାଗରେ ପ୍ରଫେସର ପଦରେ କାର୍ଯ୍ୟରତ । ଝଙ୍କାର, କଥା, ନବଲିପି, ଅର୍ପିତା ଆଦି ଆଗଧାଡ଼ିର ପତ୍ରିକାରେ ତାଙ୍କର ଲେଖା ନିୟମିତ ଭାବେ ବାହାରିଥାଏ । ଏପର୍ଯ୍ୟନ୍ତ ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ: - ନିର୍ବାଣର ଆରପଖେ, ହଜିଯାଉଥିବା ଝିଅମାନେ, ଝିଅ ପାଇଁ ଗପ, ଭାଗଶେଷ, ତୁମେ ଅଛ ବୋଲି । ଉପନ୍ୟାସ: 'ଥୁଣ୍ଟା ଗଛର ଛାଇ' । ଏଠି ପ୍ରକାଶିତ ଗପସବୁ ତାଙ୍କର ପ୍ରକାଶୋନ୍ମୁଖୀ ସଂକଳନ 'ଶତାଧିକ ମିନିଗପ'ରେ ସ୍ଥାନିତ ।
ଠଠ



Images from Odisha

# ଗପଟିଏ...

## ଦେବଯାନୀ ସ୍ୱାଇଁ

ସେ ଥିଲା ମିନୁ !

ଆଶୁତୋଷର ମିନୁ, ଏକ ମତ୍ସ୍ୟ ରାଣୀ, ଜଳ ପରି, ସାଗର ସୁନ୍ଦରୀ, ସୌନ୍ଦର୍ଯ୍ୟରେ ଭରା ପ୍ରକୃତିର ଏକ ଅନନ୍ୟ ସୃଷ୍ଟି । ସମୁଦ୍ରର ଗଭୀର ନୀଳ ଜଳ ରାଶିରେ ତାର ଚଳ ପ୍ରଚଳ, ଗହିରୀ ଶୈବାଳରେ ତାର ବିଶ୍ରାମ ଗୃହ, ତରଙ୍ଗର ଉତ୍ଥାନ ପତନ ତାର ଖେଳନା ।

ଆଉ ଆଶୁତୋଷ ! ଅବୋଧ, ଅବାଧ, ଅବୁଝା, ଅଝଟ କିଶୋରଟିଏ । କିଶୋରତାର ଚପଳତା ନେଇ ସେ ସାଗର କୂଳରେ ସାଥୀଟିଏ ଖୋଜୁଥାଏ । କେଉଁ ଏକ ବିଜନ ବେଳାରେ ଢେଉ ସାଙ୍ଗେ ଖେଳୁ ଖେଳୁ ସେ ପାଇଲା ତାର ମିନୁକୁ ।

ମିନୁର ସେଇ କମନୀୟ ବକ୍ର ତନୁର ତେଜ ଆଉ ଚଳ ଚଞ୍ଚଳତା ଭରା ଚତୁରାଇରେ ବିଭୋର, ବିମୋହିତ ହୋଇଉଠିଲା ଆଶୁତୋଷ, ପ୍ରେମରେ ପଡିଗଲା ସେ । ଘଡ଼ି ଘଡ଼ି ଧରି ତାର ମିନୁକୁ ଦେଖିଚାଲିଲା ।

ମିନୁକୁ ବି ଭଲ ଲାଗୁଥିଲା ଆଶୁତୋଷର ଏ ପରଖ । କୁରୁଳି ଉଠୁଥିଲା ସେ ଏକ ଅଜଣା ଆବେଗରେ । ନିଜ ପ୍ରେମିକକୁ ଆକୃଷ୍ଟ କରୁଥିଲା ନିଜଆଡକୁ ସଲୀଳତାର ଛନ୍ଦରେ । ଢେଉର ତାଳେ ତାଳେ କେତେବେଳେ ଆସି ଆଶୁତୋଷର ପାଦକୁ ଛୁଇଁ ଯାଉଥିଲା ତ ପୁଣି କେତେବେଳେ ଫେନିଳ ଲହରୀ ଭିତରୁ କୁଦି ପଡୁଥିଲା ଆଶୁତୋଷ ମୁହଁରେ ଲୁଣିଆ ଜଳ ରାଶିରୁ କେଇ ବୁନ୍ଦା ଛାଟି ଦେଇ ।

ଧୀରେ ଧୀରେ ଦୁଇ ପ୍ରେମୀ ହୃଦୟରେ ଗଢି ଉଠିଲା ପ୍ରତିବଦ୍ଧତା, ତଲ୍ଲୀନତା, ବ୍ୟାକୁଳ ହେଲା ମନ, ସୃଷ୍ଟି ହେଲା ମିଳନର ଇଚ୍ଛା, ଉତ୍କଣ୍ଠା, ଉଦ୍ଦୀପନା ।

ଏ ତ ଥିଲା ସ୍ୱାଭାବିକ !! ମିଳନ ହିଁ ପ୍ରେମର ସୂତ୍ର, ଯାହା କି ମୁକ୍ତା ଭଳି ଗୋଟି ଗୋଟି ଗୁନ୍ଥି ହୁଏ ପ୍ରଣୟର ତନ୍ତୀରେ ଆଉ ରହିଯାଏ ଚିରକାଳ ପ୍ରେମୀକ ପ୍ରେମିକାଙ୍କ ସ୍ମୃତିରେ ।

ଆଶୁତୋଷର ମିନତି ତାର ମିନୁକୁ ହାତ ପାପୁଲିରେ ଧରିବାକୁ । ପ୍ରତ୍ୟାଖାନ କରିପାରିଲାନି ମିନୁ ।

କେମିତି ବା କରିଥାନ୍ତା ଉପେକ୍ଷା ସେ ପ୍ରେମିକର ପରଶକୁ !!

ଶୀତଳ ପ୍ରବାହମାନ ଜଳରାଶି ଭିତରୁ ବାହାରି ଆସିଲା ମିନୁ ସ୍ଥାଣୁ, ସ୍ଥାବର, ସ୍ଥଳ ଭୂମିକୁ । ଛଟ୍ ପଟ୍ ହେଇଗଲା ସେ, ଖୁବ୍ ଯନ୍ତ୍ରଣା ହେଉଥିଲା ତାକୁ, ଶ୍ୱାସରୁଦ୍ଧ ହେଇ ଯାଉଥିଲା ତାର । ହେଲେ ପର ମୁହୂର୍ତ୍ତରେ ସେ ନିଜକୁ ପାଇଲା ଆଶୁତୋଷର ହାତ ମୁଠାରେ, ପ୍ରେମିକର ବାହୁ ବନ୍ଧନରେ, ଶରୀରରେ

ତାର ଅଜସ୍ର ତାତି । କିଛି କ୍ଷଣ ଲାଗି ବନ୍ଦ କରିଦେଲା ସେ ଶ୍ୱାସ ପ୍ରଶ୍ୱାସକୁ, ଭୁଲିଗଲା ସେ ନିଜର ଜୀବନକୁ, ଭାସିଗଲା ସେ ପ୍ରେମର ସ୍ରୋତରେ, ପ୍ରଣୟର ଫଲ୍ ଗୁ ତଳେ ଭୁଲିଗଲା ସେ ସବୁକିଛି ।

ମିନୁକୁ ପାଇ ମୁଗ୍ଧ, ବିଭୋର, ଆମୋହିତ ଆଶୁତୋଷ । ଆଙ୍କିଦେଲା ଅଜସ୍ର ଚୁମ୍ବନ ମିନୁର ଶରୀରରେ । ପରିତୃପ୍ତ କଲା ନିଜକୁ ଆଉ ରଖିଦେଲା ମିନୁକୁ ନେଇ ପୁଣି ପାଣିରେ ।

ବିଚିତ୍ର ଏ ମିଳନ ଯାହାର ପରିଭାଷା ଅକଳନୀୟ ।

ସଂଯୋଗର ଏକ ସୁନ୍ଦର ସୁଖଦ ମୁହୂର୍ତ୍ତ । ଅଦ୍ଭୁତ ସେଇ ଯୋଡ଼ି ।

ଗୋଲାର୍ଧର ଦୁଇଟି ଅଲଗା ରଙ୍ଗରେ ବାସ କରୁଥିବା ଦୁଇଟି ପ୍ରାଣୀ, ଦୁଇଟି ଭିନ୍ନ ରୁଚିର ଜୀବନ ଶୈଳୀ । କିପରି ସମ୍ଭବ ହେଇ ପାରିଲା ସେମାନଙ୍କ ଭିତରେ ବନ୍ଧୁତା ପୁଣି ପ୍ରେମ !

ଏ ଥିଲା ବନ୍ଧୁତାର ଏକ ଅସାମାନ୍ୟ, ଅସାଧାରଣ ଉଦାହରଣ ଆଉ ପ୍ରେମର ଅନ୍ଧାପଣ ।

ବହୁତ ଥର ଏ ମିଳନର ପୁନାରବୃତ୍ତି ହେଲା ।

ପ୍ରତିଥର ମିନୁ ଯନ୍ତ୍ରଣାରେ ଛଟପଟ ହେଉଥିଲା ତଥାପି ପ୍ରେମିକର ବାହୁ ବନ୍ଧନରେ ନିଜକୁ ଖୋଜୁଥିଲା । ପ୍ରେମିକ ହାତର ଉଷ୍ମ ମହକ, ଚୁମ୍ବନର ମାଦକତା, ପ୍ରଣୟର ପ୍ରଗଳ୍ଭତା ତାକୁ ଆକୁଳ ଆତୁର କରିଦେଉଥିଲା । ପରିତୃପ୍ତ ହେଉଥିଲା ଆଉ ଆଶୁତୋଷକୁ ପରିତୃପ୍ତ କରୁଥିଲା ।

ସେଦିନ ମିନୁକୁ କଣ ହେଲା କେଜାଣି....ଆଶୁତୋଷକୁ ଆମନ୍ତ୍ରିତ କଲା । ସାଗରର ଗହୀରି ନୀଳ ଜଳ ରାଶି ମଧ୍ୟରେ ମିଳନ କରିବାକୁ ପ୍ରସ୍ତାବ ବାଢ଼ିଲା । ନିବେଦନ କଲା ଥରୁଟେ କେବଳ ଥରୁଟିଏ ତା ସହିତ ଆସି ଢେଉ ସାଙ୍ଗେ ମିଶିଯିବା ପାଇଁ ।

ଆଶ୍ଚର୍ଯ୍ୟ ଚକିତ ହେଲା ଆଶୁତୋଷ ! ଅବାକ୍ ହେଇ ଦେଖିଲା ସେ କିଛିକ୍ଷଣ ମିନୁକୁ । କେମିତି ସ୍ୱୀକାର କରିବ ସେ ମିନୁର ଏପରି ପାଗଳାମି !

କିପରି ଆସିବ ଯେ ଏ ବିଶାଳ ଜଳରାଶି ଭିତରକୁ ! ଶ୍ୱାସରୁଦ୍ଧ ହେଇଯିବନି ତାର ! ଜୀବନର ରଙ୍ଗମଞ୍ଚରେ ଅଭିନୟ କରୁ କରୁ ଯେତେବେଳେ ଟିକେ ଅଣନିଶ୍ୱାସ ହେଇଯାଏ, କ୍ଷଣିକ ଶ୍ୱାସ ନେବା ଲାଗି ତ ସେ ଆସେ ମିନୁ ପାଖକୁ । ସେତକ ସେ କେମିତି ଜଳାଂଜଳି ଦେଇଦେବ ! ଗଭୀର ଦ୍ୱନ୍ଦ ଭିତରେ ପଡିଗଲା ଆଶୁତୋଷ ।

ପ୍ରେୟସୀ ମିନୁ ତାର ପ୍ରେମିକକୁ ମନେଇ ଚାଲିଥିଲା ଭରୋସାର ପାହାଡ ତୋଳି ତୋଳି । ହେଲେ ଆଶୁତୋଷକୁ ଭରୋସା ପାଉ ନ ଥିଲା ।

ଜୀବନ ଲୋଭୀ ଆଶୁତୋଷ ପ୍ରେମର ଗଭିରତାକୁ ବୁଝିପାରୁ ନ ଥିଲା । କାମନା ବାସନା ଭୋଗୀ ଆଶୁତୋଷ ପ୍ରେମର ଅଲୌକିକତା କେମିତି ବା ବୁଝିବ !

ହଁ...କବିର କଲମରେ ଆଉ ରଙ୍ଗୀନ୍ ପରଦାରେ ସବୁକିଛି ସମ୍ଭବ । ସେଠି ପ୍ରେମ ସବୁଠାରୁ ଶକ୍ତିଶାଳୀ, ଲଂଘିପାରେ ସୁଉଚ୍ଚ ଗିରିଶୃଂଗ ତ ଡେଇଁ ଯାଇପାରେ ସାତ ସମୁଦ୍ର । ପୁଣି କେତେବେଳେ ତୋଳି ଆଣେ

ଆକାଶରୁ ଚାନ୍ଦ ତାରା ତ ଖୋଜି ଆଣି ଦେଇପାରେ ସାତତାଳ ପାଣି ଭିତରୁ ମୁକୁତାର ମୁକୁଟ । ପ୍ରେମ ଏକ ଅନୁଭବ ସତ । ଅନୁଭବ ଯେତେବେଳେ ଭାବନାରେ ଆସିଯାଏ ସେତେବେଳେ ପ୍ରେମ ଶକ୍ତିଶାଳୀ ହୋଇଯାଏ । ସବୁ ପରିସୀମାକୁ ଅନାୟାସରେ ଖଣ୍ଡନ କରିଥାଏ । ହେଲେ ବାସ୍ତବରେ ଏହା କଣ ସମ୍ଭବ ! ସବୁ ପରିସୀମାକୁ ଅତିକ୍ରମ କରିବା କଣ ଏତେ ସହଜ ସତରେ !

କେମିତି ଆଶୁତୋଷ ନିଜ ପ୍ରାଣର ପରିଧିକୁ ଡେଇଁ ଯିବ !

ପ୍ରତ୍ୟାଖାନ କଲା ସେ ମିନୁକୁ ।

ଧ୍ୱଂସ ବିଧ୍ୱଂସ ହେଇଗଲା ପ୍ରେମର କୁତବ୍ ମିନାର, ଫିକା ପଡିଗଲା ପ୍ରଣୟର ତୁଳୀରେ ଝଲକୁ ଥିବା ତାଜମହଲର ରଙ୍ଗ । ଚୁର୍ ମାର୍ ହେଇଗଲା ମିନୁର ସବୁ ସପନ ।

ସ୍ୱାର୍ଥୀ ପୁରୁଷ ପାଖରେ ପ୍ରେମ ପରକାଷ୍ଠାର ସତ୍ୟତାକୁ ଠିକ୍ ବୁଝିଗଲା ମିନୁ । ଫେରିଗଲା ମିନୁ ଦୁଃଖରେ, ଅଭିମାନରେ, ପ୍ରେମିକର ପ୍ରତାରଣାରେ, ପ୍ରେମରେ ହାରିଯାଇ, ପଳାତକ ପରି ଆହତ ହେଇ। ।

ଅସହାୟ, ନିର୍ବୀକାର ଭାବେ ଚାହିଁ ରହିଥିଲା ଆଶୁତୋଷ, ମିନୁର ପ୍ରତ୍ୟାବର୍ତ୍ତନକୁ । ଫେରିଯାଉଥିଲା ମିନୁ ନିଶ୍ଚଳ, ନିଶବ୍ଦ ହେଇ, ନିଜର ଦୂର୍ବଳ, କ୍ଷୀଣ ଶରୀରକୁ ବାଲୁକା ପିଠିରେ ଭରାଦେଇ । ସବୁଦିନ ପରି ତାର ସେଇ ଦର୍ପ ନଥିଲା, ନ ଥିଲା ତାର ସେଇ ଛନ୍ଦାୟିତ, କ୍ରୀଡାରତ ଗତି ବିଧି । ନ ଥିଲା ତରଙ୍ଗରେ ଆଜି କମ୍ପନ । ଲାଗୁଥିଲା ସତେ ଯେମିତି ଉତ୍ତାଳ ଉନ୍ମାଦ ଢେଉ ଗୁଡିକ ମାଧ୍ୟାକର୍ଷଣ ହୀନ ହେଇ ଯାଇଛନ୍ତି ।

ସ୍ଥାଣୁ ପ୍ରତିମା ପାଲଟି ଯାଇଥିଲା ଆଶୁତୋଷ। ସାଗରର ପ୍ରଶସ୍ତ ବୁକୁରେ ମିନୁ ତାର ଲୁଚି ଯାଉଥିଲା ଧୀରେ ଧୀରେ । ହୃଦୟର ଅସମ୍ଭାଳ କୋହକୁ ଚାପି ପାରୁ ନ ଥିଲା ସେ ।

କଣ କରିବ ସେ ! କେମିତି ଫେରେଇ ଆଣିବ ସେ ତାର ମିନୁକୁ ! ନିଜ ମନକୁ ବାରମ୍ବାର ପଚାରି ଚାଲିଥିଲା...କାହିଁକି ମିନୁ ତା ଉପରେ ଏମିତି ଅଭିମାନ କରି ଫେରିଗଲା ? କେଉଁଠି ଭୁଲ୍ ରହିଗଲା ଯେ' ତାର !!

ꝏꝏ

**ଦେବଯାନୀ ସ୍ୱାଇଁ,** ଶିକ୍ଷୟତ୍ରୀ । ପଢିବା ଆଉ ପଢେଇବା ସହିତ କିଛି ଲେଖାଲେଖି କରିବାରେ ରୁଚି । କ୍ଷୁଦ୍ରଗଳ୍ପ ଲେଖନ୍ତି । ନିଜର ଆବେଗ ଓ ଅନୁଭବକୁ ପାଠକମାନଙ୍କ ପାଖରେ ଅଭିବ୍ୟକ୍ତ କରି ସେମାନଙ୍କ ହୃଦୟକୁ ଛୁଇଁ ଯିବା ହେଉଚି ତାଙ୍କର ଲକ୍ଷ୍ୟ । ଗୋରେଗାଓଁ, ମୁମ୍ବାଇରେ ରହନ୍ତି ।

ꝏꝏ

# ବଂଶୀ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ତୁମ ଓଠେ ବଂଶୀଟିଏ ହେବାଲାଗି ଭାରିମନ ହୁଏ
ପଚାରିବି ବାଉଁଶ ଖଣ୍ଡକୁ
କେତେ ତପସ୍ୟା କରିଛି ବଂଶୀଟେ ହେବାକୁ !
ଶୂନ୍ୟ ହେଲେ ହୃଦୟଟା
ସଂସାର ବନ୍ଧନ ସବୁ ହୁଗୁଳା ହୋଇଲେ
ବଂଶୀଟିଏ ପରି ଫମ୍ପା ହୋଇଗଲେ
ତୁମରି ଓଠରେ ଲାଗେ ଫିଟିପଡେ ସ୍ୱର ଯାଦୁକରୀ
ଓଁକାର ଝଙ୍କାର ତୋଳେ ସୃଜନୀର ମହା ସ୍ୱାକ୍ଷରରେ
ଆଉ ବାକ୍ୟ ସ୍ଫୁରେ ନାହିଁ ଶୁଭେନି ଶବଦ
ଖାଲି କାହା ବଂଶୀସ୍ୱନ ଉଚ୍ଚାଟିତ ଉଲ୍ଲସିତ କରେ
ନେଇଯାଏ କେଉଁ ଏକ ଲବଙ୍ଗ ଦ୍ୱୀପକୁ
ଧ୍ୟାନ ମୁଦ୍ରାରେ ନିବୁଜ ଷଢରନ୍ଧ୍ର
ଇଡା ଓ ପିଙ୍ଗଳା ବାଟ ଭୁଲିଯାନ୍ତି
କେବଳ ସହସ୍ରାର ଚକ୍ର ଖୋଲିଯାଏ
ଶତଦଳ ପଦ୍ମପରେ ଉଭା ହୋନ୍ତିନିଜେ ବଂଶୀଧାରୀ
ସବୁ ବାଟବଣା ପୁଣି ଫେରିଆସି
ଉଭା ହୋଇଯାନ୍ତି ନିର୍ଦ୍ଦିଷ୍ଟ ପଥରେ
ବଂଶୀ ତୁ ଏମିତି ଆନମନା କରୁବୋଲି
ଭାବାବିଷ୍ଟ କରୁ ବୋଲି ଆକର୍ଷିତ କରୁ ବୋଲି
ଯିବିନାହି ଯିବିନାହି ଭାବି ପୁଣି ଦୌଡୁଥାଏ
ନିଜେ ଥରେ ଫମ୍ପା ହେବାଯାଏ
ତୋ ଓଠର ଦୂରତ୍ୱ କମି କମି ଆସେ
ପୁଣି କେତେବେଳେ ଶେଷ ହୋଇଯାଏ ।

ꣲꣲ

# ସାଆନ୍ତେ ତୁମେ ଅଛ ବୋଲି

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ତୁମେ ଅଛ ବୋଲି ତ ସାଆନ୍ତେ
ମୋର ଏତେ ଦମ୍ଭ ଏତେ ଅଭିମାନ
ତୁମେ ଶୁଣୁଛ ବୋଲି ସାଆନ୍ତେ
ମୋର ଏତେ ବେଶୀ ଅଭିଯୋଗ
ତମ ସଙ୍ଗୀତ ଆକର୍ଷିତ କରେ ବୋଲି
ତମ ନାମ ଗାଏ ବାରମ୍ବାର
ତମ ଭୋଗରେ ଭୋକ ବଢେ ବୋଲି
ମହାପ୍ରସାଦର ବାସ୍ନାରେ ବିଭୋର
ତମ ଟଙ୍କ ତୋରାଣୀର ଲୋଭରେ
ଡହ ଡହ ଖରାରେ ଧାଇଁଯାଏ ବାରମ୍ବାର
ତମ ଆଖିରେ ବିଶ୍ୱ ବ୍ରହ୍ମାଣ୍ଡ ଦେଖି
ବିସ୍ମରିଯାଏ ଯାହା କହିବାକୁ ଥାଏ
ତମ ଆସିବା ଯିବା ଶୁଣି ଶୁଣି
ଇନ୍ଦ୍ରଦ୍ୟୁମ୍ନଙ୍କ ପାଖକୁ ଫେରିଯାଏ
ତମେ ପାପନାଶ କରିଦିଅ ବୋଲି
ରଖ ରଖ ବୋଲି ଡକା ପାରୁଥାଏ
କ୍ଷମାକର ବୋଲି ବେଦୀକାରେ
ସବୁବେଳେ ମୁଣ୍ଡ କୋଡୁଥାଏ
ମୋ ମନର ହୃଦ ମନ୍ଦିରରେ
ବିରାଜିତ ହେ ଜଗତ ଉଦ୍ଧାରକ ସ୍ୱାମୀ
ଜୀବନର ସ୍ମୃତି ପଣତରେ ଭାବଟିଏ
ହେ ପରମ ପ୍ରିୟ ଅନ୍ତର୍ଯ୍ୟାମୀ
କେତେବେଳେ ଅଜାଣତେ ଭାସିଯାଏ
ତୁମ ନେତ ଛୁଇଁବାକୁ ଅମାନିଆଁ ମନ
ସଦା କାନ ଡେରିଥାଏ ଶୁଣିବାକୁ
ସୁମଧୁର ତୁମ ବଂଶୀସ୍ୱନ
ତୁମ ରଥ ଛୁଇଁବାର କପଟପାଶାରେ
ଆଉ ପଡିଯିବି ନାହିଁ ଏ ଶେଷ ବେଳରେ
ଏ ଛାର ଜୀବନେ ଏତେ ପୂଣ୍ୟ କାହିଁ ମୋର
ଛୁଇଁଯିବି ନନ୍ଦିଘୋଷ ସେ ବଡଦାଣ୍ଡରେ ।
ମୁକତି ମୁଁ ଚାହେଁ ନାହିଁ ବାରବାର
ଲଭୁଥିବି ଜନମ ମରଣ
ପୁଣିଥରେ ଜନନୀ ଜଠରେ ଶୋଇଯିବି
ଦେଖିବାକୁ ତୋ ଲୀଳା ଅସୀମ ।
ମୋ ନିଶ୍ୱାସରେ ତୁମେ, ବିଶ୍ୱାସରେ ତୁମେ
ସାଆନ୍ତ ହେ ପରମ ପାବନ ।

ଠଠ

# ମୃତ୍ୟୁ ଟିକେ ରହିଯା

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ମରଣ ଆସିଲେ କହିବି ମୁହିଁ
ଶରଣ ତୋର ଯାଉଛି ନେଇ
ରହ ଗୋ ଟିକେ ଦେଖିବି ଚାହିଁ
ଆସିବ ପ୍ରୀତି ବାରତା ନେଇ ।

ଗୋପନେ ସାଜି ଅଛି ମୁଁ ବେଦୀ
ବିଭୋର ସେଇ ପ୍ରଣୟୀ ଲାଗି
ଆକାଶେ ଚାହେଁ ଅଷ୍ଟମୀ ଚାନ୍ଦ
ତୋଳୁଛି କେତେ ନିବିଡ ଛବି ।

ମରଣ ଟିକେ ରହ ଗୋ ରହ
ହେଇନି ବେଳ ଯିବାର ଲାଗି
ପ୍ରଣୟୀ ମୋର ଛୁଇଁନି ଦେହ
ତା ଲାଗି ଖାଲି ରହିଛି ଜାଗି ।

ମନ୍ତ୍ର ଦେଲେ ଆଦର କଲେ
ସଜଳ ଆଖି ମୋର ପୋଛିଲେ
କଥା ବି ଦେଲେ ରହିବି ସାଥେ
ଦୂରେ ପ୍ରବାସୀ ସାଥୀ ଏ ବେଳେ ।

କାହାକୁ ଆଉ ଦେଇନି କେବେ
ଏ ମନ ଝୁରେ ତାଙ୍କରି ପାଇଁ
ନେବ କି ତୋଳି ବୁକୁରେ ସିଏ
ଦେବେ କି ନିଜ ସାଥେ ଜଡାଇ !

ମରଣ ଟିକେ ରହରେ ଚାହିଁ
ପ୍ରଣୟୀ ମୋର ମିଳିଲା ପରେ
ବାନ୍ଧି ନେବୁ ତୋ ଯମ ଫାଶରେ
ଆପତ୍ତି ଆଉ ଥିବ କାହିଁରେ ।

ଠଠ

**ବିଜୟଲକ୍ଷ୍ମୀ ପଟ୍ଟନାୟକ** ଜଣେ ଅନୁବାଦିକା, ପ୍ରାବନ୍ଧିକା, କବି, ପ୍ରବଚିକା, ମଞ୍ଚ ସଞ୍ଚାଳିକା, 'ସନାତନୀ' ପତ୍ରିକାର ସମ୍ପାଦିକା, ଓ ୧୨ଟି ପୁସ୍ତକର ଲେଖିକା । ସେ ହିନ୍ଦୀ, ବଙ୍ଗଳା ଏବଂ ଇଂରାଜୀ ଭାଷାରୁ ଅନେକ ବହି ଓ ଲେଖା ଅନୁବାଦ କରିଛନ୍ତି । ତାଙ୍କର ଅନୁବାଦ ପୁସ୍ତକ 'କୁଆ ଓ କଳାପାଣି' (କେନ୍ଦ୍ର ସାହିତ୍ୟ ଏକାଡେମୀ), ଓ ତସଲିମା ନାସରିନଙ୍କ ବଙ୍ଗଳା ପୁସ୍ତକ 'ନଷ୍ଟ ଝିଅର ନଷ୍ଟ ଗଦ୍ୟ' (ଫ୍ରେଣ୍ଡସ୍ ପବ୍ଲିସର୍ସ) ପ୍ରକାଶିତ ହୋଇଛି । ଏତଦ୍ ବ୍ୟତୀତ ସେ ଆଧ୍ୟାତ୍ମିକତା ଉପରେ ପିଲାମାନଙ୍କୁ ଶିକ୍ଷା ଦେଇଥାନ୍ତି । ପାଖାପାଖି ଗ୍ରାମମାନଙ୍କରେ ମା' ଓ ଶିଶୁର ଯତ୍ନ, ପରିଷ୍କାର ପରିଚ୍ଛନ୍ନତା, ସ୍ତନ୍ୟଦାୟୀ ମା'ମାନଙ୍କର ଯତ୍ନ ଆଦି ବିଷୟରେ ସଚେତନତା ସୃଷ୍ଟି କରିଥାନ୍ତି । ସେ ଭୁବନେଶ୍ୱରରେ ରହନ୍ତି ।

ଠଠ

# Images from Odisha



# Bruises

Nilamadhab Kar

If you may,
Show me your bruises,
I know you have a few,
You are trying to hide,
Through your smiles,
All these years,
But they still ooze out,
In porous evenings
And the dried streak
Sparkle on your face
In the morning sun,
But you don't see it,
You think nobody notices it

If you may,
Share with me,
I'll apply a balm
Or a kiss,
Hope it will help,
Heal

But if any of those bruises
Are from me,
By my punches,
I will spread myself,
My mind and body,
Before you,
If it helps
For you to punch back,
If that makes you feel good
I'll offer you myself,
My body and mind

∞∞

# You are not here

Nilamadhab Kar

It's unimaginable
That you aren’t here

I feel like just picking up the phone
And invite you for lunch
There is a feeling
You will be visiting us
Saturday, as usual
And I will drop you off in the evening

We'll pack a little dinner
For you and your friend
You love delicacies, and
We loved you being around
Here with us

It's unimaginable
That you are not here

You are not here. Any more
You are not visiting us
You have left
And you are not coming back
Ever …

I know…

But the feeling is here
You are here
You are here, somewhere

And
You may just respond to my phone
And come home
∞∞

# There are no ways to yesterdays

Nilamadhab Kar

You are not here any more
You have gone far far away

There is an emptiness
And there isn't one
It's rather transparent
You can't see it

Your touch, your presence is
Everywhere, almost
Lingering for those who knew
You were here one day

Some wonder if you would come back
Some feel you may
Some are not sure
Why should you come back here?
Here?

You ejected yourself out
Mid-flight
To the space,
By design, plan, wish and desires
All yours

You knew where you are going
Why would you come back
Why would you
Come back here
Why would anyone

Nobody comes back
You won't.

Rather
You can’t come back
‘You’ who have left would have changed
To a new who, a new self

And this place now
Would have changed
Different to the one
You left behind

So also the people

Many wouldn’t recognise you
You might not remember many

You can’t comeback
There are no ways to yesterdays
∞∞

**Prof Nilamadhab Kar** expresses mostly in poems, and sometimes in stories. His themes depict human relationships; however a specific part of his literary communication appears to be dedicated for uplifting human spirits, having as if a therapeutic quality. He is a consultant psychiatrist based in the UK, and is linked to the University of Wolverhampton, UK and Sri Sri University, India. He is credited with a number of scientific research articles and books in mental health.
∞∞



Images from Odisha

## ପୁସ୍ତକ ସମୀକ୍ଷା

### ଶରତ ଗୀତିସମଗ୍ର

ପ୍ରଫେସର ଶରତ ଚନ୍ଦ୍ର ରଥ




Profesor Sarat Chandra Rath. Sarat Gitisamagra. Divya Prakashani. Bhubaneswar, 2021.

Prof. Sarat Chandra Rath, MA, MPhil, PhD is Former Professor and Head, Department of Odia Language, Vani Vihar, Utkal University, Bhubaneswar. He is an unabridged writer, researcher and critic. He is well-known as a lyricist and column writer. He is famous for his *gitikabita*. He has more than thirty books to his credit. Some of his poetry collections are Dhupabas, Nabachetana, Mati Mahak, Aradhana, Banamala, Kali Sakalar Surya. He has also written books involving critiques, essays and has put together many excellent compilations. Many of his books have been translated to English. He is winner of several awards including the prestigious ‘Bhaktakabi Memorial Gold Medal’, Kabi Samrat Upendra Bhanja Samman, Jayadev Kabi Samman, and many more. This book contains the collection of his writings over the years. It is a collector’s delight and will add value to any library.

∞∞

# ପୁସ୍ତକ ସମୀକ୍ଷା

## ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ

ମନୋଜ କୁମାର ଜେନା




**ମନୋଜ କୁମାର ଜେନା. ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ, ୨୦୨୧, ଭୁବନେଶ୍ୱର.** Available at mkjena1957@gmail.com

ଏ ପୁସ୍ତକରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ବହୁ ଉପାଦେୟ ତଥ୍ୟ ସନ୍ନିବେଶିତ ହୋଇଛି । ବାଟମଙ୍ଗଳାରୁ ଶ୍ରୀମନ୍ଦିରର ରତ୍ନ ସିଂହାସନ ପର୍ଯ୍ୟନ୍ତ ଯେଉଁ ଦେବାଦେବୀ ଓ ପବିତ୍ର ସ୍ଥଳ ଦୃଷ୍ଟିଗୋଚର ହୁଅନ୍ତି, ସେ ବିଷୟରେ ବିଶଦଭାବେ ବର୍ଣ୍ଣନା କରାଯାଇଛି । ଏତଦବ୍ୟତୀତ ଜଗନ୍ନାଥ ସଂସ୍କୃତି, ମହାପ୍ରସାଦ, ରୋଷଘରର ରୋଷେଇ ପ୍ରଣାଳୀ, ପ୍ରଭୁଙ୍କର ବିଭିନ୍ନ ବେଶ, ଦୈନନ୍ଦିନ ନୀତି, ରଥଯାତ୍ରା, ଅନବସର, ନବକଳେବର, ଗୁଣ୍ଡିଚା ମନ୍ଦିର ଓ ତାର ନୀତି ଏଥିରେ ଅନ୍ତର୍ଭୁକ୍ତ । ମହାପ୍ରଭୁଙ୍କ ବିଷୟରେ ଅଧିକ ଜାଣିବା ପାଇଁ ପ୍ରଭୁଙ୍କର ଷୋଳକଳା, ଶ୍ରୀମନ୍ଦିରକୁ ବିଭିନ୍ନ ସମୟରେ ଆକ୍ରମଣ, ପାତାଳି ଶ୍ରୀକ୍ଷେତ୍ର, ବିଭିନ୍ନ ସନ୍ଥଙ୍କ ଆଗମନ, ଗୋବର୍ଦ୍ଧନ ମଠ, ରତ୍ନ ଭଣ୍ଡାର ଓ ରାଜଗାଦିରେ ଗଜପତି ଦିବ୍ୟସିଂହ ଦେବଙ୍କର ପଚାଶ ବର୍ଷ ପୂର୍ତ୍ତି ବିଷୟରେ ଆଲୋକପାତ କରାଯାଇଛି । ଶ୍ରୀ ଜଗନ୍ନାଥ ଓ ବିଶ୍ୱ ଭ୍ରାତୃତ୍ୟ, ପ୍ରଭୁଙ୍କର ମାନବୀୟ ଲୀଳା ଓ ବୈଶିଷ୍ଟ୍ୟ, ସ୍କନ୍ଦ ପୁରାଣର ସଂକ୍ଷିପ୍ତ ଉପସ୍ଥାପନା ତଥା ଶ୍ରୀମନ୍ଦିରରେ ବ୍ୟବହୃତ ଶବ୍ଦାବଳୀ ପୁସ୍ତକକୁ ଅଧିକ ଋଦ୍ଧିମନ୍ତ କରିଅଛି । ଭାଷାର ସାବଲୀଳତା ଓ ତଥ୍ୟର ମହାର୍ଘତାରେ ପରିପୂର୍ଣ୍ଣ ପୁସ୍ତକ ସରସ, ସୁନ୍ଦର ଓ ସୁଖପାଠ୍ୟ ହୋଇଛି ।

୦୦

# ପୁସ୍ତକ ପରିଚୟ




Bhagirathi Mahasuar. Pacheri Sepate. (Translated from Beyond Barriers by Anant Kadam). Publisher: Odisha Sahitya Academy, Bhubaneswar, 2019.

∞∞




Bhagirathi Mahasuar, Random Petals, Maxcurious Publications, Bhubaneswar, 2016.

∞∞




Bhagirathi Mahasuar. Shree Lingaraj. Publisher: Ama Odisha, Bhubaneswar, 2019

∞∞

# ପୁସ୍ତକ ପରିଚୟ




Binodini Patra. Maharani. (Poetry anthology).
Disha Books, Bhubaneswar, 2022.
∞∞




Binodini Patra. Devi Darshana (Short story collection). Gyanajuga Publication Bhuaneswar 2013
∞∞




Manoj Kumar Jena. Saja Sakala. Stort Story collection. Publisher: Gitanjali Jena, Bhubaneswar, 2019.
∞∞

# ପୁସ୍ତକ ପରିଚୟ




Manoj Kumar Jena. Achinha aakash. Stort Story collection. Publisher: Gitanjali Jena, Bhubaneswar, 2020

∞∞




Dharanidhar Naik. Bhashatatwa Pratikhya. Chandan Printers, Cuttack, 2021.

∞∞




Dharanidhar Naik. Byakaran Baridhi. Gyanajuga Publication, Bhubaneswar, 2022

∞∞

## Information about the journal

ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [The Srujan: The Creativity Journal (SCJ)] is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal.

It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted.

Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

### Periodicity

At the moment it is thrice a year: **April, August and December**. The frequency may increase. There is provision of special issues occasionally.

## Instruction to authors

### Type of articles

**Poems:** Upto 3 short poems can be submitted. Shorter poems with less than 20 lines are better.

**Short stories:** Only one short story at a time. Preferrably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / Dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

## Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Submission of articles

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not

be processed further. Please check for spelling mistakes, typographical issues before submission. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

## Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content.

Save the file in **your name and the type of article** (e.g. Ramnath Lenka - Poem)

## Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*
5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

## Srujan Book Review

Srujan publishes Book Reviews (and Pustak Introductions / parichay) in its issues to popularise books related to Odisha and Odia. Interested authors and publishers may send two copies of the book for review. ***Address to post the books***:

**Srujan, 130, Ratnakar Bag, Bhubaneswar, 751018, India**.

After posting the book, please submit following information by email to srujan.journal@gmail.com

- Title of the book:
- Author full name:
- Publisher:
- Publication place:
- Publication year:
- Book availability: Publisher address / Any link to order the book:
- Any specific points about the book that should be considered for inclusion in review.
- Cover page photo of the book in JPEG

---

## Srujan Literary Magazine Review

Srujan publishes Magazine Reviews in its issues to popularise books related to Odisha and Odia. Interested Editors and publishers may send two copies of the magazine for review. ***Address to posting the magazines***:

**Srujan, 130, Ratnakar Bag, Bhubaneswar, 751018, India**.

After posting the magazine, please submit following information by email to srujan.journal@gmail.com

- Title of the magazine:
- Full name of Editors:
- Publisher:
- Publication place:
- Publication frequency:
- Publisher address / Any link to order the magazine:
- Any specific points about the magazine that should be considered for inclusion in review.
- Article submission email or address:
- Cover page photo of the Magazine in JPEG

---

The Institute of Insight

**The Institute of Insight, UK**

**[A non-profit organisation]**

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.